Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 103
Thursday, 18 June 2026
Balasore, Page : 8, ₹ 2/
ବାଲେଶ୍ୱର, ଗୁରୁବାର, ୧୮ ଜୁନ୍, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଓଡ଼ିଶା-ସିଙ୍ଗାପୁର ସହଭାଗିତା ହେବ ସମ୍ପର୍କ ସୁଦୃଢ଼ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭/୬ (ଆ.ପ୍ର) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବୁଧବାର ଭାରତରେ ଅବସ୍ଥାପିତ ସିଙ୍ଗାପୁରର ହାଇକମିଶନର ସାଇମନ୍ ୱଙ୍ଗ ଲୋକସେବା ଭବନ ଠାରେ ବୁଧବାର ସାକ୍ଷାତ କରିଛନ୍ତି । ଉଚ୍ଚସ୍ତରୀୟ ବୈଠକରେ ଦ୍ୱିପାକ୍ଷିକ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରିଛନ୍ତି । ଏଥିରେ ଉଭୟ ଦେଶ ମଧ୍ୟରେ ଥିବା ବାଣିଜ୍ୟିକ ଓ ବୈଷୟିକ ସମ୍ଭାବନାକୁ ବାସ୍ତବ ରୂପ ଦେବା ଦିଗରେ ଏକ ଦୃଢ଼ ପଦକ୍ଷେପ ନିଆଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସିଙ୍ଗାପୁରର ସହରୀ ଯୋଜନା, ସ୍ୱଚ୍ଛ ଶକ୍ତି, ବନ୍ଦର ପରିଚାଳନା, ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଥିବା ଦକ୍ଷତା ଓଡ଼ିଶାର ବିକାଶମୂଳକ ଲକ୍ଷ୍ୟ ହାସଲ ଦିଗରେ ଖୁବ୍ ସହାୟକ ହେବ । ବିଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା ଅଭିବୃଦ୍ଧିର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି । 'ସମୃଦ୍ଧ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ହାସଲ ଦିଗରେ ସିଙ୍ଗାପୁର ଏକ ସ୍ୱାଭାବିକ ପାର୍ଟନର୍ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ବୈଠକରେ କହିଛନ୍ତି । ଓଡ଼ିଶାର ସମୃଦ୍ଧ ପୁଞ୍ଜିନିବେଶ ଅନୁକୂଳ

ପରିବେଶ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ସିଙ୍ଗାପୁର ନିବେଶକମାନଙ୍କୁ ସମ୍ପୂର୍ଣ୍ଣ ସହାୟତା, ସିଙ୍ଗଲ୍-ୱିଣ୍ଡୋ ବ୍ୟବସ୍ଥା ଏବଂ ନିବେଶ ପ୍ରସ୍ତାବ ଉପରେ ତୁରନ୍ତ ନିଷ୍ପତ୍ତି ଗ୍ରହଣର ପ୍ରତିଶ୍ରୁତି ଦେଇଥିଲେ । ଜାନୁଆରୀ ୨୦୨୫ରେ ସିଙ୍ଗାପୁରର ରାଷ୍ଟ୍ରପତି ଡକ୍ଟର ଥରମାନ ସନମୁଗରତ୍ନମଙ୍କ ଓଡ଼ିଶା ଗସ୍ତ ବିଷୟରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଗସ୍ତ ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ସହଯୋଗକୁ ସୁଦୃଢ଼ କରିଥିଲା । ଏହି ସମୟରେ ରାଜ୍ୟର ୫ଟି ପ୍ରମୁଖ ବିଭାଗ ମଧ୍ୟରେ ୮ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (MoU) ସ୍ୱାକ୍ଷରିତ ହୋଇଥିଲା । ଏହି ୮ଟି MoUର ଅଗ୍ରଗତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଇ ଓଡ଼ିଶାରେ ସିଙ୍ଗାପୁର'ର ନିବେଶ ତଥା ବିଭିନ୍ନ ପାର୍ଟନର୍ସିପ୍'ର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଏକ ସୁ-ବ୍ୟବସ୍ଥିତ ମେକାନିଜିମ୍ ବା Structured Engagement Mechanism ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ । ଏଥିସହିତ ସେ ଗ୍ରୀନ୍ ଏନର୍ଜି, ସହରୀ ବିକାଶ ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ସିଙ୍ଗାପୁରର ବ୍ୟବସାୟିକ ପ୍ରତିନିଧି ଦଳକୁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଥିଲେ । ଓଡ଼ିଶାରେ ହୋଇଥିବା 'ବ୍ଲକ୍ ସ୍ୱାନ୍ ସମିଟ୍' ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାର ଯୁବବର୍ଗଙ୍କୁ ଫିନଟେକ୍ ଓ ଇନୋଭେଟେକ୍ କ୍ଷେତ୍ରରେ ଦକ୍ଷ କରିବା ପାଇଁ ପଦକ୍ଷେପ ନିଆଯାଇଛି । ସିଙ୍ଗାପୁର'ର ସହଯୋଗରେ ଓଡ଼ିଶାରେ ଫିନଟେକ୍ ଓ ଇନୋଭେଟେକ୍ କ୍ଷେତ୍ରରେ ଉଦ୍ୟମକୁ ଆହୁରି ସୁଦୃଢ଼ କରାଯିବ ବୋଲି ସେ କହିଥିଲେ । ଭାରତରେ ଅବସ୍ଥାପିତ ସିଙ୍ଗାପୁରର ହାଇକମିଶନର ସାଇମନ ୱଙ୍ଗ ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂରଣ ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଓଡ଼ିଶାର ବିକାଶ ପ୍ରକ୍ରିୟାରେ ସିଙ୍ଗାପୁର ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେବା ସହ ଆଗାମୀ ଦିନରେ ରାଜ୍ୟର ପ୍ରଗତି ଏବଂ ଅଭିବୃଦ୍ଧି ଯାତ୍ରାରେ ସେମାନେ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଶ୍ରୀ ୱଙ୍ଗ ପ୍ରକାଶ କରିଛନ୍ତି । ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ ଦେବ ପ୍ରମୁଖ ଉପସ୍ଥିତ ଥିଲେ । ସିଙ୍ଗାପୁର ପକ୍ଷରୁ ହାଇକମିଶନରଙ୍କ ସହ ମୁମ୍ବାଇର କନସୁଲ୍-ଜେନେରାଲ୍ ଚଙ୍ଗ ମିଙ୍ଗ୍ ଫୁଙ୍ଗ୍ (Mr Cheong Ming Foong) ଏବଂ ହାଇକମିଶନର କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ଜୁଲାଇ ପହିଲାରୁ ରାଜ୍ୟରେ ଲାଗୁ ହେବ 'ଭିବି-ଜୀ ରାମ ଜୀ' ଯୋଜନା

ଭୁବନେଶ୍ୱର, ୧୭/୬ (ଆ.ପ୍ର) : ଆସନ୍ତା ଜୁଲାଇ ପହିଲାରୁ ରାଜ୍ୟର ଗ୍ରାମାଂଚଳରେ ରହୁଥିବା ଗରିବ ଲୋକମାନଙ୍କୁ ୧୨୫ଦିନର ରୋଜଗାର ଗ୍ୟାରେଂଟି ମିଳିବ । ଦୁଇ ଦଶନ୍ଧି ପୁରୁଣା 'ମନରେଗା ଯୋଜନା' ପରିବର୍ତ୍ତେ ରାଜ୍ୟର ସମସ୍ତ ପଂଚାୟତରେ ଆସନ୍ତା ଜୁଲାଇ ପହିଲାରୁ 'ବିକଶିତ ଭାରତ-ରୋଜଗାର ଗ୍ୟାରେଂଟି ଓ ଆଜୀବିକା ମିଶନ(ଗ୍ରାମୀଣ) ବା 'ଭିବି-ଜୀ ରାମଜୀ' କାର୍ଯ୍ୟକାରୀ ହେବ । କେନ୍ଦ୍ର ସରକାରଙ୍କ 'ବିକଶିତ ଭାରତ-ରୋଜଗାର ଗ୍ୟାରେଂଟି ଓ ଆଜୀବିକା ମିଶନ(ଗ୍ରାମୀଣ) ଅଧିନିୟମ-୨୦୨୫ର ଧାରା-୩(୧)ରେ ପ୍ରଦତ୍ତ କ୍ଷମତାର ଉପଯୋଗ କରି ରାଜ୍ୟ ପଂଚାୟତିରାଜ ବିଭାଗ ଆଜି ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିଛି । ମନରେଗା ଯୋଜନାରେ ବର୍ଷକୁ ୧୦୦ଦିନର କାମ ଯୋଗାଇ ଦିଆଯାଉଥିବାବେଳେ ଏହି ପରିବର୍ତ୍ତିତ 'ଭିବି ଜୀ ରାମଜୀ ଯୋଜନା'ରେ ଅତିକମରେ ୧୨୫ ଦିନର ବୈଧାନିକ ମଜୁରୀ-ଭିତ୍ତିକ ରୋଜଗାର ଗ୍ୟାରେଂଟି ପ୍ରଦାନ କରାଯିବ । ଭାରତ ସରକାରଙ୍କ ଏହି ଯୋଜନାରେ ଅନୁମୋଦିତ ଆବଂଟନର ବ୍ୟୟଭାର ୬୦ ପ୍ରତିଶତ କେନ୍ଦ୍ର ଓ ୪୦ ପ୍ରତିଶତ ରାଜ୍ୟ ସରକାର ବହନ କରିବେ । ଯୋଜନାରେ ମହିଳାମାନଙ୍କ ଭାଗିଦାରୀ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି ଓ ମୋଟ ହିତାଧିକାରୀଙ୍କ ମଧ୍ୟରୁ ଅତିକମରେ ଏକ ତୃତୀୟାଂଶ ମହିଳା ହେବା ବାଧ୍ୟତାମୂଳକ କରାଯାଇଛି । ଏମାନଙ୍କ ବ୍ୟତୀତ ସମାଜର ଦୁର୍ବଳ ଓ ଅବହେଳିତ ବର୍ଗ ଯଥା- ଏକାକୀ ମହିଳା, ଭିନ୍ନକ୍ଷମ ବ୍ୟକ୍ତି, ୬୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି, ମୁକ୍ତ ଗୋତି ଶ୍ରମିକ, ପିଭିଟିଜି ଓ କିନ୍ନରମାନଙ୍କୁ ଏକ ଭିନ୍ନ ରଙ୍ଗର 'ସ୍ୱତନ୍ତ୍ର ଗ୍ରାମୀଣ ରୋଜଗାର ଗ୍ୟାରେଂଟି କାର୍ଡ' ପ୍ରଦାନ କରାଯିବ । ଏହି ସ୍ୱତନ୍ତ୍ର କାର୍ଡ କାର୍ଯ୍ୟ ଯୋଗାଇବା, କାର୍ଯ୍ୟର ମୂଲ୍ୟାଙ୍କନ ଓ କାର୍ଯ୍ୟସ୍ଥଳରେ ସୁବିଧା ସୁଯୋଗ କ୍ଷେତ୍ରରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ସୁନିଶ୍ଚିତ କରିବ । ଶ୍ରମିକମାନଙ୍କ ଆର୍ଥିକ ସ୍ୱାର୍ଥ ରକ୍ଷା ପାଇଁ ଏହି ଯୋଜନାରେ କେତେକ କଠୋର ଆଇନଗତ ଗ୍ୟାରେଂଟି ଓ ସମୟସୀମା ସ୍ଥିର କରାଯାଇଛି । କାମ ପାଇଁ ଆବେଦନ କରିବାର ୧୫ ଦିନ ମଧ୍ୟରେ ଯଦି କାମ ଯୋଗାଇ ଦେବାରେ ପ୍ରଶାସନ ବିଫଳ ହୁଏ, ତେବେ ଆବେଦନକାରୀ ଦୈନିକ ବେକାରୀ ଭତ୍ତା ପାଇବାକୁ ହକଦାର ହେବେ । ଏହି ବେକାରୀ ଭତ୍ତାର ହାର ଆର୍ଥିକ ବର୍ଷର ପ୍ରଥମ ତିରିଶ ଦିନ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞାପିତ ମଜୁରୀ ହାରର ଏକଚତୁର୍ଥାଂଶ ଓ ଅବଶିଷ୍ଟ ଅବଧି ପାଇଁ ଅଧା ଅଂଶରୁ କମ୍ ହେବ ନାହିଁ । ସେହିପରି କାମର ମଷ୍ଟର ରୋଲ୍ ବନ୍ଦ ହେବାର ୧୫ଦିନ ମଧ୍ୟରେ ଯଦି ମଜୁରୀ ପ୍ରଦାନ କରାନଯାଏ, ତେବେ ୧୬ ଦିନଠାରୁ ପ୍ରତିଦିନ ପାଇଁ ବାକି ରହିଥିବା ମଜୁରୀର ୦.୦୫% ହାରରେ ବିଳମ୍ବ ଜନିତ କ୍ଷତିପୂରଣ ମିଳିବ । ଏହି କ୍ଷତିପୂରଣ ରାଶିକୁ ପ୍ରଶାସନ ଅଗ୍ରୀମ ଭାବେ ପ୍ରଦାନ କରି ବିଳମ୍ବ ପାଇଁ ଦାୟୀ କର୍ମଚାରୀ ବା ସଂସ୍ଥାଙ୍କଠାରୁ ତାକୁ ଆଦାୟ କରିବ । ଏସବୁ ବ୍ୟତୀତ ଏହି ଯୋଜନାରେ ଦୁର୍ନୀତି ରୋକିବା ପାଇଁ ସ୍ପଷ୍ଟ ନିୟମ ରହିଛି । କୌଣସିବି ପରିସ୍ଥିତିରେ ଠିକାଦାରଙ୍କୁ ନିୟୋଜିତ କରାଯାଇପାରିବ ନାହିଁ ଓ ଶ୍ରମିକମାନଙ୍କ ବଦଳରେ କୌଣସି ମେସିନ୍ ବ୍ୟବହାର କରାଯିବ ନାହିଁ । କୃଷି କାର୍ଯ୍ୟର ମୁଖ୍ୟ ସମୟରେ କୃଷି-ଶ୍ରମିକଙ୍କ ସହଜ ଉପଲବ୍ଧତା ନିମନ୍ତେ ବୁଣା ଓ ଅମଳର ମୋଟ ୬୦ଦିନିଆ ଚାଷ ଋତୁକୁ ସରକାର ଆଗୁଆ ବିଜ୍ଞାପିତ କରିବେ, ଯେଉଁ ସମୟରେ ଯୋଜନାର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିବ ।

ଖୁବଶୀଘ୍ର ବକେୟା ଲୋକଙ୍କ ଆକାଉଂଟକୁ ଯିବ ଟଙ୍କା

ଭୁବନେଶ୍ୱର, ୧୭/୬ (ଆ.ପ୍ର) : ଭତ୍ତା ସମସ୍ୟାର ହେଲା ସମାଧାନ । ଏନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ୪ ଲକ୍ଷ ହିତାଧିକାରୀଙ୍କ ପାଖକୁ ଭତ୍ତା ରାଶି ପହଂଚିଲାଣି । ଖୁବ ଶୀଘ୍ର ସମସ୍ତଙ୍କୁ ବକେୟା ଭତ୍ତା ରାଶି ମିଳିଯିବ । ଦେଶରେ ସବୁ ରାଜ୍ୟରେ ଏହି ସମସ୍ୟା ଥିଲା । ପୋର୍ଟାଲ ସମସ୍ୟା ପାଇଁ ଏପରି ଅସୁବିଧା ହୋଇଥିଲା । ଏବେ ସ୍ଥିତିର ସୁଧାର ଆସିଛି । ଭତ୍ତା ମିଳିବା ଆରମ୍ଭ ହୋଇଛି । ଧୀରେ ଧୀରେ ସମସ୍ତଙ୍କୁ ଭତ୍ତା ରାଶି ମିଳିଯିବ । ସୂଚନା ଥାଉକି, ରାଜ୍ୟରେ ବିଭିନ୍ନ ସ୍ଥାନରେ ଭତ୍ତା ସମସ୍ୟା ନେଇ ଉତ୍ତେଜନା ଲାଗି ରହିଥିଲା । ପୋର୍ଟାଲ ସମସ୍ୟା ପାଇଁ ହିତାଧିକାରୀଙ୍କ ଆକାଉଂଟକୁ ଟଙ୍କା ଆସୁନଥିଲା । ଗରିବ ବୁଢା ବୁଢି ଲୋକେ ବାରମ୍ବାର ବ୍ଲକ୍ ପୌର କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହେଉଥିଲେ । ଏହି କ୍ରମରେ ମାଲକାନଗିରି ଜିଲ୍ଲାରେ ମଧ୍ୟ ଗତ ତିନି ମାସ ହେଲେ ଗରିବ ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିନଥିଲା । ଯେଉଁଥିପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ମାଲକାନଗିରି ପୌର ପରିଷଦ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା । ସେହିପରି ଆସିକା ବ୍ଲକ ନିମିନା ପଂଚାୟତରେ ମଧ୍ୟ ଭତ୍ତା ସମସ୍ୟା ନେଇ ଉତ୍ତ୍ୟକ୍ତ ଲୋକେ ସରପଂଚ ଓ ପିଇଓଙ୍କୁ ତାଲା ପକାଇ ଦେଇଥିବା ସୂଚନା ମିଳିଛି ।

ପାଠ୍ୟ ପୁସ୍ତକ ତ୍ରୁଟି ପ୍ରସଙ୍ଗ : ୭ଦିନରେ ଫଇସଲା

ଭୁବନେଶ୍ୱର, ୧୭/୬ (ଆ.ପ୍ର) : ରାତି ପାହିଲେ ଖୋଲିବ ସ୍କୁଲ୍, ଏପଟେ କିନ୍ତୁ ପିଲାଙ୍କ ନୂଆ ପଢ଼ା ବହିରେ ଅଗଣିତ ଭୁଲ୍ । ସମସ୍ୟାର ଗମ୍ଭୀରତାକୁ ଦେଖି ଆଜି ଖୋଦ୍ ମୁଖ୍ୟମନ୍ତ୍ରୀ ପାଠ୍ୟବହି ମଗାଇ ସମୀକ୍ଷା କରିବା ସହିତ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ବୁଧବାର ଅପରାହ୍ଣ ପ୍ରାୟ ୨ଟା । ସ୍ଥାନ- ଲୋକସେବା ଭବନ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ୫ଭଉଜଣ୍ଡରୁ ପୁରା ପୁରା ତ୍ରୁଟିପୂର୍ଣ୍ଣ ବହି ଧରି ପହଂଚିଥିଲେ କର୍ମଚାରୀ । ଯାହା ଯାଉଥିଲା ସିଧା ସିଏମ୍‌ଙ୍କୁ । ତା ପୂର୍ବରୁ ଥାର୍ଡ ଫ୍ଲୋର୍ କନଫରେନ୍ସ ହଲରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ । ଯେଉଁଠି ଉପସ୍ଥିତ ଥିଲେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସ୍କୁଲ ଓ ଗଣଶିକ୍ଷା ସଚିବ ଏନ୍. ତିରୁମାଲା ନାୟକ, SCERT ନିର୍ଦ୍ଦେଶିକା ମଧୁସ୍ମିତା ସାହୁ ଏବଂ ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ବା ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ । ଅଭାସୀ ମାଧ୍ୟମରେ ସାମିଲ ହୋଇଥିଲେ ଗଣଶିକ୍ଷା ମନ୍ତ୍ରୀ । ପିଲାଙ୍କ ପଢ଼ା ବହିରେ

ହୋଇଥିବା ତ୍ରୁଟିର ସମୀକ୍ଷା କରିଥିଲେ ଖୋଦ୍ ମୁଖ୍ୟମନ୍ତ୍ରୀ । ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ତିନି ଜଣିଆ କମିଟି ଗଠନ କରାଯାଇ ତ୍ରୁଟି ପାଇଁ କେଉଁ ଅଧିକାରୀ ଓ ସଂସ୍ଥା ଦାୟୀ ତାହା ଖୋଜି ବାହାର କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । କମିଟିର ରିପୋର୍ଟ ଆଧାରରେ ଦାୟୀ ଅଧିକାରୀ ଏବଂ ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ସୂଚନା ଅନୁସାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରକାଶିତ ବହି ବାବଦରେ ଗଣଶିକ୍ଷା ବିଭାଗ ପ୍ରାୟ ୫୦ କୋଟି ଟଙ୍କା ଖର୍ଚ୍ଚ କରିଛି । ଛପା ଯାଇଛି ପ୍ରାୟ ୨ କୋଟି ୯୦ ଲକ୍ଷ ବହି । ପିଲାମାନଙ୍କୁ ବହି ବଂଟା ଯିବା ପରେ ସେଥିରେ ୧୬୭୮ଟି ମୁଦ୍ରଣ ଓ ତଥ୍ୟଗତ ତ୍ରୁଟି ଚିହ୍ନଟ ହୋଇଥିଲା । ପ୍ରଶ୍ନ ଉଠୁଛି ଏତେ ସଂଖ୍ୟାରେ ତ୍ରୁଟି କେମିତି କାହା ନଜରକୁ ଆସିଲାନି । ମିଳିଥିବା ତଥ୍ୟ ଅନୁସାରେ ପାଠ୍ୟ ବହି ଛାପିବା ପାଇଁ SCERTe ଏକ ସ୍ୱତନ୍ତ୍ର ସଂପାଦନା ମଣ୍ଡଳୀ ସହ ରିସର୍ଚ୍ଚ ଟିମ୍ ରହିଛି । ଏହା ପରେ ବି ତ୍ରୁଟି ଦେଖିବା ପାଇଁ ଏକ ୫ ଜଣିଆ କୋର୍ କମିଟି ବି ରହିଛି । ଓସେପା ଏଥିପାଇଁ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସେ ବି ଦୃଷ୍ଟି ଦେଲାନି । ଯାହାକୁ ନେଇ ପ୍ରଶ୍ନ ଉଠାଇଛି ଅଭିଭାବକ ସଂଘ । ଶିକ୍ଷାବିତ୍ କହିଛନ୍ତି NCERT ବହିରୁ SCERT କପିକରିବା ଯୋଗୁଁ ଏଭଳି ସମସ୍ୟା ଉପୁଜିଛି । ତେଣୁ SCERT ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ । ସେପଟେ ତୁରନ୍ତ ତ୍ରୁଟି ସଂଶୋଧନ କରାଯାଇ ପିଲାମାନଙ୍କୁ ନୂଆ ବହି ଯୋଗାଇ ଦେବାକୁ ଦାବି କରିଛନ୍ତି ଅଭିଭାବକ । କେଉଁ ବହିରେ କଣ ଭୁଲ୍ ଅଛି ଏବଂ ତାର ସଂଶୋଧିତ ରୂପ କଣ ହେବ, ସେନେଇ SCERT ଏକ ନିର୍ଦ୍ଦିଷ୍ଟ ଶୁଦ୍ଧିପତ୍ର ଜାରି କରିଛି । ସେହି ଅନୁସାରେ ପିଲାଙ୍କୁ ପାଠ ପଢାଇବାକୁ ନିର୍ଦ୍ଦେଶ ଦେଇଛି ଓସେପା ।

ସାଇବର ଅପରାଧୀଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୭/୬(ନ୍ୟୁ.ଏ): ଦେଶରେ କାୟା ମେଲାଉଥିବା ସାଇବର ଅପରାଧକୁ ନେଇ ସର୍ବୋଚ୍ଚ ଅଦାଲତ ଶକ୍ତ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ବୁଧବାର ସୁପ୍ରିମକୋର୍ଟ ସାଇବର ପ୍ରତାରଣା ମାମଲାର ଜଣେ ଅଭିଯୁକ୍ତର ଜାମିନ ଆବେଦନକୁ ସିଧାସଳଖ ଖାରଜ କରିଦେଇଛନ୍ତି । କେବଳ ସେତିକି ନୁହେଁ, ଆବେଦନର ଶୁଣାଣି ବେଳେ ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ବେଂଚ ଏଭଳି ଅପରାଧୀଙ୍କ ସମ୍ପର୍କରେ ଅତ୍ୟନ୍ତ ଗମ୍ଭୀର ଓ କଠୋର ଟିପ୍ପଣୀ କରିଛନ୍ତି । ସମାଜର ହିତ ପାଇଁ ଏଭଳି ଲୋକ ଜେଲ୍ ଭିତରେ ରହିବା ଆବଶ୍ୟକ ବୋଲି କୋର୍ଟ କହିଛନ୍ତି । ସାଇବର ଅପରାଧ ମାମଲାରେ ଜାମିନ ଆବେଦନ ଖାରଜ କରି ସିଜେଆଇ ସୂର୍ଯ୍ୟକାନ୍ତଙ୍କ ବେଂଚ କହିଛନ୍ତି ଯେ, ଏଭଳି ଅପରାଧୀମାନେ ସାରା ଦେଶର ନିରୀହ ଲୋକଙ୍କୁ ନିଜର ଶିକାର ବନାଉଛନ୍ତି । ଏହାଦ୍ୱାରା ସାଧାରଣ ଜନତା ମାନସିକ ଓ ବଡ଼ ଧରଣର ଆର୍ଥିକ କ୍ଷତି ସହୁଛନ୍ତି । ଅନଲାଇନ୍ ଠକେଇ କରୁଥିବା ସାଇବର ଅପରାଧୀଙ୍କୁ କଡ଼ା ଭାଷାରେ ଭର୍ତ୍ସନା କରି ପ୍ରଧାନ ବିଚାରପତି ଏହି ଟିପ୍ପଣୀ ଦେଇଛନ୍ତି । ଶୁଣାଣି ସମୟରେ ସୁପ୍ରିମକୋର୍ଟ ଦେଶର ସାଇବର ସୁରକ୍ଷା ଓ ଅପରାଧର ବେଗକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି । ସାଇବର ଅପରାଧୀମାନେ ପ୍ରାୟତଃ ଏକାସଙ୍ଗେ ଏକାଧିକ ରାଜ୍ୟରେ ନିଜର ବେଆଇନ କାର୍ଯ୍ୟକଳାପ ଚଳାଉଛନ୍ତି । ବିଭିନ୍ନ ରାଜ୍ୟରେ ନେଟୱର୍କ ରହୁଥିବାରୁ ଏହି ଅପରାଧର ଚିହ୍ନଟ କରିବା ଏବଂ ଏହାର ସଠିକ୍ ତଦନ୍ତ କରିବା ପୁଲିସ ପାଇଁ ଅତ୍ୟନ୍ତ କଷ୍ଟକର ହୋଇପଡୁଛି । ଏଭଳି ସ୍ଥିତିରେ ଦେଶ ଏବଂ ସମାଜକୁ ସୁରକ୍ଷିତ ରଖିବା ପାଇଁ ଏହି ମାମଲାଗୁଡ଼ିକ ପ୍ରତି ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିବାର ସମୟ ଆସିଛି ବୋଲି ଅଦାଲତ ସଂକେତ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ ଏକ ମାସ ମଧ୍ୟରେ ଏହା ଦ୍ୱିତୀୟ ଘଟଣା, ଯେଉଁଠାରେ ସିଜେଆଇ ସୂର୍ଯ୍ୟକାନ୍ତ କୌଣସି ମାମଲାରେ ନିଷ୍ପତ୍ତି ଶୁଣାଇବା ପୂର୍ବରୁ ଏଭଳି କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି । ଗତ ମେ' ମାସରେ ମଧ୍ୟ ଏକ ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତିଙ୍କ ସମାନ ଆଭିମୁଖ୍ୟ ଦେଖିବାକୁ ମିଳିଥିଲା ।

ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଚାମେଲି

ଭୁବନେଶ୍ୱର, ୧୭/୬ (ଆ.ପ୍ର) : ଲୋକଙ୍କ ସରକାରରେ ଲୋକଙ୍କ ଦାବି ଓ ହକ୍ ? ପାଇଁ ଲଢ଼ିଲେ ଯେ ଏତେବଡ଼ ବହୁମୂଲ୍ୟ ଦେବାକୁ ପଡ଼ିବ ତାହା କେବେ ସ୍ୱପ୍ନରେ ଭାବିନଥିଲେ ଚାମେଲି । ପ୍ରାଶାସନିକ ବ୍ୟବସ୍ଥା ତାଙ୍କୁ ମାନସିକ ନିର୍ଯ୍ୟାତନା ଦେଇଥିବା ବେଳେ ପୁଲିସ ବ୍ୟବସ୍ଥାରେ ଅକଥନୀୟ ଅତ୍ୟାଚାରର ଶିକାର ହୋଇଥିଲେ ଚାମେଲି । ଅକାରଣରେ ଜେଲ ଗଲେ । ଏବେ ଜାମିନ ପାଇଛନ୍ତି ସତ ହେଲେ ନ୍ୟାୟ ପାଇନାହାନ୍ତି । ଯେଉଁଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ନ୍ୟାୟ ଆଶାରେ ରହିଛନ୍ତି ଚର୍ଚ୍ଚିତ ସରପଂଚ ଚାମେଲି ଓଝା । 'ଜାମିନ ମିଳିଗଲା, ହେଲେ ଯନ୍ତ୍ରଣା କମିନି । ମାନସିକ ଓ ଶାରୀରିକ ଭାବେ ମୁଁ ଯନ୍ତ୍ରଣାରେ ଜର୍ଜରିତ ।' ବାହାରେ ନିଜକୁ ଅସୁରକ୍ଷିତ ମଣି ହସ୍ପିଟାଲ ବେଡରୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ତିଖିରୀ ସରପଂଚ ଚାମେଲି ଓଝା । ନ୍ୟାୟ ପାଇଁ କରିଛନ୍ତି ଗୁହାରି । ଏହି ଘଟଣାରେ ସିଧାସଳଖ ସ୍ଥାନୀୟ ବିଧାୟକ ଓ ବିଡିଓଙ୍କୁ ଦାୟୀ କରିଛନ୍ତି । ଚାମେଲିଙ୍କୁ ନିର୍ଯ୍ୟାତନା ନେଇ ଗତକାଲି ଏନଏଚ୍ଆରସିରେ ମାମଲା ପରେ ଆଜି ହାଇକୋର୍ଟରେ ଦାୟର ହୋଇଛି ଜନସ୍ୱାର୍ଥ ମାମଲା । ଭାରତୀୟ ବିକାଶ ପରିଷଦ ପକ୍ଷରୁ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି । ଏସବୁ ଭିତରେ ମହିଳା କମିସନ ଟିମ୍ ? ହସ୍ପିଟାଲରେ ପହଂଚି ଚାମେଲିଙ୍କ ସହ ଆଲୋଚନା କରିଛନ୍ତି । ଏତଲା ନଥାଇ ଚାମେଲିଙ୍କ ଗିରଫକୁ ନିନ୍ଦା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଚାମେଲିଙ୍କ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଭିତରେ ସାମ୍ନାକୁ ଆସିଛି ବିଡ଼ିଓଙ୍କ ସହ ଆଲୋଚନା ବେଳର ଆଉ ଏକ ଭିଡ଼ିଓ । ଯେଉଁଥିରେ ଚାମେଲିଙ୍କୁ କିଛି ଲୋକ ଘେରିଯାଇ କାହିଁକି ଭିଡ଼ିଓ କରୁଛ ବୋଲି କହି ପାଟିତୁଣ୍ଡ କରି ନାଲିଆଖି ଦେଖାଇଥିଲେ । ଏହି ପ୍ରସଙ୍ଗରେ ସରକାର ଅଡୁଆରେ ପଡ଼ିଥିବା ବେଳେ ଶାସକ ଦଳକୁ ଘେରିବାକୁ ବିରୋଧୀଙ୍କୁ ସୁଯୋଗ ମିଳିଛି । ବିଜେଡି ଟିମ୍ ? ହସ୍ପିଟାଲରେ ଚାମେଲିଙ୍କୁ ଭେଟିଥିବା ବେଳେ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଛି କଂଗ୍ରେସ । ଚାମେଲିଙ୍କୁ ନ୍ୟାୟ ଦେବାକୁ ସାରା ରାଜ୍ୟରୁ ସ୍ୱର ଉଠୁଥିବା ବେଳେ ଜିଲ୍ଲାପାଳ କହିଛନ୍ତି, ସବୁ ଅଭିଯୋଗର ତଦନ୍ତ ହେବ । ଏବେ ପ୍ରଶ୍ନ ଉଠୁଛି, ଶାସକ ଓ ବିରୋଧୀଙ୍କ ମଧ୍ୟରେ କାଦୁଅ ଫିଙ୍ଗା ରାଜନୀତି ଭିତରେ ଚାମେଲିଙ୍କୁ ନ୍ୟାୟ ମିଳିବ ତ ?

ଭାରତ ଉପରେ ଆକ୍ରମଣ ହେଲେ ଆମେରିକା କରିବ ସହାୟତା : ଟ୍ରମ୍ପ

ନୂଆଦିଲ୍ଲୀ, ୧୭/୬(ନ୍ୟୁ.ଏ): ସର୍ବସମ୍ମୁଖରେ ଭାରତକୁ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱରେ ଥିବା ସମୟରେ ଯଦି ଭାରତ ଉପରେ ଆକ୍ରମଣ ହୁଏ, ତା'ହେଲେ ଆମେରିକା ନିଶ୍ଚିତ ଭାବେ ସହଯୋଗ କରିବାକୁ ଆଗେଇ ଆସିବ ବୋଲି ଟ୍ରମ୍ପ ପ୍ରତିଶ୍ରୁତି ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଆଜି ଜି-୭ ଶିଖର ସମ୍ମିଳନୀ ସମୟରେ ଟ୍ରମ୍ପ ଫ୍ରାନ୍ସରେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଏହାପରେ ସେ ମୋଦିଙ୍କ ସହ ଭଲ ଆଲୋଚନା ହୋଇଛି ଓ ଆଗକୁ ୱାଶିଂଟନ ଏବଂ ଦିଲ୍ଲୀ ରଣନୀତିକ ଦୃଷ୍ଟିରୁ ପରସ୍ପର ସହଯୋଗରେ କାର୍ଯ୍ୟ କରିବେ ବୋଲି ସଙ୍କେତ ଦେଇଛନ୍ତି । ଏହି ସମୟରେ ସେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ "ଯଦି ମୋଦି ଦାୟିତ୍ୱରେ ଥିବେ ଓ ଭାରତ ଉପରେ ଆକ୍ରମଣ ହେବ, ତା'ହେଲେ ଆମେ ନିଶ୍ଚିତ ସେଠାରେ ସହାୟତା ପାଇଁ ପହଂଚିବୁ ।" ଏହାପରେ ଟ୍ରମ୍ପ

ସିଧାସଳଖ ମୋଦିଙ୍କ ଆଡ଼କୁ ଇଙ୍ଗିତ କରି କହିଛନ୍ତି ଯେ "ଯଦି ଏହି ବ୍ୟକ୍ତି(ମୋଦି)ଙ୍କୁ କେହି ଆକ୍ରମଣ କରିବେ, ଆମେ ସେଠାରେ ପହଂଚିବୁ । ଏବେ, ଯଦି ସେଠାରେ ନୂଆ ନେତା କେହି ଆସିବେ, ତା'ହେଲେ ମୁଁ ସହାୟତାକୁ ନେଇ ନିଶ୍ଚିତ ନୁହେଁ ।" ଅନ୍ୟପକ୍ଷରେ ଦୁଇ ନେତା ଦ୍ୱିପାକ୍ଷିକ ଆଲୋଚନା ବେଳେ ବାଣିଜ୍ୟ, ଆର୍ଥିକ ସହଭାଗିତା ଓ ଆଂଚଳିକ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ମୋଦିଙ୍କ ବୁଝାମଣା ଦକ୍ଷତାର ପ୍ରଶଂସା କରି କହିଛନ୍ତି ଯେ "ଭାରତ-ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନାରେ ମୋଦି ଜଣେ ଦୃଢ଼ ଓ ଦକ୍ଷ ବ୍ୟବସାୟୀ । ତଥାପି ୱାଶିଂଟନ ଓ ନୂଆଦିଲ୍ଲୀ ମଧ୍ୟରେ ବାଣିଜ୍ୟ ବୃଦ୍ଧିକୁ ନେଇ ଆଲୋଚନା ଜାରି ରହିଛି ।" ଦ୍ୱିପାକ୍ଷିକ ଆଲୋଚନା ସମୟରେ ମୋଦି ସମୁଦ୍ରରେ କାର୍ଯ୍ୟରତ ଲକ୍ଷାଧିକ ଭାରତୀୟ ନାବିକଙ୍କ ସୁରକ୍ଷା ଭାରତ ପାଇଁ ସର୍ବୋଚ୍ଚ ପ୍ରାଥମିକତା ବୋଲି ଟ୍ରମ୍ପଙ୍କୁ ଜଣାଇଛନ୍ତି । ମଧ୍ୟପ୍ରାଚ୍ୟର ବିଭିନ୍ନ ସମୁଦ୍ରରେ ଭାରତୀୟ କ୍ରୁ ସଦସ୍ୟ ରହିଥିବା ଜାହାଜ ଉପରେ ହେଉଥିବା ଆକ୍ରମଣକୁ ନେଇ ମଧ୍ୟ ମୋଦି ଚିନ୍ତା ପ୍ରକଟ କରିଛନ୍ତି । ମୋଦି କହିଛନ୍ତି, "ଆମେ ସବୁବେଳେ କହିଆସୁଛୁ ଯେ ସମୁଦ୍ର ପଥରେ ଅବାଧ ନୌଚଳାଚଳ ସୁନିଶ୍ଚିତ ହେବା ଦରକାର । ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ଲକ୍ଷାଧିକ ଭାରତୀୟ ନାବିକ କାର୍ଯ୍ୟରତ ଅଛନ୍ତି । ସେମାନଙ୍କ ସୁରକ୍ଷା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । ଇରାନ ସହ ଆମେରିକା କରିବାକୁ ଯାଉଥିବା ଶାନ୍ତି ଚୁକ୍ତିରେ ନାବିକମାନଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି ମୋର ଆଶା ।" ଏହାର ଉତ୍ତରରେ ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଭାରତୀୟ ନାବିକମାନଙ୍କ ସୁରକ୍ଷା ପ୍ରସଙ୍ଗରେ ଆମେରିକା ନିଶ୍ଚିତ ଭାବେ ଭାରତ ସହ ମିଶି କାମ କରିବ ।

ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବଦଳି ଦାବୀ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ଚନ୍ଦାହାଣ୍ଡି, ୧୭/୦୬ (ଆ.ପ୍ର) : ଅନକାବେଡା ଉପସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ଅନକାବେଡା ସ୍ୱାସ୍ଥ୍ୟ ଉପକେନ୍ଦ୍ରରୁ ଅନ୍ୟତ୍ର ବଦଳି ପାଇଁ ଅଭିଯୋଗ ଆଣିଛନ୍ତି ଅନକାବେଡା ଉପସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ ଜନସାଧାରଣ । ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ପ୍ରକୋଷ୍ଠକୁ ମହିଳା ସ୍ୱାସ୍ଥ୍ୟକର୍ମୀ ଟୁନିଲତା ଦାସଙ୍କ ବଦଳି ପାଇଁ ଲୋକେ ଆସି ତୁରନ୍ତ ଅନକାବେଡା ଉପସ୍ୱାସ୍ଥ୍ୟ କେନ୍ଦ୍ରରୁ ବ୍ଲକ ବାହ୍ୟ ଅଂଚଳକୁ ବଦଳି ପାଇଁ ବୃହ୍ୱ ଅଭିଯୋଗ ଆଣିଥିବା ଦେଖିବାକୁ ମିଳିଥିଲା । ତେବେ ସୂଚନା ଅନୁଯାୟୀ ମହିଳା ସ୍ୱାସ୍ଥ୍ୟକର୍ମୀ ଟୁନିଲତା ଦାସ ଦୀର୍ଘ ବତିଶୀ ବର୍ଷରୁ ଅଧିକ ସମୟ ହେବ ଅନକାବେଡା ଉପାସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାନରେ ରହି ଆସୁଥିବା ବେଳେ ତାଙ୍କର ସ୍ୱାସ୍ଥ୍ୟ ସେବା ଓ ବ୍ୟବହାର ଉପରେ ସାଧାରଣ ଜନତା ଅସନ୍ତୁଷ୍ଟ ରହି ଆସୁଥିବାବେଳେ ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ଆଣି ନୟାନ୍ତ ହୋଇ ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆସି ତାଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ । ଅଭିଯୋଗରେ ନିଶୁଳ୍କ ସରକାରୀ ସେବା ଯୋଗାଣରେ ଅନିୟମିତତା ଓ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଜନସାଧାରଣ ଉଚିତ ସେବା ପ୍ରାପ୍ତରୁ ଅତିଷ୍ଠ ହୋଇ ତାଙ୍କୁ ତୁରନ୍ତ ଚନ୍ଦାହାଣ୍ଡି ବ୍ଲକରୁ ଅନ୍ୟ ବ୍ଲକ ଅଂଚଳକୁ ବଦଳି ପାଇଁ ଦାବୀ ଜଣାଇଥିବା ଦେଖିବାକୁ ମିଳିଛି । ତେବେ ଆଜି ଅତିରିକ୍ତ ଜିଲ୍ଲାପାଳ ତୁରନ୍ତ ଏ ବାବଦରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଚନ୍ଦାହାଣ୍ଡି ମନୀଷ ପୁରୋହିତ ତିନିଦିନ ମଧ୍ୟରେ ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ଦାଖଲ କରିବା ନେଇ ପ୍ରତିଶ୍ରୁତି ଦେଇଥିବା ବେଳେ ଉପସ୍ୱାସ୍ଥ୍ୟ କେନ୍ଦ୍ର ଅଧିବାସୀ ଟୁନିଲତା ଦାସଙ୍କୁ ଶୀଘ୍ର ବଦଳି କରିବା ନେଇ ଜୋର ଦାବୀ ରଖିଥିବା ଦେଖିବାକୁ ମିଳିଥିଲା । ତେବେ ପ୍ରଶାସନ ଏ ଦିଗରେ କଅଣ ପଦକ୍ଷେପ ନେଇ ଟୁନିଲତା ଦାସଙ୍କୁ ଅନ୍ୟତ୍ର ବଦଳି କରୁଛି ତାହା ଦେଖିବାକୁ ବାକି ରହିଲା ।

ବିକାଶର ଧାରା-ଓଡ଼ିଶା ସାରା ବ୍ଲକସ୍ତରୀୟ ପ୍ରଦର୍ଶନୀ ଅନୁଷ୍ଠିତ

ଅସ୍ତରଙ୍ଗ, ୧୭/୦୬ (ଆ.ପ୍ର) : ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଆଜି ଅସ୍ତରଙ୍ଗରେ ବିକାଶର ଧାରା-ଓଡ଼ିଶା ସାରା ବ୍ଲକସ୍ତରୀୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ପଂଚାୟତ ସମିତି ଅଧ୍ୟକ୍ଷା ଆରତୀ ନାଏକ, ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ସରପଂଚ ରାମଚନ୍ଦ୍ର କାଣ୍ଡି, ବିଡ଼ିଓ ସସ୍ମିତା ବେହେରା, ଏବିଡିଓ ଶୁଭସ୍ମିତା ମହାଭୋଇ, ମଙ୍ଗଳ ଅଧିକାରୀ ସୀତମ ସେନାପତି ସିଡିପିଓ ଲୋଚନ ସେଠୀ, ପ୍ରମୁଖ ରହିଥିଲେ । ଏହି ପ୍ରଦର୍ଶନୀକୁ ପଂଚାୟତ ସମିତି ଅଧ୍ୟକ୍ଷ ଶ୍ରୀମତୀ ନାଏକ ଫିତା କାଟି ଉଦ୍ଘାଟନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ସରକାରଙ୍କ ଯୋଜନା ବିଷୟରେ ଜାଣିବାକୁ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ୍ ପଡିଥିଲା । ଏହି ଅବସରରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଟାଇମଲାଇନ୍ ଓ ସୂଚନା ପ୍ରଦର୍ଶନୀ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା । ବିଭିନ୍ନ ସ୍ଥାନର ଜନପ୍ରତିନିଧି, ମହିଳା ଗୋଷ୍ଠୀ, ଅନୁସୂଚିତ ଜାତି ବର୍ଗର ପୁରୁଷ ଓ ମହିଳା ଓ ଅନ୍ୟମାନେ ଯୋଗଦାନ କରିଥିବାବେଳେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ ଦୁଇବର୍ଷର ସଫଳତା ସମ୍ପର୍କରେ ସାଂସଦ ପ୍ରତିନିଧି ଶ୍ରୀ ଛାଟୋଇ ଆଲୋକପାତ କରିଥିଲେ ।

ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ମିଡ଼ିଆ ଗ୍ୟାଲେରୀରେ ବସିଲେ ବିଜେପି କର୍ମୀ

କୋଳସରା, ୧୭/୦୬ (ଆ.ପ୍ର) : କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ଓଡ଼ିଶା ସରକାରଙ୍କ ୨ବର୍ଷ ପର୍ତ୍ତି ଅବସରରେ ସମଗ୍ର ରାଜ୍ୟରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି କ୍ରମରେ କୋଳସରା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ପାଇଁ ସ୍ୱତନ୍ତ୍ର ଷ୍ଟଲ କରାଯାଇଥିବା ବେଳେ ସାମ୍ବାଦିକମାନଙ୍କ ପାଇଁ ମଧ୍ୟ ମେଡିଆ ଗ୍ୟାଲେରୀ କରାଯାଇଛି । ହେଲେ ମିଡ଼ିଆ ଗ୍ୟାଲେରୀରେ ସାମ୍ବାଦିକ ମାନଙ୍କୁ ଚୌକି ଟିଏ ବସିବା ପାଇଁ ମିଳି ନଥିବା ବେଳେ ବିଜେପି କର୍ମୀ ଓ ସାଧାରଣ ଲୋକ ବସିଥିବା ଦେଖିବାକୁ ମିଳୁଛି । ଯାହା ଫଳରେ ସାମ୍ବାଦିକମାନେ ଖରା ତରରାରେ ଠିଆହେଇ ରହିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଯଦି ସାମ୍ବାଦିକ ମାନଙ୍କ ପାଇଁ ଗ୍ୟାଲେରୀ କରାଯାଇଥିଲା ତେବେ କାହିଁକି ସାଧାରଣ ଲୋକଙ୍କ ସମେତ ବିଜେପି କର୍ମୀ ମାନଙ୍କୁ ବସାଇ ଦିଆଗଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନୁରୂପ ଭାବରେ ନିର୍ବାଚିତ ଜନପ୍ରତିନିଧି ମାନଙ୍କ ପାଇଁ କରାଯାଇଥିବା ଗ୍ୟାଲେରୀରେ ମଧ୍ୟ ବିଜେପି କର୍ମୀମାନେ ଆବେରି ଥିବାବେଳେ ମାତ୍ର କେତେ ଜଣ ନିର୍ବାଚିତ ଜନ ପ୍ରତିନିଧି ମାନେ ବସିଥିବା ଦେଖିବାକୁ ମିଳୁଛି, ଯାହାକୁ ନେଇ ଏକାଧିକ ସମିତି ସଭ୍ୟ ଓ ସରପଂଚ ଚୌକି ନପାଇ ଏଣେ ତେଣେ ବବୁଥିବାରୁ ସେମାନଙ୍କ ମଧ୍ୟରେ ବି ଅସନ୍ତୋଷ ପ୍ରକାଶ ପାଇଛି । ସାମ୍ବାଦିକ ମାନେ କାର୍ଯ୍ୟକ୍ରମ ସଂଯୋଜନା କରୁଥିବା ଅଧିକାରୀଙ୍କୁ ପଚାରିବାରୁ ଯଦି କେହି ବସି ହେଲେଣି ତା'ପରେ ଆମେ କଣ କରି ପାରିବା, ଆମେ ଆପଣଙ୍କମାନଙ୍କ ପାଇଁ ଅନ୍ୟ ସ୍ଥାନରେ ଚୌକି ବ୍ୟବସ୍ଥା କରୁଛୁ ବୋଲି ସଫେଇ ଦେଉଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ, ସମ୍ମାନିତ ଅତିଥି କୋଳସରା ତହସିଲଦାର ତୋଡ଼ଗଙ୍ଗ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବିଡ଼ିଓ ଡ଼ଃ ହିମାଂଚଳ ମାଝୀ, କୋଳସରା ମେଡ଼ିକାଲ ଅଧିକାରୀ ଡାକ୍ତର ତତ୍ତ୍ୱଦର୍ଶୀ ଦାସ, ସାଂସଦ ପ୍ରତିନିଧି ଦୁର୍ଗା ପ୍ରସାଦ ପ୍ରଧାନ, ସିଡ଼ିପିଓ ସରୋଜା ସେଠିଆ ପ୍ରମୁଖ ମଂଚାସୀନ ରହିଥିଲେ ।

ଗତ ଦୁଇ ବର୍ଷରେ ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ଏବଂ ସଫଳତା ସମ୍ପର୍କରେ ଉପସ୍ଥାପନ କଲେ ମନ୍ତ୍ରୀ

ଯାଜପୁର, ୧୭/୦୬ (ଆ.ପ୍ର) : ଯାଜପୁର ଜିଲ୍ଲାର ସମୃଦ୍ଧ ଐତିହ୍ୟକୁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି । ଯାଜପୁରରେ ପର୍ଯ୍ୟଟନ ଶିଳ୍ପର ପ୍ରଚୁର ସମ୍ଭାବନା ଅଛି । ଜିଲ୍ଲାରେ ଥିବା ବୌଦ୍ଧ ଐତିହ୍ୟକୁ ୟୁନେସ୍କୋ ବିଶ୍ୱ ହେରିଟେଜ ସ୍ଥଳ ମାନ୍ୟତାରେ ସାମିଲ କରିବା ଦିଗରେ ସରକାର ପ୍ରୟାସ କରିଛନ୍ତି ବୋଲି ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯାଜପୁରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ବିକାଶର ଧାରା, ଓଡ଼ିଶା ସାରା' ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଯୋଗ ଦେଇଥିଲେ । କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଏବଂ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପର୍ତ୍ତି ଅବସରରେ ଗତ ଦୁଇ ବର୍ଷରେ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା, ସଫଳତା ସମ୍ବନ୍ଧରେ ମନ୍ତ୍ରୀ ଶ୍ରୀ ସୁରଜ ବିସ୍ତୃତ ଭାବେ ବିବରଣୀ ପ୍ରଦାନ କରିଥିଲେ । ଏହାସହ ଅର୍ଥନୈତିକ ଅଭିବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ, ଐତିହ୍ୟ, ଭିତିଭୂମି ବିକାଶ ଭଳି ବିଭିନ୍ନ କ୍ଷେତ୍ରରେ ଉଭୟ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ହୋଇଥିବା ଉଲ୍ଲେଖନୀୟ କାର୍ଯ୍ୟ ଏବଂ ପ୍ରକଳ୍ପ ସମ୍ବନ୍ଧରେ ସେ ସମ୍ୟକ ସୂଚନା ଉପସ୍ଥାପନ କରିଥିଲେ । ପୂର୍ବାପେକ୍ଷା ଓଡ଼ିଶାର ଜିଏସଡିପି ହାର ଏବଂ ମୁଣ୍ଡପିଛା ଆୟରେ ଅଭିବୃଦ୍ଧି ଘଟିଛି, ଯାହା ଜାତୀୟ ହାରଠାରୁ ମଧ୍ୟ ଅଧିକ ରହିଛି । ଶିଳ୍ପ, ଉନ୍ନତ ଭିତିଭୂମି ସହ ଐତିହ୍ୟକୁ ମଧ୍ୟ ବିକଶିତ କରିବାର ଆବଶ୍ୟକତା ଅଛି ବୋଲି ମନ୍ତ୍ରୀ କହିଥିଲେ । ସାଇନ୍ସ ଏକାଡେମୀ ପ୍ରକଳ୍ପରେ ଆଉ ମାତ୍ର ୧୦ ପ୍ରତିଶତ କାମ ବାକି ଅଛି । ଏହି କାମ ଶୀଘ୍ର ଶେଷ ହେବା ସହ ଆଗକୁ ଯାଜପୁର ଜିଲ୍ଲାରେ କଳାଗ୍ରାମର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ । ଏହାସହ ଜିଲ୍ଲାର ସାମଗ୍ରିକ ବିକାଶକୁ ନେଇ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ମାସିକ ପତ୍ରିକା 'ପ୍ରଗତି ପ୍ରବାହ' ଏବଂ ସରକାରଙ୍କ ଯୋଜନା ସମ୍ବଳିତ ସୂଚନା ପତ୍ର ବଂଟନ କରାଯାଇଥିଲା । "ବିକାଶର ଧାରା, ଓଡ଼ିଶାର ସାରା" ସଙ୍କଳ୍ପକୁ ସାକାର କରି ୨୦୩୬ ସୁଦ୍ଧା ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ରାଜ୍ୟ ସରକାରଙ୍କ ନିରନ୍ତର ପ୍ରୟାସ ଏବଂ ଯାଜପୁର ଜିଲ୍ଲାର ସାମଗ୍ରିକ ବିକାଶ ପ୍ରତିବଦ୍ଧତାକୁ ଏହି ଅବସରରେ ଉପସ୍ଥାପନ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ଅତିରିକ୍ତ ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଂଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ସମ୍ମିଳନୀରେ ଜିଲ୍ଲାର ବିଭାଗୀୟ ଅଧିକାରୀ, ସମାଜସେବୀ ଦେବଯାନୀ ପ୍ରଧାନ, ସମାଜସେବୀ ଗୌତମ ରାୟ, ସମାଜସେବୀ ବର୍ଦ୍ଧିତା ମଲ୍ଲିକ, ଉମେଶ ଜେନା ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲାପାଳ ଅମ୍ବର କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ ।

ମା' ବୁଢ଼ୀଠାକୁରାଣୀ ପୀଠରେ ନବମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

ନିମାପଡା, ୧୭/୦୬ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ତୁଳସୀପୁର ପଂଚାୟତ ବେଲପଡା ସ୍ଥିତ ମା' ବୁଢ଼ୀଠାକୁରାଣୀ ପୀଠରେ ନବମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ଧରି ଅନୁଷ୍ଠିତ ହୋଇଅଛି । ଏହି ବିଶ୍ୱ ମହାଯଜ୍ଞ ଅବସରରେ ପ୍ରାଚୀ ନଦୀରୁ ପାଣି ଉଠାଯାଇ ଏକ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମୁଖ୍ୟ କର୍ତ୍ତା ଭାବେ ବିଜୟ କୁମାର ସାହୁ ଯୋଗଦେଇ ପୂଜାର୍ଚ୍ଚନା ପୂର୍ବକ କଳସ ସ୍ଥାପନ କରିଥିଲେ । ଏହି ଶୋଭାଯାତ୍ରାରେ ଯାହାଙ୍ଗିରପୁର, ବେଲପଡା, ଚହଟା, ଏବଂ ଆଖ ପାଖ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ କଳସ ଧାରଣ କରି ସାମିଲ ହୋଇଥିଲେ । ପାରମ୍ପରିକ ଘଂଟ, କାହାଳୀ ପଖୋଳ ବାଦନ ସମଗ୍ର ପରିବେଶକୁ ଭକ୍ତିମୟ କରି ଗଡ଼ିତୋଳିଥିଲା । ମୁଖ୍ୟ ପୂଜକ ବଂଶୀଧର ମିଶ୍ର ଓ ତାଙ୍କ ସହଯୋଗୀ ବ୍ରାହ୍ମଣ ମଣ୍ଡଳୀଙ୍କ ଦ୍ୱାରା କଳସ ଯାତ୍ରାର ସମସ୍ତ ପୂଜା ନୀତିକାନ୍ତି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା । ମା' ବୁଢ଼ୀଠାକୁରାଣୀ ଯଜ୍ଞ କମିଟି, ମା' ଦୁଲ୍ଲାଦେଇ ସଂକୀର୍ତ୍ତନ ମଣ୍ଡଳୀ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ତିନି ଦିନ ଧରି ବହୁ ଆଡ଼ମ୍ବରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି ମହାଯଜ୍ଞକୁ ନେଇ ସ୍ଥାନୀୟ ଅଂଚଳରେ ଏବେ ଏକ ଆଧ୍ୟାତ୍ମିକ ଓ ଉତ୍ସାହଜନକ ପରିବେଶ ସୃଷ୍ଟି ହୋଇଛି ।

ଗଜପତି ଆଇଏସଆରଡି ୱାନ୍ ଷ୍ଟପ ସେଂଟରରେ ଆନନ୍ଦ ଉଲ୍ଲାସର ସହ ରଜ ଉତ୍ସବ ପାଳିତ

ପାରଳାଖେମୁଣ୍ଡି, ୧୭/୦୬ (ଆ.ପ୍ର) : ଆଇଏସଆରଡି ୱାନ୍ ଷ୍ଟପ ସେଂଟର, ଗଜପତି ପକ୍ଷରୁ ରଜ ଉତ୍ସବ ଆନନ୍ଦ ଓ ଉତ୍ସାହର ସହ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗଜପତିର ସୁରକ୍ଷା ଅଧିକାରୀ ସରଳା ପାତ୍ର, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଜିଲ୍ଲା ଶିଶୁ ଶ୍ରମ ସଂଯୋଜିକା ବୈଶାଳୀ ପଟ୍ଟନାୟକ, ଶିଶୁ ମଙ୍ଗଳ ସମିତି ସଦସ୍ୟ ନାଗେଶ୍ୱର ଚୌଧୁରୀ ଏବଂ ଆଇଏସଆରଡି ୱାନ୍ ଷ୍ଟପ ସେଂଟରର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ । ରଜ ଉତ୍ସବ ଅବସରରେ ନୃତ୍ୟ ପ୍ରତିଯୋଗିତା, ମ୍ୟୁଜିକାଲ ଚେୟାର ଭଳି ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କର୍ମଚାରୀମାନେ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରିଥିଲେ ଏବଂ ବିଜୟୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ସହିତ ପାରମ୍ପରିକ ରଜ ଦୋଳିର ବ୍ୟବସ୍ଥା କରାଯାଇଥିବା ବେଳେ ବିଭିନ୍ନ ପ୍ରକାର ରଜ ପିଠା, ମିଠା ଓ ରଜ ପଣା, ରଜ ପାନ ପରିବେଷଣ କରାଯାଇଥିଲା । ରଜ ପର୍ବ ଅବସରରେ ଆଇଏସଆରଡି ୱାନ୍ ଷ୍ଟପ ସେଂଟରର କର୍ମଚାରୀମାନେ ବି. ସୀତାପୁର ଅଙ୍ଗନୱାଡି କେନ୍ଦ୍ରରେ ମହିଳା ଓ ଶିଶୁମାନଙ୍କ ସହ ରଜ ପାଳନ କରିଥିଲେ । ସେମାନଙ୍କ ସହ ଆଲୋଚନା କରି ମହିଳା ସଶକ୍ତିକରଣ ଓ ଓଡ଼ିଶାର ପାରମ୍ପରିକ ସଂସ୍କୃତିର ପ୍ରଚାର କରାଯାଇଥିଲା । ଏହାଛଡ଼ା ରଜ ଉତ୍ସବର ଅନ୍ତିମ ପର୍ଯ୍ୟାୟରେ ଆଇଏସଆରଡି ୱାନ୍ ଷ୍ଟପ ସେଂଟର, ଗଜପତିର କର୍ମଚାରୀମାନେ ପାରଳାଖେମୁଣ୍ଡି ସ୍ଥିତ ବିଶାଳ ମେଗା ମାର୍ଟରେ ଏକାଠି ହୋଇ ରଜ ପର୍ବ ପାଳନ କରିଥିଲେ । ଏହି ଉତ୍ସବ ମାଧ୍ୟମରେ ମହିଳା ସମ୍ମାନ, ସାମାଜିକ ଏକତା ଓ ପାରମ୍ପରିକ ଓଡ଼ିଆ ସଂସ୍କୃତିର ମହତ୍ତ୍ୱକୁ ପ୍ରତିଫଳିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଇଏସଆରଡି ୱାନ୍ ଷ୍ଟପ ସେଂଟରର ଶ୍ରୀଲକ୍ଷ୍ମୀ ପାଣିଗ୍ରାହୀ, ମଧୁସ୍ମିତା ପାତ୍ର, ମେହିନୀ ପ୍ରଧାନ, ଶିବାନୀ ସାମନ୍ତ, ସୁନିତା ବେହେରା, ମୋନାଲିସା ବେହେରା, ନିରୁପମା ରାଉଳ, ହରିକୃଷ୍ଣ ଚୌଧୁରୀ, ଟି ସୁରେଶ କୁମାର, ଦିବ୍ୟ କୁମାର ସୁଆର ଏବଂ ଆଇଏସଆରଡି ପରିବାରର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିବାରେ ସହଯୋଗ କରିଥିଲେ । ପରିଶେଷରେ ଆଇଏସଆରଡି 'ସଖୀ' ୱାନ ଷ୍ଟପ ସେଂଟରର କେନ୍ଦ୍ର ପ୍ରଶାସିକା ସୁନିତା ରଥ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭାଟିକୁ ସାଙ୍ଗ କରିଥିଲେ । ଶେଷରେ ସମସ୍ତଙ୍କୁ ଆନନ୍ଦମୟ ଓ ସମୃଦ୍ଧିଶାଳୀ ରଜ ପର୍ବର ଶୁଭେଚ୍ଛା ଜଣାଯାଇଥିଲା ।

ଆନ୍ଧ୍ର ପ୍ରଦେଶର ଅଳିଆ ଅବର୍ଜନା ପକାଯାଉଛି ଓଡ଼ିଶାରେ



ପାରଳାଖେମୁଣ୍ଡି, ୧୭/୦୬ (ଆ.ପ୍ର) : ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ପୁରୁଣାପାଟଣାର ଅଳିଆ ଅବର୍ଜନା ଆଣି ଓଡ଼ିଶାର ମହେନ୍ଦ୍ରତନୟା ନଦୀତଟରେ ପକାଯାଉଛି, ଆଗରୁ ହିଁ ଆନ୍ଧ୍ରର କୁପଦୃଷ୍ଟି ରହିଛି ଓଡ଼ିଶା ଉପରେ, ଆନ୍ଧ୍ରର ପାତପାଟାନମ ଗ୍ରାମର ସଂଗୃହିତ ମଇଳା ଓ ବିଭିନ୍ନ ଅପବ୍ୟବହୃତ ବିଷାକ୍ତ ପଦାର୍ଥବସ୍ତୁ ପ୍ରତିଦିନ ଅଣା ଯାଇ ପାରଳା ସହର ଲାଗିରହିଥିବା ମହେନ୍ଦ୍ରତନୟା ନଦୀରେ ପକାଇଯାଉଛି ଯାହାଦ୍ୱାରା ନଦୀର ପାଣି ପ୍ରଦୂଷିତ ହେବା ସହ ପରିବେଶ ଉପରେକୁ ପ୍ରଭାବ ପଡୁଛି, ଏହି ଖବର ପାଇ ପାରଳା ବିଧାୟକ ରୂପେଶ ପାଣିଗ୍ରାହୀ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି । ଆଗାମୀ ଦୁଇ ତିନି ଦିନ ମଧ୍ୟରେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ପାତପଟାନମ ବିଧାୟକ ଓ ଆନ୍ଧ୍ର ଜିଲ୍ଲା ପ୍ରଶାସନକୁ ଅବଗତ କରିବେ, ଯଦି ଆନ୍ଧ୍ର ପ୍ରଶାସନ ନଶୁଣନ୍ତି ଉଚିତ୍ ଜବାବ ଦିଆଯିବ ବୋଲି ବିଧାୟକ ଜଣାଇଛନ୍ତି ।

ବାସୁଦେବପୁର ପୌରପାଳିକା ତରଫରୁ ପଂଚମ ରଜ ମହୋତ୍ସବ, ଧୁମଧାମରେ ପାଳିତ ହେଲା ଓଡ଼ିଆ ଗଣପର୍ବ ରଜ



ବାସୁଦେବପୁର, ୧୭/୦୬ (ଆ.ପ୍ର) : ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଐତିହ୍ୟର ପ୍ରତୀକ ଗଣପର୍ବ ରଜର ଶେଷ ଦିବସ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ରଜ ଶୁଭେଚ୍ଛା ଜଣାଇଲେ ଅତିଥି ମାନେ । ଏହି ଅବସରରେ ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଟାଉନହଲ ପରିସରରେ ଆୟୋଜିତ ହୋଇଛି ପଂଚମ ରଜ ମହୋତ୍ସବ । ପାରମ୍ପରିକ ରୀତିନୀତି, ଆନନ୍ଦ ଉଲ୍ଲାସ ଓ ସାଂସ୍କୃତିକ ପରିବେଶ ମଧ୍ୟରେ ପାଳିତ ହୋଇଥିବା ଏହି ରଜ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଭଦ୍ରକ ଲୋକସଭା କ୍ଷେତ୍ରର ମାନ୍ୟବର ସାଂସଦ ଅଭିମନ୍ୟୁ ସେଠୀ । ଏହି କାର୍ଯ୍ୟକ୍ରମରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଅଶୋକ କୁମାର ଦାସ, ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ, ବାସୁଦେବପୁର ପୌରାଧ୍ୟକ୍ଷ ନିବେଦିତା ବେହେରା, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ପରିଷଦ ଉପାଧ୍ୟକ୍ଷା ମଧୁସ୍ମିତା ସେଠୀ, ଆସମା ବିବିଙ୍କ ସମେତ ବିଭିନ୍ନ ୱାର୍ଡର ପରିଷଦଙ୍କ ସମେତ ବାସୁଦେବପୁର ପୌରପାଳିକାର କର୍ମଚାରୀ ସବିର ଖାନ୍, ସସ୍ମିତା ମହାପାତ୍ର, ସ୍ରୋତାଲିନା ଦାସ, ଉପାସନା ସାହୁ, ବିଶ୍ୱରଞ୍ଜନ ଜେନା, ଆଶିଷ ମିଶ୍ରଙ୍କ ପରିଷଦ ଓ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ । ତାଙ୍କ ସମେତ ସମସ୍ତ ପରିଷଦ ଓ ବହୁ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ରଜ ପର୍ବ ଓଡ଼ିଆ ଜାତିର ଏକ ଅନନ୍ୟ ପରମ୍ପରା । ଏହି ପର୍ବ ମାଧ୍ୟମରେ ମାଟି, ପ୍ରକୃତି ଓ ନାରୀ ସମ୍ମାନର ବାର୍ତ୍ତା ପ୍ରକାଶ ପାଇଥାଏ । ରଜ ମହୋତ୍ସବରେ ଲୋକଙ୍କ ମଧ୍ୟରେ ବେଶ ଉତ୍ସାହ ଓ ଆନନ୍ଦ ଦେଖିବାକୁ ମିଳିଛି ।

ଭୋଗବାଡ଼ି ରଜ ଧମାକା ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚ୍

ଦଶପଲ୍ଲା, ୧୭/୦୬ (ଆ.ପ୍ର) : ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଭୋଗବାଡ଼ି ଠାରେ ରଜ ଉପଲକ୍ଷେ ଜନ କଲ୍ୟାଣ କ୍ରିକେଟ୍ କ୍ଲବ୍ ଦ୍ୱାରା ଆୟୋଜିତ, 'ମଦନ ମୋହନ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଂଟ - ୨୦୨୬'ର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଦଶପଲ୍ଲା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ଭୋଗବାଡ଼ି ପଂଚାୟତ ସରପଂଚ ନିର୍ମଳା ସାହୁ, ଆଇନଜୀବୀ ବିରଂଚି ନାରାୟଣ ସାହୁ, ବିଜେଡ଼ି ଛାତ୍ର ଉପ ସଭାପତି ଆଲୋକ ବେହେରା, ଗ୍ରାମର ପ୍ରାଣବନ୍ଧୁ ସାହୁ, ବସନ୍ତ କୁମାର ପାତ୍ର, ମୁରଲୀଧର ସାହୁ ଯୋଗ ଦେଇଥିଲେ । ଆଜି ଫାଇନାଲର ପ୍ରଥମ ମ୍ୟାଚ୍‌ରେ ଭୋଗବାଡ଼ି ମା' ବାଉଁଶୀ କ୍ରିକେଟ୍ କ୍ଲବ୍ ୧୫ ଓଭରରେ ମୁକାବିଲା ୦୯ ଗୋଟି ୱିକେଟ୍ ହରାଇ ୧୮୯ ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ ରୁଖାପଲ୍ଲୀ କ୍ରିକେଟ୍ କ୍ଲବ୍ ୧୫ ଓଭରରେ ୧୦ ଗୋଟି ୱିକେଟ୍ ହରାଇ ୧୩୩ ରନ୍ ସଂଗ୍ରହ କରିଥିଲେ । ଫଳରେ ଭୋଗବାଡ଼ି କ୍ରିକେଟ୍ କ୍ଲବ୍ ବିଜୟ ଲାଭ କରିଥିଲା । ଏହି ଦଳର ନରେଶ ମହାନ୍ତ ୨୨ ବଲରେ ଧୂଆଁଧାର ବ୍ୟାଟିଂ କରି ୫୩ ରନ୍ ସଂଗ୍ରହ କରିଥିଲେ । ଜନ କଲ୍ୟାଣ ଯୁବକ ସଂଘ କମିଟିର ସମସ୍ତ ସଭ୍ୟ କ୍ରିକେଟ୍ ଟୁର୍ଣ୍ଣାମେଂଟ ପରିଚାଳନାରେ ସହଯୋଗ କରିଥିଲେ ।

୨୬ ବର୍ଷ ପରେ କଂଗ୍ରେସ ଛାଡ଼ିଲେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି

କୁକୁଡାଖଣ୍ଡି, ୧୭/୦୬ (ଆ.ପ୍ର) : କୁକୁଡାଖଣ୍ଡି ବ୍ଲକ କଂଗ୍ରେସ ରାଜନୀତିରେ ଏକ ବଡ଼ ଘଟଣାକ୍ରମ ଦେଖିବାକୁ ମିଳିଛି । ଦୀର୍ଘ ୨୬ ବର୍ଷ ଧରି କଂଗ୍ରେସ ସଂଗଠନ ସହ ଜଡ଼ିତ ରହିଥିବା ଯୁବନେତା ତଥା କୁକୁଡାଖଣ୍ଡି ବ୍ଲକର ପୂର୍ବତନ କଂଗ୍ରେସ ସଭାପତି ପି. ଶିବପ୍ରସାଦ ଦୋରା (ଟୁଟୁ) ଆଜି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ତାଙ୍କ ଇସ୍ତଫା ଘୋଷଣା କୁକୁଡାଖଣ୍ଡି ଅଂଚଳର କଂଗ୍ରେସ ସଂଗଠନ ପାଇଁ ଏକ ବଡ଼ ଝଟକା ଭାବେ ଦେଖାଦେଇଛି । ବୁଧବାର କୁକୁଡାଖଣ୍ଡି ସ୍ଥିତ ମୁକ୍ତେଶ୍ୱର ମନ୍ଦିର ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପି. ଶିବପ୍ରସାଦ ଦୋରା ତାଙ୍କ ଇସ୍ତଫା ସମ୍ପର୍କରେ ଘୋଷଣା କରିଥିଲେ । ସେ କହିଥିଲେ ଯେ, ୨୦୦୧ରୁ କଂଗ୍ରେସ ସହିତ କାମ କାମ କରି ୨୦୦୯ ମସିହାରୁ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ କଂଗ୍ରେସ ଦଳର ବିଭିନ୍ନ ପଦପଦବୀରେ ଜଣେ ଶୃଙ୍ଖଳିତ କର୍ମୀ ଭାବେ ଦଳ ପାଇଁ କାମ କରିଥିଲେ । ସେ କୁକୁଡାଖଣ୍ଡି ଲୋକସଭା ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ । ପରବର୍ତ୍ତୀ ସମୟରେ ସେ ଦୁଇଥର କୁକୁଡାଖଣ୍ଡି ବ୍ଲକ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ନେଇ ସଂଗଠନକୁ ମଜବୁତ କରିବା ଦିଗରେ କାର୍ଯ୍ୟ କରିଥିଲେ । ତେବେ ଦଳୀୟ କର୍ମୀମାନଙ୍କୁ ଅଣଦେଖା କରାଯାଉଥିବା ଏବଂ ତୃଣମୂଳ ସ୍ତରର କର୍ମୀଙ୍କ ମତାମତକୁ ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ କରି ସେ ଦଳ ଛାଡ଼ିବାକୁ ବାଧ୍ୟ ହୋଇଥିବା କହିଛନ୍ତି । ଏହି ଅବସରରେ ସେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତଚରଣ ଦାସ, ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ) ସଭାପତି ରଶ୍ମିରଞ୍ଜନ ପଟ୍ଟନାୟକ ଓ ସ୍ଥାନୀୟ ସଂଗଠନ ନେତୃତ୍ୱଙ୍କ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଦଳର ବର୍ତ୍ତମାନ ନେତୃତ୍ୱ ତୃଣମୂଳ ସ୍ତରର କର୍ମୀଙ୍କ ଅବହେଳା କରୁଥିବାରୁ ସଂଗଠନ ଦୁର୍ବଳ ହେଉଥିବା ସେ ଅଭିଯୋଗ କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦୋରା ରାଜ୍ୟର ବର୍ତ୍ତମାନ ବିଜେପି ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟକାଳକୁ ମଧ୍ୟ ସମାଲୋଚନା କରିଥିଲେ । ସରକାର ଜନସାଧାରଣଙ୍କ ଆଶା ଅନୁଯାୟୀ କାମ କରିବାରେ ବିଫଳ ହୋଇଥିବା ସେ କହିଥିଲେ । ଏହି ଘଟଣାକୁ ନେଇ କୁକୁଡାଖଣ୍ଡିର ବରିଷ୍ଠ ରାଜନେତା କେ. ମଣି ବାବୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ପି. ଶିବପ୍ରସାଦ ଦୋରାଙ୍କ ଭଳି ଜଣେ ସାଂଗଠନିକ ନେତାଙ୍କ ଇସ୍ତଫା ଆଗାମୀ ଦିନରେ କଂଗ୍ରେସ ସଂଗଠନ ଉପରେ ପ୍ରଭାବ ପକାଇପାରେ । ଏହାର ପ୍ରଭାବ ବ୍ଲକ ସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ଅନୁଭୂତ ହେବ ବୋଲି ସେ ମତ ପ୍ରକାଶ କରିଥିଲେ । ପୂର୍ବତନ ବ୍ଲକ ସଭାପତିଙ୍କ ଏହି ନିଷ୍ପତିକୁ କଙ୍କିଆର ପୂର୍ବତନ ସମିତି ସଭ୍ୟ ଚନ୍ଦ୍ରଶେଖର ମଲ୍ଲିକ, ସଞ୍ଜୀବ ପଟ୍ଟନାୟକ, ଏ. ଫକାର, ବନବାସୀ ପାତ୍ରୀଙ୍କ ସମେତ ଅନେକ କଂଗ୍ରେସ କର୍ମୀ ସମର୍ଥନ ଜଣାଇଥିଲେ । ପରିଶେଷରେ ଦୋରା କହିଛନ୍ତି ଯେ, ମୁଁ ଇସ୍ତଫା ଦେଇଛି କିନ୍ତୁ କୁକୁଡାଖଣ୍ଡି ବ୍ଲକ ବାସୀଙ୍କ ସେବା ପାଇଁ ମୋ ଦ୍ୱାରା ସବୁଦିନ ପାଇଁ ଖୋଲା ରହିବ ଏବଂ ଜନସେବା ଜାରି ରହିବ । ଫଳରେ କୁକୁଡାଖଣ୍ଡି ବ୍ଲକ କଂଗ୍ରେସ ରାଜନୀତିରେ ଏହି ଘଟଣାକୁ ନେଇ ବର୍ତ୍ତମାନ ଜୋର ଚର୍ଚ୍ଚା ହେଉଛି । ଆଗାମୀ ଦିନରେ ଏହାର ରାଜନୈତିକ ପ୍ରଭାବ କିପରି ରହିବ ସେନେଇ ସମସ୍ତଙ୍କ ନଜର ରହିଛି ।

ଆରମ୍ଭ

SEITHO ARAMBHA

ଗୁରୁବାର, ୧୮ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ବ.ଯୁ. ଟେଳବାର-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ତାଙ୍କ ପକ୍ଷରୁ କାର୍ଯ୍ୟ କରୁଥିବା ଉପ-ମୁଖ୍ୟ ଯନ୍ତ୍ରୀ (ଜନ-II)/ଖଡ଼ଗପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର www.ireps.gov.in ୱେବସାଇଟ୍‌ରେ ଅପଲୋଡ୍ କରାଯାଇଛି । ଟେଣ୍ଡର ଶେଷ ତାରିଖର ଦିନ ୧୨-୦୦ ଘଣ୍ଟାରେ ବନ୍ଦ ହେବ । ଇ-ଟେଣ୍ଡର ନୋଟିସ୍ ନମ୍ବର: BCE-CON-II-KGP-4-2026; କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: 'ଖଡ଼ଗପୁରର ରେଳବାଇ' ଉପ-ବିଭାଗ ଜନ-II/KGP, ଏସ୍.ଇ.କ ଅଧିକାରୀଙ୍କ ଅଧୀନରେ ବାଲିଗଡ଼ା, ଦକ୍ଷିଣ, ବାଲୁଚିପୋଷି ଜାମ ଅଫିସ୍, AXENC/ ଓ଼ଓ ଅଫିସ୍ ଏବଂ ଉପ-ବିଭାଗୀୟ-II/KGP ଅଫିସ୍ ପାଇଁ ଟେଣ୍ଡର ସୂଚୀ; ମୂଲ୍ୟ: ଟ.୧,୧୦,୫୪,୪୪୨.୮୦/-; EMD: ଟ.୨,୦୫,୩୦୦.୦୦/-; ସମାପ୍ତି ଅବଧି: ୨୪ (ଚବିଶ) ମାସ; ଶେଷ ତାରିଖ: ୧୭.୦୭.୨୦୨୬; ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି ନିର୍ଦ୍ଦିଷ୍ଟୀକରଣ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିଶେଷ ସୂଚନା: 'ସମସ୍ତ ବିଜ୍ଞାପନରେ ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ବିସ୍ତାରିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ ।'

(PR-342)

ବଡୁଆରେ ଇମାମୀର ସ୍ୱାସ୍ଥ୍ୟ ଶିବିର

ନୀଳଗିରି, ୧୭/୦୬ (ଆ.ପ୍ର) : ଏଠାରୁ ୩ କିମି ଦୂରବର୍ତ୍ତୀ ବଡୁଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଆଜି ଇମାମୀ ପେପର ମିଲସ ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରରେ ବଡୁଆ, ବାସୁଖୁଂଟା, ଆର୍ମାଳା, କୁଚିକାପଦା, ବିମ୍ବୁରିଆ, ନରହରିପୁର, ଦିଖାପଦା, ହେଡସୁରା, ବେଲେଡି ପ୍ରଭୃତି ଗ୍ରାମରୁ ଆସିଥିବା ୨୪୫ ଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଛି । ଇମାମୀର ବରିଷ୍ଠ ସଭାପତି ଆଶୀଷ ଅବିନାଶ ଗୁପ୍ତା, ସହ ମହା ପ୍ରବନ୍ଧକ ମନୋଜ କୁମାର ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପ୍ରବୀଣ ଆୟୁର୍ବେଦ ଚିକିତ୍ସକ ଡା. ପ୍ରଦୀପ କୁମାର ଜେନା, ହୋମିଓପ୍ୟାଥି ଚିକିତ୍ସକ ଡା. ଜିତେନ୍ଦ୍ର ମହାରଣା ରୋଗୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରିଥିଲେ । ସାମାଜିକ କର୍ମୀ ଗୋପିନାଥ ମହାପାତ୍ର, ରବି ରାଉତ ଶିବିର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

25001/431/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, UDALA
e_mail =rw_udala@yahoo.com
e_Procurement Tender Call Notice No. Online 02/RWD/UDALA/2026-27

1. Name of the work : ROAD works
2. Total No.of works : 48Nos.
3. Estimated Cost : Approx Estimated Cost Rs.5.04 to Rs.46.89 Lakhs
4. Class of Contractor :'D','C'& 'B'
5. EMD : EMD @ 1% of Estimated Cost Put to tender
6. Period of completion : As per Annexure
7. Other details

Procurement Officer	Bid Identification No.	Availability of tender On-line for bidding		Last Date & Time of seeking Tender Clarification	Date & Time of Opening of tender in the office of the Superintending Engineer, R.W. Division, Udala
		From	To		
1	2	3	4	5	6
S.E.R.W Division, Udala	02 (Online) /RWD-UDALA of 2026-27	22.06.26 at 11.00 A.M.	29.06.26 up to 5.00 P.M.	29.06.26 up to 3.00 P.M..	29.06.26 up to 6.30 P.M.

Further details can be seen from the website www.tendersorissa.gov.in

Superintending Engineer
R.W. Division, Udala

OIPR - 25001/25199/1/26-27/0002

ସୋଲାର ପ୍ୟାନେଲ ସ୍ଥାପନା କ୍ଷେତ୍ରରେ ଅଗ୍ରଣୀ ବାଲେଶ୍ୱର
ଜିଲ୍ଲାରେ ସ୍ଥାପନ ହୋଇଛି ୧୦ହଜାରରୁ ଅଧିକ ରୁଫଟପ୍ ସୋଲାର୍

ବାଲେଶ୍ୱର, ୧୭/୦୬ (ଆ.ପ୍ର) : ସୌର ଶକ୍ତିର ବିନିଯୋଗ ତଥା ସୌର ପ୍ୟାନେଲ ସ୍ଥାପନା କ୍ଷେତ୍ରରେ ଏକ ଅଗ୍ରଣୀ ଜିଲ୍ଲା ଭାବେ ବାଲେଶ୍ୱର ରାଜ୍ୟ ସ୍ତରରେ ଗୌରବ ହାସଲ କରିଛି । 'ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା' ଅଧୀନରେ ବାଲେଶ୍ୱର ଜିଲ୍ଲାରେ ୧୦ହଜାରରୁ ଅଧିକ ରୁଫଟପ୍ ସୋଲା(ଆରଟିଏସ) ସ୍ଥାପନା ହୋଇଥିବାବେଳେ ଖୋର୍ଦ୍ଧା ଜିଲ୍ଲା ପରେ ବାଲେଶ୍ୱର ରାଜ୍ୟରେ ଏହି ମାଇଲଖୁଂଟ ହାସଲ କରିଛି । ବାଲେଶ୍ୱର ଜିଲ୍ଲାରେ ପ୍ରାୟ ୨୨ ମେଗାୱାଟ କ୍ଷମତା ସହ ୧୦,୦୫୨ଟି ଆରଟିଏସ ସ୍ଥାପନା ହୋଇଥିବା ସୂଚନା ମିଳିଛି । ବାଲେଶ୍ୱର ବୈଦ୍ୟୁତିକ ମଣ୍ଡଳ ଅନ୍ତର୍ଗତ ସୋର ଡିଭିଜନରେ ୩,୦୮୯ଟି ଆରଟିଏସ ସ୍ଥାପନା ହୋଇଥିବାବେଳେ ସିଇଡିରେ ୨୧୭୫, ଜଳେଶ୍ୱରରେ ୧୮୪୦, ବସ୍ତାରେ ୧୬୦୧ ଓ ବିଇଡିରେ ୧୩୪୭ଟି ସୋଲାର ବ୍ୟବସ୍ଥା ପିଏମ୍ ସୂର୍ଯ୍ୟ ଘର ଓ ୟୁଏଲଏ ମଡେଲ ଅଧୀନରେ ସ୍ଥାପନା କରାଯାଇଛି । ବାଲେଶ୍ୱର ବ୍ୟତୀତ ବାରିପଦା ମଣ୍ଡଳରେ ୫୮୩୯, ଯାଜପୁରରେ ୪୮୪୩, କେନ୍ଦୁଝରରେ ୩୪୧୦ ଓ ଭଦ୍ରକରେ ୩୪୦୪ ଜଣ ଉପଭୋକ୍ତା ପିଏମ ସୂର୍ଯ୍ୟ ଘର ଯୋଜନା ଅଧୀନରେ ସୌର ପ୍ୟାନେଲ ସ୍ଥାପନା କରିଛନ୍ତି । ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା ଅଧୀନରେ, ରାଜ୍ୟରେ ୧କିଲୋୱାଟ ୟୁଏଲଏ ଓ ୧କିଲୋୱାଟରୁ ଅଧିକ ଅଣ-ୟୁଏଲଏ ସୋଲାର ବ୍ୟବସ୍ଥା ସ୍ଥାପନା ଉପରେ ଉପଭୋକ୍ତାଙ୍କ ପାଇଁ ସରକାରଙ୍କ ତରଫରୁ ଆକର୍ଷଣୀୟ ସବସିଡି ସୁବିଧା ରହିଛି । ଯୋଗ୍ୟ ଉପଭୋକ୍ତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୧,୩୮,୦୦୦ଟଙ୍କା ପର୍ଯ୍ୟନ୍ତ ସବସିଡିର ଲାଭ ଉଠାଉଛନ୍ତି । ଯାହାକି ଉପଭୋକ୍ତାଙ୍କ ପାଇଁ ଲାଭଦାୟକ ହେବା ସହ ସ୍ଥାପନା ଖର୍ଚ୍ଚକୁ ବେଶ୍ କମାଇବାରେ ସହାୟକ ହେଉଛି । ସେହିପରି ଟିପିଏନଓଡ଼ିଏଲ ପକ୍ଷରୁ ଉପଭୋକ୍ତାଙ୍କୁ ସୁବିଧାରେ ସେବା ଯୋଗାଇବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ନେଟ୍ ମିଟର୍ ଉପଲବ୍ଧତା, ସମୟୋପଯୋଗୀ ନିରୀକ୍ଷଣ ଓ ସ୍ଥାପନା, ଭେଣ୍ଡର୍ ପଞ୍ଜିକରଣକୁ ସହଜ ଓ ସୁବିଧାଜନକ କରାଯାଇଛି । 'ମୋ ଛାତ, ମୋ ସଂଯୋଗ' ଅଭିଯାନ ଭଳି ଟିପିଏନଓଡ଼ିଏଲର ଅଭିନବ ପଦକ୍ଷେପ ବାଲେଶ୍ୱର ତଥା ଅନ୍ୟ ଜିଲ୍ଲାଗୁଡ଼ିକ ଲାଗି ଏହି ସଫଳତା ହାସଲ କରିବାରେ ବେଶ୍ ସହାୟକ ହୋଇଛି । ଗ୍ରାମାଂଚଳରେ ଗ୍ରାମ ସଭା ଆୟୋଜନ କରି ସୋଲାର୍ ପ୍ରଯୁକ୍ତି, ସବସିଡି, ସ୍ଥାପନା ପ୍ରକ୍ରିୟା, ଓ ଦୀର୍ଘମିଆଦୀ ସଂଚୟ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା, ତାକବାକି ପ୍ରଚାର ସହିତ ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମ ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନାକୁ ଜନାଦୃତ କରିବାରେ ସହାୟତା ପ୍ରଦାନ କରିଛି । ଏହି ଅବସରରେ ଟିପିଏନଓଡ଼ିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ଦ୍ୱିଜେନ୍ଦ୍ର କୁମାର ତ୍ୟାଗୀ କହିଛନ୍ତି ଯେ, ଉତ୍ତର ଓଡ଼ିଶାରେ ଉପଭୋକ୍ତାମାନେ ଅକ୍ଷୟ ଓ ସବୁଜ ଶକ୍ତିର ବ୍ୟବହାର ପାଇଁ ବେଶ୍ ଆଗ୍ରହୀ ଓ ଏହାର ଆବଶ୍ୟକତା ନେଇ ସଚେତନ ଅଛନ୍ତି । ରାଜ୍ୟ ସ୍ତରରେ ବାଲେଶ୍ୱର ହାସଲ କରିଥିବା ମାଇଲଖୁଂଟ ଉପଭୋକ୍ତାଙ୍କ ବିଶ୍ୱାସ, ପ୍ରଶାସନର ସହଯୋଗ ଓ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠାର ପ୍ରତିଫଳନ ବୋଲି ସେ ଦର୍ଶାଇଛନ୍ତି । ସୂଚନାଯାଇକି, ବିଗତ ଦୁଇ ବର୍ଷରେ ଓଡ଼ିଶାରେ ୧.୦୮ ଲକ୍ଷ ରୁଫଟପ୍ ସୋଲାର୍ ସ୍ଥାପନା ସହ ଜାତୀୟ ସ୍ତରରେ ୯ମ ସ୍ଥାନରେ ରହିଛି । ୨୦୨୬ ମେ' ମାସରେ କେନ୍ଦ୍ର ଅକ୍ଷୟ ଶକ୍ତି ମନ୍ତ୍ରାଳୟର ସୌର ମାସ ପାଳନ ଅବସରରେ ଓଡ଼ିଶା ରାଜ୍ୟମାନଙ୍କ ମଧ୍ୟରେ ମଧ୍ୟମ ବର୍ଗରେ ସର୍ବାଧିକ ଉପଭୋକ୍ତା ଆବେଦନ, ସର୍ବାଧିକ ରୁଫଟପ୍ ସୋଲାର୍ ସ୍ଥାପନା ଓ ସର୍ବାଧିକ ଡିସକମ୍ ପରୀକ୍ଷଣ ଆଦି ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିବା ସହ କେନ୍ଦ୍ର ଶକ୍ତି ମନ୍ତ୍ରାଳୟ ପକ୍ଷରୁ ପୁରସ୍କୃତ ହୋଇଛି ।

ବିଦେଶୀ ମଦ ସହ ତିନି ଗିରଫ

ସିମୁଳିଆ, ୧୭/୦୬ (ଆ.ପ୍ର) : ଜାତୀୟ ରାଜପଥରେ ସିମୁଳିଆ ପୋଲିସର ବଡ଼ାଇ ବିଦେଶୀ ମଦ ଜବତ କରିବା ସହ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ବିଭିନ୍ନ ଛକ ବଜାରରେ ଦେଶୀ ବିଦେଶୀ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ସିମୁଳିଆ ପୋଲିସ ଥାନା ଅଧିକାରୀ ଦେବରାଜ ଜେନାଙ୍କ ନେତୃତ୍ୱରେ ଏଏସଆଇ ଅଶୋକ କୁମାର ବେହେରା ଓ ମହେନ୍ଦ୍ର ନାୟକ ଓ ଟିମ ପେଟ୍ରୋଲିଂ ସମୟରେ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପାନ ଦୋକାନରେ ଚଢ଼ାଉ କରିଥିଲେ । ଏହି ଚଢ଼ାଉ ସମୟରେ ସେମାନଙ୍କ ନିକଟରୁ ୩୦ଲିଟରରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଉଦ୍ଧାର ହୋଇଥିଲା । ଦୋକାନୀ ଜୟନ୍ତ ବେହେରା, କମଳାକାନ୍ତ ବେହେରା ଓ ସନ୍ତୋଷ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଥାଉକି ବେଆଇନ ଭାବେ ଗଢ଼ି ଉଠିଥିବା ଦୋକାନ ଓ ଢାବା ମାନଙ୍କରେ ବେଆଇନ ମାଦକ ଦ୍ରବ୍ୟ ବିକ୍ରି ହେଉଛି ସେମାନଙ୍କ ଉପରେ ଚଢ଼ାଉ ହେବେ ?

ଜୋନାଲ ରେଳ ଉପଭୋକ୍ତା ପରାମର୍ଶଦାତା ସମିତି ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୧୭/୦୬ (ଆ.ପ୍ର) : ଆଜି କଲିକତାସ୍ଥିତ ତାଜ୍ ବେଙ୍ଗଲ ହୋଟେଲର କ୍ରିଷ୍ଟାଲ ହଲ୍‌ଠାରେ ଆୟୋଜିତ ଜୋନାଲ ରେଳ ଉପଭୋକ୍ତା ପରାମର୍ଶଦାତା ସମିତି ବୈଠକରେ ଯୋଗଦେଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ରେଳ ସମ୍ବନ୍ଧୀୟ ଜନସ୍ୱାର୍ଥ ଦାବି ଉପସ୍ଥାପନ କରିଥିଲେ । ସେ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ରେଳବାଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ - ବାଲେଶ୍ୱର ମୁଖ୍ୟ ରେଳ ଷ୍ଟେସନ ଭବନ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହାର ସମାପ୍ତି, ଅମର୍ଦ୍ଦା ରୋଡ୍ ରେଳ ଗେଟ୍ ନଂ-୫୭ ଠାରେ ଫ୍ଲାଏଓଭର ସେତୁ ନିର୍ମାଣ, ଗୋପୀନାଥପୁର-ନୀଳଗିରି ରେଳ ଷ୍ଟେସନରେ ପିଆରଏସ୍ ବ୍ୟବସ୍ଥା ପ୍ରଚଳନ, ମାର୍କୋଣା ରେଳ ଷ୍ଟେସନରେ ଇଷ୍ଟକୋଷ୍ଟ ଏକ୍ସପ୍ରେସର ରହଣି ପୁନଃସ୍ଥାପନ, ଜଳେଶ୍ୱର-ଚନ୍ଦନେଶ୍ୱର ରେଳ ପ୍ରକଳ୍ପର ସ୍ଥିତି, ଜମି ଅଧିଗ୍ରହଣର ପ୍ରଗତି ଏବଂ ଦୀଘା ପର୍ଯ୍ୟନ୍ତ ସମ୍ପ୍ରସାରଣ, ବାଲେଶ୍ୱର-ଭୁବନେଶ୍ୱର-ବାଲେଶ୍ୱର ମେମୁ ଟ୍ରେନ (୬୮୪୦୭/ ୬୮୪୦୮)କୁ ଗୋପୀନାଥପୁର-ନୀଳଗିରି ପର୍ଯ୍ୟନ୍ତ ସମ୍ପ୍ରସାର, ଜଳେଶ୍ୱର-ପୁରୀ ମେମୁ ଟ୍ରେନ ନଂ-୬୮୪୪୧ରେ ଅତିରିକ୍ତ ବଗି ସଂଯୋଜନ, ଗୋପୀନାଥପୁର-ନୀଳଗିରି-ବାଲେଶ୍ୱର ଲୋକାଲ ଟ୍ରେନର ବଡୁଆ ଷ୍ଟେସନରେ ରହଣି, ବାଲେଶ୍ୱରରୁ ଅହମଦାବାଦ ଓ ମୁମ୍ବାଇ ପାଇଁ ନୂତନ ଟ୍ରେନ ସେବା ଆରମ୍ଭ, ନୀଳଗିରି-ବାଲେଶ୍ୱର ଲୋକାଲ ଟ୍ରେନ ସେବାକୁ ପୁରୀ ଓ କଲିକତା ପର୍ଯ୍ୟନ୍ତ ସମ୍ପ୍ରସାରଣ, ବେଙ୍କଟଝୋଳା ଗ୍ରାମର ଉତ୍ତର ପାର୍ଶ୍ୱରୁ ନୂଆଗାଁ ମୟୂରଭଞ୍ଜ ରୋଡ୍ ରେଳ ଷ୍ଟେସନ ବୁକିଂ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆପ୍ରୋଚ୍ ରୋଡ୍ ନିର୍ମାଣ, ନୂଆଗାଁ ମୟୂରଭଞ୍ଜ ରୋଡ୍ ରେଳ ଷ୍ଟେସନରୁ ଜଳକା ନଦୀ ପର୍ଯ୍ୟନ୍ତ ସ୍ଥାୟୀ କଂକ୍ରିଟ ଡ୍ରେନ ନିର୍ମାଣ, ବ୍ରିଜ୍ ନଂ-୨୩୬ ତଳେ କୃଷି ଜମିକୁ ଯାତାୟାତ ପାଇଁ ପଦଚାରୀ ପଥ ଓ କଲଭର୍ଟ ନିର୍ମାଣ, ଅମର୍ଦ୍ଦା ରୋଡ୍ ରେଳ ଷ୍ଟେସନରେ PRS କାଉଂଟର ପ୍ରଚଳନ, ଲେଭେଲ୍ କ୍ରସିଂ ନଂ-୪୬ ଠାରେ ROB କିମ୍ବା LHS ନିର୍ମାଣ, ବୃତ୍ତୀୟ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଏବଂ ଚତୁର୍ଥ ରେଳ ଲାଇନ ପ୍ରସ୍ତାବର ସ୍ଥିତି, ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ (୧୮୪୧୦/୧୮୪୧୧) ର ଅମର୍ଦ୍ଦା ରୋଡ୍ ଷ୍ଟେସନରେ ରହଣି ପୁନଃସ୍ଥାପନ, ଖନ୍ତାପଡ଼ା ରେଳ ଷ୍ଟେସନ ଫ୍ଲାଏଓଭର ଓ ଆପ୍ରୋଚ୍ ରୋଡ୍ ନିର୍ମାଣ କାର୍ଯ୍ୟର ସମାପ୍ତି ସମୟ, ଖନ୍ତାପଡ଼ା ରେଳ ଷ୍ଟେସନରେ ବାରିପିପୋଷି-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ୍ (୧୮୪୦୧) ର ରହଣି, ପଣପଣା ରେଳ ଷ୍ଟେସନରେ ଖଡ଼ଗପୁର-ଖୋର୍ଦ୍ଧା ରୋଡ୍ ଫାଷ୍ଟ ପାସେଞ୍ଜର (୧୮୦୨୧)ର ରହଣି, ଖଣ୍ଟାପଡ଼ାର ଲେଭେଲ୍ କ୍ରସିଂ ନଂ-୭୧ ଠାରେ ପ୍ରଶସ୍ତ ଭଇଁସ୍ତରୀୟ ସେତୁ ନିର୍ମାଣ, ବାଲେଶ୍ୱର ରେଳ ଷ୍ଟେସନରେ ଦୁରନ୍ତ ଏକ୍ସପ୍ରେସ୍ (୧୨୨୪୫)ର ରହଣି ପ୍ରଦାନ, କୋଭିଡ୍ ସମୟରେ ପରିବର୍ତ୍ତିତ ଧଉଳି ଏକ୍ସପ୍ରେସ୍‌ର ସମୟସୂଚୀକୁ ପୂର୍ବବତ୍ କରିବା, ଯାହା ଦ୍ୱାରା ବାଲେଶ୍ୱରରୁ ଭୁବନେଶ୍ୱର ଯାତ୍ରୀମାନେ ଉପକୃତ ହେବେ, ଈଶାଣପୁର ଗ୍ରାମ ନିକଟସ୍ଥ ଏଲ୍.ସି. ଗେଟ୍ ନଂ-୭ ଠାରେ ରୂପସା-ବାରିପଦା ଶାଖା ରେଳପଥରେ ପ୍ରସ୍ତାବିତ ଅଣ୍ଡରପାସ୍ ନିର୍ମାଣ କାର୍ଯ୍ୟର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଅବଗତ କରାଇବା । ଏହା ବ୍ୟତୀତ ବାଲେଶ୍ୱର ଲୋକସଭା କ୍ଷେତ୍ରର ବିଭିନ୍ନ ସ୍ଥାନରେ ପୂର୍ବରୁ ଉପସ୍ଥାପିତ ହୋଇଥିବା ଫ୍ଲାଏଓଭର ବ୍ରିଜ୍, ସର୍ଭିସ୍ ରୋଡ୍, ଫୁଟ୍ ଓଭର ବ୍ରିଜ୍ ଆଦି ପ୍ରକଳ୍ପର ଅନୁମୋଦନ ଓ କାର୍ଯ୍ୟାଦେଶ ସମ୍ପର୍କରେ ମଧ୍ୟ ସେ ଆଲୋଚନା କରିଥିଲେ । ବାଲେଶ୍ୱର ମୁଖ୍ୟ ରେଳ ଷ୍ଟେସନ ବ୍ୟତୀତ ଜଳେଶ୍ୱର, ବେତନୋଟି, ରୂପସା, ଅମର୍ଦ୍ଦା ରୋଡ୍, ଚିଙ୍ଗିରାପାଳ, ବସ୍ତା, ଖନ୍ତାପଡ଼ା, ପଣପଣା, ସୋର, ମାର୍କୋଣା ଓ ଗୋପୀନାଥପୁର-ନୀଳଗିରି ଅଂଚଳର ବିଭିନ୍ନ ରେଳ ସୁବିଧାର ଉନ୍ନତି ପାଇଁ ମଧ୍ୟ ସେ ଦାବି ରଖିଥିଲେ । ଏହି ବୈଠକରେ ଅନେକ ସାଂସଦ, ସମସ୍ତ ZRUCC ସଦସ୍ୟ ଏବଂ ରେଳବାଇର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବାଲେଶ୍ୱରରୁ ZRUCC ସଦସ୍ୟ ଭାବେ ମୋହିତ ପୋଦାର ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ ।

ଜିଲ୍ଲାସ୍ତରୀୟ ମକଡ୍ରିଲ ଏବଂ ଟେବୁଲଟପ ଏକସରସାଇଜ ନିମନ୍ତେ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୧୭/୦୬ (ଆ.ପ୍ର) : ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନ ୧୧ ଘଟିକାରେ ଟେବୁଲଟପ ଏକସରସାଇଜ ଏବଂ ମକ ଡ୍ରିଲ ନିମନ୍ତେ ପ୍ରସ୍ତୁତି ବୈଠକ ଅଡିଟୋରିଅମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ଓ ସମ୍ଭାବ୍ୟ ବନ୍ୟା, ବାତ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ କିଭଳି ପୂର୍ବ ପ୍ରସ୍ତୁତି କରାଯାଇପାରିବ ସେ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଉପକୂଳବର୍ତ୍ତୀ ବାଲେଶ୍ୱର ଜିଲ୍ଲାରେ ବାତ୍ୟା ଏବଂ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଅନେକ କ୍ଷୟକ୍ଷତି ହେଉଥିବା ବେଳେ ଉପଯୁକ୍ତ ଯୋଜନା ପ୍ରସ୍ତୁତି ଦ୍ୱାରା ଧନଜୀବନର ସୁରକ୍ଷା ହୋଇପାରିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ପୂର୍ବ ବର୍ଷ ଭଳି ଜିଲ୍ଲାର ବନ୍ୟା ଓ ବାତ୍ୟାପ୍ରବଣ ଅଂଚଳର ଲୋକମାନଙ୍କୁ ବିପର୍ଯ୍ୟୟ ପ୍ରଶମନ ଓ ମୁକାବିଲାର ବିଭିନ୍ନ ଉପାୟ, ଅନୁସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା କାର୍ଯ୍ୟ ସମ୍ବନ୍ଧରେ ସଚେତନ କରିବା ପାଇଁ ଆସନ୍ତା ଜୁନ ୧୯ ତାରିଖରେ ଏକ ମକଡ୍ରିଲ ଲାଗି ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଛି । ଆଗାମୀ ୧୮ ତାରିଖ ପୂର୍ବାହ୍ନରେ ଜିଲ୍ଲା ସ୍ତରୀୟ ଏବଂ ଅପରାହ୍ନରେ ବ୍ଲକ ଏବଂ ପୌରାଂଚଳ ସ୍ତରରେ ଟେବୁଲଟପ ଏକସରସାଇଜ ୧୯ ତାରିଖରେ ଜିଲ୍ଲାର ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀରେ ମକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ ଧନ ଜୀବନ କୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ପାଇଁ ପ୍ରସ୍ତୁତିକୁ ସଦା ସର୍ବଦା ସଜାଗ ରହିବା ପାଇଁ ବିଭିନ୍ନ ଦିଗକୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା ଓ ଜିଲ୍ଲାର ବିଭିନ୍ନ ବ୍ଲକରେ ଅବସ୍ଥିତ ୧୪୪ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ବନ୍ୟା ଆଶ୍ରୟସ୍ଥଳୀରେ ଏହି ମକଡ୍ରିଲ ଅନୁଷ୍ଠିତ ହେବ । ସେହିପରି ରେଡକ୍ରସ ଦ୍ୱାରା ପରିଚାଳିତ ୧୨ଟି କେନ୍ଦ୍ରରେ ମଧ୍ୟ ଏହା ଅନୁଷ୍ଠିତ ହେବ । ମକଡ୍ରିଲ ପୂର୍ବରୁ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ଅବସ୍ଥା, ସେଠାରେ ଥିବା ଯନ୍ତ୍ରପାତିଗୁଡ଼ିକୁ ପରୀକ୍ଷାନିରୀକ୍ଷା କରି ଆବଶ୍ୟକୀୟ ଜରୁରୀ ସରଞ୍ଜାମ ଠିକ ଅଛି କି ନାହିଁ, ସେ ବାବଦରେ ସ୍ଥାନୀୟ ବିଡିଓ କିମ୍ବା ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କୁ ଆଶ୍ରୟସ୍ଥଳୀ ସେକ୍ରେଟାରୀ ଓ ଅଗ୍ନିଶମ ଅଧିକାରୀ ଅବଗତ କରାଇବେ । ବନ୍ୟା ଓ ବାତ୍ୟା ପରିସ୍ଥିତିରେ ପାଣିପତ୍ରକୁ ଉଦ୍ଧାର ଓ ଥଇଥାନ ନିମନ୍ତେ ଆଶ୍ରୟସ୍ଥଳୀ ଏବଂ ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବା, ଶୁଖିଲା ଏବଂ ରନ୍ଧା ଖାଦ୍ୟ ବ୍ୟବସ୍ଥା, ଔଷଧ ମହଜୁଦ, ନଦୀବନ୍ଧ ଓ ଘାଇ ମରାମତି, ପାଇପ୍ ଦ୍ୱାରା ବିଶୋଧିତ ଜଳ ଯୋଗାଣ, ନଳକୂପ ବିଶୋଧନ, ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଔଷଧ, ହେଲୋଜନ ବଟିକା, ଓଆରଏସ, ବ୍ଲିଚିଙ୍ଗ ପାଉଡର, ପ୍ରାଣୀସମ୍ପଦର ସୁରକ୍ଷା ନିମନ୍ତେ ଟୀକା ଓ ଔଷଧ ସହ ପଦକ୍ଷେପ, ଦୁର୍ଗମ ଅଂଚଳରେ ଖାଦ୍ୟ ଶସ୍ୟ ମହଜୁଦ ରଖିବା ଆଦି ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଂଟିଆ (ସାଧାରଣ), ଉପ ଜିଲ୍ଲାପାଳ, ନୀଳଗିରି, ଶୁଭଶ୍ରୀ ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦିଲ୍ଲୀପ କୁମାର ଜେନା, ପୌରପାଳିକା ଗୁଡ଼ିକର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଏନଡିଆରଏଫ, ଓଡ୍ରାଫ ବାହିନୀ, ସ୍ୱେଚ୍ଛାସେବୀ ସଂଗଠନ, ଆପଦ ମିତ୍ର ସ୍ୱେଚ୍ଛାସେବୀ, ସିଭିଲ ଡିଫେନ୍ସ, ଅଗ୍ନିଶମ ବିଭାଗ ଅଧିକାରୀ, ବାଲେଶ୍ୱର, ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଏବଂ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକର ସଭାପତି ଓ ସମ୍ପାଦକ ମାନେ ଯୋଗଦାନ କରିଥିଲେ ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ବାଲେଶ୍ୱର, ଅବନୀ କାନ୍ତ ଭୂୟାଁ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ପରିଶେଷରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ବିନୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

ଫକୀର ମୋହନ ମହାବିଦ୍ୟାଳୟ ଇଗ୍ନୋ ଷ୍ଟଡି ସେଂଟରରେ ନାମଲେଖା ପ୍ରକ୍ରିୟା ଆରମ୍ଭ

ବାଲେଶ୍ୱର, ୧୭/୦୬ (ଆ.ପ୍ର) : ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟସ୍ଥ ଇଗ୍ନୋ କେନ୍ଦ୍ରରେ ବର୍ତ୍ତମାନ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବା ନେଇ କେନ୍ଦ୍ର ସଂଯୋଜକ ତଥା ଉଦ୍ଭିଦ ବିଜ୍ଞାନ ବିଭାଗ ସହକାରୀ ପ୍ରାଧ୍ୟାପକ ଶୟଦ ଆରିଫ ରାଜା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଉକ୍ତ କେନ୍ଦ୍ରରେ ବିଭିନ୍ନ ବିଷୟରେ ଡିପ୍ଲୋମା, ସ୍ନାତକ, ସ୍ନାତକୋତ୍ତର ଭଳି ବିଭିନ୍ନ ପାଠ୍ୟକ୍ରମ ପାଇଁ ନାମଲେଖା ଚାଲୁଛି । ଏହି ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନର ଶେଷ ଦିବସ ଜୁଲାଇ ୧୫ ତାରିଖ ଥିବାବେଳେ ଇଗ୍ନୋରେ ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ଛାତ୍ରଛାତ୍ରୀ ଅଧିକ ସୂଚନା ପାଇଁ ଇଗ୍ନୁ ପାଠ୍ୟ କେନ୍ଦ୍ରର ଲ୍ୟାଣ୍ଡ ଲାଇନ ନମ୍ବର ୦୬୭୮୨ - ୨୬୭୬୮୧ ରେ ଯୋଗାଯୋଗ କରିପାରିବେ ବୋଲି ଆରିଫ ରାଜା ସାର କହିଛନ୍ତି । ଆବେଦନ କରିବା ପାଇଁ ରିଜିଓନାଲ ସେଂଟର କୋଡ୍ ୯୦ ଏବଂ ଷ୍ଟଡି ସେଂଟର କୋଡ୍ ୨୧୦୬ ଚୟନ କରିବା ପାଇଁ ମଧ୍ୟ ସୂଚନା ଦିଆ ଯାଇଛି ।

'ମୁଁ କୁଳଡ଼ିହା କହୁଛି'ର ଦ୍ୱିତୀୟ ଅଧିବେଶନରେ ଯୋଗ ଦେଲେ କବି, ଲେଖକ, ଚିତ୍ରଶିଳ୍ପୀ, ସମାଜସେବୀ, ପରିବେଶବିତ୍ ଓ ପ୍ରକୃତିପ୍ରେମୀ

ବାଲେଶ୍ୱର, ୧୭/୦୬ (ଆ.ପ୍ର) : ବାଲେଶ୍ୱର ଜିଲ୍ଲାରେ ଅବସ୍ଥିତ କୁଳଡ଼ିହା ଅଭୟାରଣ୍ୟର ପ୍ରାକୃତିକ, ସାଂସ୍କୃତିକ, ସାମାଜିକ ଓ ଭୌଗୋଳିକ ସୁରକ୍ଷା ଓ ବିକାଶ ପାଇଁ ଆରମ୍ଭ ହୋଇଥିବା 'ମୁଁ କୁଳଡ଼ିହା କହୁଛି' ଅଭିଯାନର ଦ୍ୱିତୀୟ ଅଧିବେଶନ ଖିପଦା ସ୍ଥିତ ପାଇକପଡା ଗ୍ରାମର ସୃଜନୀ ଶିକ୍ଷା ନିକେତନ ଓ ମୁକ୍ତି ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ନିରଞ୍ଜନ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ବିଶିଷ୍ଟ ଆଇନଜ୍ଞ ତଥା କୁଳଡ଼ିହା ଗବେଷକ କୃଷ୍ଣଚନ୍ଦ୍ର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ, କୁଳଡ଼ିହା ସୁସ୍ଥ ରହିଲେ ଅବିଭକ୍ତ ବାଲେଶ୍ୱର ଜିଲ୍ଲା ସୁସ୍ଥ ରହିବ । ଏଣୁ ଏହାକୁ ସୁସ୍ଥ ରଖିବା ପାଇଁ ବ୍ୟକ୍ତିଗତ ଓ ଗୋଷ୍ଠୀଗତ କର୍ତ୍ତବ୍ୟ ଓ ଅଧିକାର ବିଷୟରେ ଜାଣି ରହିବାର ଆବଶ୍ୟକତା ରହିଛି । ସମଗ୍ର ବାଲେଶ୍ୱର ଜିଲ୍ଲା ଏଥି ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । 'ମୁଁ କୁଳଡ଼ିହା କହୁଛି'ର ଆବାହକ ଶିଳ୍ପୀ କେଶୁ ଦାସ ଏଥିରେ ପ୍ରାକ୍ ସୂଚନା ପ୍ରଦାନ କରି କୁଳଡ଼ିହା ସମଗ୍ର ମାନବ ଜାତି ପାଇଁ କୁଳର ଡିହ । ଏହାର ସୁରକ୍ଷା ଓ ବିକାଶ କରିବା ପାଇଁ ହେଲେ ସମସ୍ତେ ନିଜକୁ କୁଳଡ଼ିହା ମନେ କରି କାର୍ଯ୍ୟ କରିବାର ଅଛି ବୋଲି ସେ ପରାମର୍ଶ ଦେଇଥିଲେ । ଅନ୍ୟତମ ବକ୍ତା ଭାବେ ସୃଜନୀ ଶିକ୍ଷା ନିକେତନର ମୁଖ୍ୟ ତଥା ସମାଜସେବୀ ଜଗଦୀଶ ନାୟକ କୁଳଡ଼ିହାର ଲୋକକଥା ତଥା ଜୀବନ ଜୀବିକା ବିଷୟରେ ଆଲୋକପାତ କରିଥିବା ବେଳେ ବିଶ୍ୱରଞ୍ଜନ ମହାପାତ୍ର କୁଳଡ଼ିହାର ଜୈବ ବିବିଧତା ଉପରେ ବିଶଦ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଦିବ୍ୟ ପ୍ରକାଶ ପରିଡ଼ା, ପର୍ଣ୍ଣିକା ରାଉତ, ମନୋଜ ଦାସ ଓ ନିରଞ୍ଜନ ପ୍ରସାଦ ବାରିକ ପ୍ରମୁଖ ସୁନ୍ଦର କବିତା ପାଠ କରିଥିଲେ । ଚିତ୍ରଶିଳ୍ପୀ ସ୍ୱର୍ଗତ ଅଶୋକ କୁମାର ଷଣ୍ଢଙ୍କ ଦ୍ୱାରା ଅଙ୍କିତ କୁଳଡ଼ିହା ଆଧାରିତ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଭିମନ୍ୟୁ ବେହେରା, ମାୟାଧର ତ୍ରିପାଠୀ, ଅନ୍ତର୍ଯ୍ୟାମୀ ନାୟକ, ନରହରି ନାୟକ, ପ୍ରଫୁଲ୍ଲ କୁମାର ସାହୁ, ଚିତରଞ୍ଜନ ବେହେରା, ଦର୍ଶା ପାଣିଗ୍ରାହୀ, ସନାତନ ସାହୁ, ଦିବ୍ୟ ପ୍ରକାଶ ପଣ୍ଡା, ଜଗନ୍ନାଥ ରାଉତ, ଧରିତ୍ରୀ ପଣ୍ଡା, ରାଧାନାଥ ନାୟକ, ନରେନ୍ଦ୍ର ପ୍ରସାଦ ବେହେରା ପ୍ରମୁଖ ଯୋଗ ଦେଇଥିବା ବେଳେ ଶେଷରେ ଘନଶ୍ୟାମ ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ ।

ତହସିଲ ସୁପରଭାଇଜରଙ୍କ ନାମକୁ ବଦନାମ କରିବାର ଷଡଯନ୍ତ୍ର

ଜଳେଶ୍ୱର, ୧୭/୦୬ (ଆ.ପ୍ର) : ଆଜି ୧୭-୦୬-୨୦୨୬- ବିନା କାରଣରେ ନିଜ ନାମ ଓ ଫୋଟ ସୋସିଆଲ ମିଡ଼ିଆରେ ଅପପ୍ରଚାରକୁ ନେଇ ଥାନାର ଦ୍ୱାରସ୍ଥ ହେଲେ ରେଭିନିୟୁ ସୁପରଭାଇଜର, ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅଂଚଳରେ, ସୂଚନା ଅନୁଯାୟୀ ଦୀର୍ଘ ଦିନ ଧରି ଖବର ଟୁ ଡେ ଓଡ଼ିଶା ନାମକ ୱେବନିକ ସୋସିଆଲ ମିଡ଼ିଆରେ ଜଳେଶ୍ୱର ତହସିଲର ରାଜସ୍ୱ ସୁପର ଭାଇଜର ସରତ କୁମାର ବେହେରା ଏକ ମାଟି ଟ୍ରାକ୍ଟର ଛାଡ଼ିବା ପାଇଁ ଟଙ୍କା ମୂଲଚାଲ କରୁଥିବା ନେଇ ଖବର ପ୍ରସାରଣ କରିବା ସହିତ ଶରତକୁ ସମାଜରେ ବଦନାମ କରିବାପାଇଁ ତାଙ୍କ ଫୋଟକୁ ଭାଇରାଲ କରାଯାଉଛି । ଯେଉଁ ଭୋଏସ ଭାଇରାଲ ହେଉଛି ତାହା ସୁପରଭାଇଜର ସରତର ହୋଇ ନ ଥିବା ବେଳେ ଉକ୍ତ ଗଣମାଧ୍ୟମ କୌଣସି ସତ୍ୟାସତ୍ୟ ନ ଜାଣି ଓ ସରତର କୌଣସି ପ୍ରତିକ୍ରିୟା ନ ନେଇ ସୋସିଆଲ ମିଡ଼ିଆରେ ତାଙ୍କ ନାମ ସହିତ ଫୋଟକୁ ନେଇ ଭାଇରାଲ କରିବା ସହିତ ତାଙ୍କୁ ବଦନାମ କରୁଛି । ଯାହା ଫଳରେ ସରତ ଜଣେ ସରକାରୀ ଚାକିରିଆ ହୋଇଥିବା ବେଳେ ତାଙ୍କର ସାମାଜିକ ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବା ସହିତ ସେ ସମାଜରେ ବଦନାମ ହେଉଛନ୍ତି । ଏଥିପାଇଁ ସେ ମାନସିକ ଚିନ୍ତାରେ ରହୁଛନ୍ତି, ଅନ୍ୟ ପଟେ ବଡ଼ ଖବର ନାମକ ଏକ ସୋସିଆଲ ମିଡ଼ିଆରେ ନିଜକୁ ସାମ୍ବାଦିକ ବୋଲାଉଥିବା ସଞ୍ଜୟ ଦାସ ବାରମ୍ବାର ତାଙ୍କୁ ହ୍ୱାଟ୍ସଆପରେ ନିୟୁକ ପଠାଇ ହରସାମେଂଟ କରୁଛି, ସରତ ବେହେରା ନ୍ୟାୟ ପାଇବା ସହିତ ଉକ୍ତ ଖବର ଟୁ ଡେ ନାମକ ସୋସିଆଲ ଓ ସାମ୍ବାଦିକ ସଞ୍ଜୟ ଦାସଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ ଜଳେଶ୍ୱର ଥାନାରେ କରିଛନ୍ତି । ତାଙ୍କୁ ଖୁବ ଶୀଘ୍ର ନ୍ୟାୟ ପ୍ରଦାନ ସହିତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

ସେଇଠୁ
ଆରମ୍ଭ
SEITHO ARAMBHA
ଗୁରୁବାର, ୧୮ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...
ନମୋ ବ୍ରହ୍ମଣ୍ୟ ଦେବାୟ

ସୃଷ୍ଟିର ଆରମ୍ଭରୁ ମାନବ ସମାଜ ଭିତରେ, ସମାଜ ସୃଷ୍ଟି କରିବାରେ ସାମାଜିକ ସଂଗଠନରେ, ସାମାଜିକ ପରମ୍ପରା ସୃଷ୍ଟି କରିବାରେ ଓ ନୀତି ନିର୍ଦ୍ଧାରଣ କରିବାରେ, ସମାଜକୁ ଦିଗ୍‌ଦର୍ଶନ ଦେବାରେ, ସମାଜରେ ଐକ୍ୟ ବଦ୍ଧ ହୋଇ ସୃଷ୍ଟି ତଥା ସମାଜକୁ ଆଗକୁ ଆଗକୁ ନେବାରେ ବ୍ରାହ୍ମଣ ଦେବତାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ । ସଂସାରଠାରୁ ରାଜନୀତି ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ବ୍ରାହ୍ମଣ ମାନଙ୍କର ଭୂମିକା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଆବହମାନ କାଳରୁ ଆଦ୍ୟାବଧି ବ୍ରାହ୍ମଣ ମାନେ ସର୍ବତ୍ର ଉଚ୍ଚରେ ପ୍ରତୀୟମାନ । ମାତ୍ର ଅବସାଦର ବିଷୟ ଏହିକି, ଆଧୁନିକତାର ଉତ୍କର୍ଷରେ ଓ ପରିବର୍ତ୍ତନଶୀଳ ସମାଜରେ ଦୃଢ ପରମ୍ପରାକୁ କ୍ଷୁର୍ଣ୍ଣ କରି, ସଂସ୍କାର ବାହାର ଭାବରେ ଅସାମାଜିକତାର ବଶବର୍ତ୍ତୀ ହୋଇ ନିଜକୁ ସଂଗଠିତ କରି ରଖିବାରେ ବ୍ରାହ୍ମଣ ମାନେ ଆଜି ଅକ୍ଷମ । ପୃଥିବୀର ସର୍ବ ପୁରାତନ, ସର୍ବୋତମ ଓ ସର୍ବଶ୍ରେଷ୍ଠ ସଭ୍ୟତା, ହିନ୍ଦୁସଭ୍ୟତା ଆଜି ଅବହେଳିତ । ସ୍ନେହ, ଶ୍ରଦ୍ଧା, ଭାତୃଭାବ, ଭକ୍ତି, ସମ୍ମାନ ଆଜି ରୋଗଗ୍ରସ୍ତ । ଭାତୃଭାବଠାରୁ ଆରମ୍ଭକରି ବ୍ରହ୍ମତ୍ୱ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଆଜି ଅବିଶ୍ୱାସର ଛାପ । ଆଧୁନିକତାର ବୃଦ୍ଧି ଦେଇ ଅସଭ୍ୟତାର ପଶ୍ଚାତ୍ ପଥିକ ଭାବରେ ତଥା ମରିଚିକା ପଛରେ ଧାବମାନ, ସର୍ବୋତମ ଜ୍ଞାନୀ, ଗୁଣୀ, ବ୍ରାହ୍ମଣ ଆଜି ଅବହେଳିତ ହୋଇ ତଥା ସଂସ୍କାର ରୂପକ କୁସଂସ୍କାର ଭିତରେ ଜଡିତ ରହି ସାମାଜିକ କ୍ଷେତ୍ରରେ ଅଧଃପତନର କାରଣ ଭାବରେ ଦଣ୍ଡାୟମାନ । ଭିନ୍ନ ଦୃଷ୍ଟିଭଙ୍ଗି ଆଙ୍ଗୁଳି ନିର୍ଦ୍ଦେଶ କରେ ଆଜିର ଅବହେଳିତ ଅଧଃପତିତ ଜ୍ଞାନୀ, ଗୁଣୀ ତଥା ଶ୍ରେଷ୍ଠ ବ୍ୟକ୍ତିତ୍ୱ ସମ୍ପନ୍ନ ବ୍ରାହ୍ମଣ ସମାଜର, ଯିଏକି ସଂଖ୍ୟା ଲଘୁର ଦ୍ୱାର ଦେଶରେ ଦଣ୍ଡାୟମାନ ହୋଇ ଲାଞ୍ଛିତ ଓ ଅବହେଳିତ ଭାବରେ ନଜ୍ୱେଷିତ । ସରକାରଙ୍କର ଅଗ୍ରଗତି ତଥା ପ୍ରତ୍ୟେକ ସଫଳତାର ପୃଷ୍ଠପୋଷକ ବ୍ରାହ୍ମଣ ଦେବତା ତଥା ବ୍ରାହ୍ମଣ ସମାଜ ଆଜି ଧ୍ୱସ୍ତ ବିଧ୍ୱସ୍ତ ପଥଭ୍ରଷ୍ଟ ହୋଇ, ଅଧିକାର ଭିକ୍ଷୁ ସାଜି ପଥପ୍ରାନ୍ତରେ ପତିତ । ଇଶ୍ୱର ତଥା ଈଶ୍ୱର ଭାବ ଅଜି ସ୍ଥାଣୁ । ଗୀତା, ଭାଗବତ, ରାମାୟଣ, ବେଦ, ପୁରାଣ, ଉପନିଷଦ ତଥା ସବଶ୍ରେଷ୍ଠ ତତ୍ୱ ବେଦାନ୍ତ ଯାହା ମନୁଷ୍ୟ ଜୀବନର ସାର୍ଥକତା, ଆଜି ଫଟୋ ନେଗେଟିଭ ବିହୀନ ଭାବରେ ପ୍ରତୀୟମାନ । ଭକ୍ତି ମାତାଙ୍କ ସହ ତାଙ୍କର ଦୁଇପୁତ୍ର ଜ୍ଞାନ ଓ ବୈରାଗ୍ୟଙ୍କ ସହ ପୁଣ୍ୟତୋୟା ନଦୀ ସମୂହ ମଧ୍ୟ ରୋଗଗ୍ରସ୍ତ । ହିନ୍ଦୁ ସଭ୍ୟତାର ସ୍ରଷ୍ଟା ତଥା ପଥପ୍ରଦର୍ଶକ ଶିବ ସ୍ୱରୂପ, ଶଙ୍କରାଚାର୍ଯ୍ୟଙ୍କର ବାଣୀ ଆଜି ମୂଲ୍ୟହୀନ ପ୍ରତୀୟମାନ । ବ୍ରାହ୍ମଣ ଦେବତା ମାନେ ହିଁ ପ୍ରତ୍ୟେକ ଯୁଗର ପରିବର୍ତ୍ତକ ସାଜି ସମାଜକୁ ଗଢି ତୋଳିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ମାତ୍ର ଅବହେଳିତ ନଜ୍ୱେଷିତ ବ୍ରାହ୍ମଣ ମାନେ ଶଙ୍କରାଚାର୍ଯ୍ୟଙ୍କ ଭାବଧାରାରେ ଅନୁପ୍ରେରିତ ହେବା ପାଇଁ, ଶଙ୍କର ଭଗବାନଙ୍କ କୋପେଦର ବା ତପେ ବର ମଧ୍ୟରୁ କୋପେଦର ଭାବ ଉଦ୍ରେକ କରିବା ପୂର୍ବରୁ ଓ ପର୍ଶୁରାମଙ୍କ ଭାବଧାରାକୁ ଆପଣେଇବା ପୂର୍ବରୁ କଳି ଯୁଗର କଳୁଷତାକୁ ଦୂରକରି ସଂସ୍କାର ସମ୍ପନ୍ନ ସମାଜ ଗଠନରେ ଯୁବକ ମାନଙ୍କ ହସ୍ତ ସ୍ଥାପନ କରି, ପଥପ୍ରଦର୍ଶକ ବୟସ୍କ ଜ୍ଞାନୀ, ଗୁଣୀ ମହାତ୍ମା ମାନଙ୍କ ହସ୍ତରେ ଲଗାମ ଧାରଣା କରାଇ ସମାଜ ମଧ୍ୟରେ ସତ୍ୟ, ଧର୍ମ ଓ ନ୍ୟାୟ ପ୍ରତିଷ୍ଠାକରିବାର ସଂକଳ୍ପ ବଦ୍ଧତାକୁ ଜାଗ୍ରତ କରି ସତ୍ୟ ଯୁଗର ସ୍ୱାଗତ କରିବାର ସମୟ ଆଗତ ପ୍ରାୟ ହୋଇଥିବାରୁ ହେ ଆଧୁନିକ ଯୁଗର ବ୍ରହ୍ମବେତ, ବ୍ରାହ୍ମଣ ଦେବତା ବ୍ରାହ୍ମଣ ସମାଜ ସଂଗଠନର ଆହ୍ୱାନରେ ଉଠନ୍ତୁ ଜାଗ୍ରତ ହୁଅନ୍ତୁ ଓ ଅଧଃପତିତ ସମାଜକୁ ପୁନରୁଦ୍ଧାର କରି ନିଜର ଶ୍ରେଷ୍ଠତ୍ୱକୁ ପ୍ରତିପାଦିତ କରି ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଗୋଟିଏ ସୁସ୍ଥ, ସୁନ୍ଦର ନିର୍ମଳ ଓ ଦୁର୍ନୀତି ମୁକ୍ତ ସୃଷ୍ଟି ତଥା ସମାଜକୁ ନୂତନତ୍ୱ ପ୍ରଦାନ କରିବାରେ ନିଜକୁ ସାମିଲ କରନ୍ତୁ ।

'ହିଡ଼ମାଟି'ର ସ୍ରଷ୍ଟା ନିତ୍ୟାନନ୍ଦ ମହାପାତ୍ର

।। ଡ଼ଃ.ଅରୁନ୍ଧତୀ ଦେବୀ ।।

ଜନ୍ମ ଶତବାର୍ଷିକୀ ପାଳନ କରିବା ନିଶ୍ଚିତ ଭାବେ ଏକ ବିରଳ ସୌଭାଗ୍ୟ । ଯେଉଁ କତିପୟ ଓଡ଼ିଆ ସାହିତ୍ୟିକ ଏ ଭଳି ବିରଳ ସୌଭାଗ୍ୟ ଲାଭ କରିଥିଲେ, ସେମାନଙ୍କ ମଧ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସୁପୁତ୍ର ନିତ୍ୟାନନ୍ଦ ମହାପାତ୍ର ଅନ୍ୟତମ । ସାମସମୟିକ ବନ୍ଧୁଙ୍କ ପାଇଁ ସେ ଥିଲେ ନିତୁ ଭାଇ ତଥା ନିତେଇ ଭାଇ । ତାଙ୍କ ସଂପର୍କରେ ହରେକୃଷ୍ଣ ମହତାବ ଏକଦା ଲେଖିଥିଲେ - ନିତ୍ୟାନନ୍ଦ ପ୍ରଧାନତଃ ଜଣେ ଭକ୍ତ, ଦ୍ୱିତୀୟତଃ ସେ ଜଣେ ପ୍ରତିଷ୍ଠିତ ସାହିତ୍ୟିକ ଏବଂ ରାଜନୀତିରେ ମଧ୍ୟ ତାଙ୍କର ପ୍ରବେଶ ଅଛି । ନିଜ ଦ୍ୱାରା ପ୍ରକାଶିତ ସଂପାଦିତ ଡଗର ପତ୍ରିକାରେ ନିଜର ବ୍ୟଙ୍ଗଚିତ୍ର ପ୍ରକାଶ କରି ଡଗର ନିତ୍ୟାନନ୍ଦ ଶୀର୍ଷକରେ ସ୍ୱୟଂ ନିତ୍ୟାନନ୍ଦ ଲେଖିଥିଲେ - ଆପଣ ଜଣେ ବ୍ୟର୍ଥ ପ୍ରେମିକ, ବ୍ୟର୍ଥ ରାଜନୈତିକ, ବ୍ୟର୍ଥ ଲେଖକ, ବ୍ୟର୍ଥ ସାହିତ୍ୟିକ, ବ୍ୟର୍ଥ ମନୁଷ୍ୟ, ବୋଧହୁଏ ବ୍ୟର୍ଥ ପଶୁ ମଧ୍ୟ..... ସାହିତ୍ୟ ଓ ରାଜନୀତି ଭିତରେ, ଧର୍ମ ଓ ପ୍ରେମ ଭିତରେ, ଧନୀ ଓ ଦରିଦ୍ର ଭିତରେ, ଜଡ଼ ଓ ଅଧ୍ୟାତ୍ମ ଭିତରେ ଦ୍ୱନ୍ଦ୍ୱ ଓ ସାଲିସ ବା ସାଲିସର ଅକ୍ଷମତା ହିଁ ଆପଣଙ୍କୁ ନିତ୍ୟ ଆନନ୍ଦ ଦେଇଛି । ସ୍ୱୟଂ ନିଜର ବିଶ୍ଳେଷଣ ଓ ଆକଳନ କରିବାରେ କି ଅପୂର୍ବ ଦକ୍ଷତା । ମୁଁ କାହିଁକି ଲେଖେ - ? ଏ ସଂପର୍କରେ କହିବାକୁ ଯାଇ ଏକଦା ଲେଖିଥିଲେ - 'କବିତା ଲେଖା ଗୋଟିଏ ରୋଗ । ସେ ରୋଗ ଧରିଲେ ପାଠ ପଢ଼ିହୁଏ ନାହିଁ.... କବିତା ଲେଖିବାର ଭୂତଟା ମୋତେ ସବୁବେଳେ ମାଡ଼ିବସି ମୋ ଜୀବନକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଛି । କବିତା ଲେଖିବାକୁ ହେଲେ ଏତେ ତ୍ୟାଗ କରିବାକୁ ପଡ଼େ ଏତେ ହରାଇବାକୁ ପଡ଼େ ଏତେ ଲାଞ୍ଛନା ସହିବାକୁ ପଡ଼େ ବୋଲି ମୋ ଜୀବନ ପ୍ରଭାତରେ ଯଦି ମୋତେ କିଏ ସାମାନ୍ୟ ସୂଚନା ଦେଇଥାଆନ୍ତା, ତେବେ ମୁଁ ବୋଧହୁଏ କବି ବା ଲେଖକ ହୋଇପାରି ନଥାନ୍ତି । କିନ୍ତୁ ସେ ହୋଇଥିଲେ କବି, ଗାଳ୍ପିକ-ଔପନ୍ୟାସିକ ହୋଇଥିଲେ, ଆଉ ହୋଇଥିଲେ ବ୍ୟଙ୍ଗକାର, ରମ୍ୟରଚନାକାର, ସ୍ତମ୍ଭକାର, ସାମ୍ବାଦିକ ଓ ସଂପାଦକ । ସବୁଠି ପାଇଥିଲେ ସଫଳତା । ତଥାପି ଅବସୋସ ରହିଥିଲା - 'ମୁଁ ଯାହା ହେବାକୁ ଚାହିଁଛି, ଅଥଚ ହୋଇପାରି ନାହିଁ । ମୋର କାବ୍ୟ-କବିତା, ଗଳ୍ପ-ଉପନ୍ୟାସରେ ତା'ର ବିଳାପ ହିଁ ବଡ଼ ହୋଇଛି ସବୁବେଳେ ମୁଁ ଲେଖିଚାଲିଛି, ସେଇଟାଇ ମୋ' ସାନ୍ତ୍ୱନା' ।

ନିତ୍ୟାନନ୍ଦଙ୍କ କବି ଜୀବନ ଆରମ୍ଭ ହୋଇଥିଲା ସାତ ବର୍ଷ ବୟସରେ, ପ୍ରଥମ ପଦ୍ୟର ନାମ ସାବିତ୍ରୀ । ମାଉସୀ ତାଙ୍କର ପ୍ରଥମ ଗଳ୍ପ ଏବଂ ପ୍ରଥମ ଉପନ୍ୟାସ ହେଉଛି ଭୁଲ । ବାପାଙ୍କ ଦ୍ୱାରା ପାଇଥିବା ଛଦ୍ମନାମ ଅବଧୂତ ନାଁରେ ଲେଖିଥିଲେ ପ୍ରଥମ ଉପନ୍ୟାସ । ହିଡମାଟି, ଭଙ୍ଗାହାଡ଼, ଜିଅନ୍ତା ମଣିଷ, ଆଦି ତାଙ୍କର ଶ୍ରେଷ୍ଠ କୃତି ଅନ୍ତର୍ଭୁକ୍ତ । ଆଦ୍ୟ-ଯୌବନରେ ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରି ବାରମ୍ବାର ଜେଲ୍ ଯାଇଥିଲେ ନିତ୍ୟାନନ୍ଦ । ତାଙ୍କ ପାଇଁ ଜେଲ ଥିଲା ଦ୍ୱିତୀୟ ଘର । ଜେଲ୍ ଭିତରେ ଜଣେ ବିଦେଶୀ ବନ୍ଦୀ (ଅାୟାର୍‌ଲାଣ୍ଡର ପ୍ରିମ୍ ରୋଜ୍)ଙ୍କ ଠାରୁ ଶିଖିଥିଲେ ଇଂରେଜୀ । ଆଉ ନିଜ ଚେଷ୍ଟାରେ ସଂସ୍କୃତ । ୧୯୧୨ ଜୁନ୍ ଅାଜିର ଦିନରେ ଭଦ୍ରକରେ ଜନ୍ମ ହୋଇଥିଲେ ଓଡ଼ିଆ ସାହିତ୍ୟ ଦୁନିଆର ଏହି ପ୍ରବାଦପୁରୁଷ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

ଶିବ ବିବାହ ଓ ଶୀତଳ ଷଷ୍ଠୀ

।। ଜ୍ୟୋତ୍ସ୍ନା ମହାପାତ୍ର ।।

ଜ୍ୟେଷ୍ଠ ଶୁକ୍ଳ ପଂଚମୀ ଦିନ ଶିବ ପାର୍ବତୀଙ୍କର ବିବାହ ହୋଇଥାଏ । ମୋ ପିଲାବେଳୁ ଶିବ ବିବାହ ଓ ଶୀତଳ ଷଷ୍ଠୀ ସମ୍ପର୍କରେ ଶୁଣିଥିଲି ପରେ ମନ୍ଦିରରେ ଅନୁଷ୍ଠିତ ହେଉଥିବା ଦମ୍ପତିଙ୍କ ବିବାହ ଯେଉଁ ଲୋକାଚାରରେ ଅନୁଷ୍ଠିତ ହୁଏ ତାହା ସବୁ ଦେଖିବାର ଏବଂ ସେହି ମହାନ କାର୍ଯ୍ୟକ୍ରମରେ ସାମିଲ ହେବାର ସୁଯୋଗ ପାଇଲି । ଶୀତଳ ଷଷ୍ଠୀ ବାସ୍ତବରେ ଏକ ମହାନ ସଂସ୍କୃତିର ଚେତନାକୁ ଜାଗରିତ କରେ । ଆମ ଓଡ଼ିଶାର ପଶ୍ଚିମାଂଚଳ ବିଶେଷକରି ସମ୍ବଲପୁର ସହରର ଶୀତଳ ଷଷ୍ଠୀର ଇତିହାସ ଖୁବ ପୁରୁଣା । ଶୀତଳ ଷଷ୍ଠୀ ହେଉଛି ଏପରି ଏକ ପର୍ବ ଯେଉଁଥିରେ ଦେବ ଦମ୍ପତି ଠିକ ଆମ ମାନଙ୍କ ପରି ମାନବୀୟ ଲୀଳା ପ୍ରଦର୍ଶନ କରିଥାନ୍ତି ।

ଆମ ଓଡ଼ିଆ ଲୋକ ରୀତିନୀତିରେ ସାଧାରଣ ଘରେ କନ୍ୟା ହେଉ ବା ପୁତ୍ର ବିବାହ ସମୟରେ ଯେଉଁପରି ଦେଖା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ଠିକ ସେହିପରି ଅକ୍ଷୟ ତୃତୀୟା ଦିନରୁ ଥାଳ ଉଠା ରୀତିରୁ ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ଆରମ୍ଭ ହୋଇଥାଏ । କାରଣ ଏହି କାର୍ଯ୍ୟକ୍ରମରେ କନ୍ୟା ପିତାମାତାଙ୍କ ମନୋନୟନ କରାଯାଏ ଓ ପରେ ନିର୍ବନ୍ଧ ବା ପତ୍ରପେଣ୍ଡି ନୀତି ଅନୁଷ୍ଠିତ ହୁଏ । ଏହାର ପରେ ଦେବତା ନିମନ୍ତ୍ରଣ, ତେଲାଭିଶେକ ଓ ଶୁଭଲଗ୍ନରେ ଶିବ-ପାର୍ବତୀଙ୍କ ବିବାହ ହୁଏ । ଶୋଭାଯାତ୍ରାରେ ବରଯାତ୍ରୀ ଆସି ସମ୍ପୂର୍ଣ୍ଣ ଲୋକାଚାରରେ ଦେବ ଦମ୍ପତିଙ୍କ ବିବାହ ଓ ପାଣିଗ୍ରହଣ କରାଯାଏ । ବିବାହ ପରେ ଷଷ୍ଠୀ ଦିନ ରାତିରେ ଶିବ ପାର୍ବତୀଙ୍କର ନଗର ପରିକ୍ରମା ଆରମ୍ଭ ହୁଏ । ଏକ ସୁସଜ୍ଜିତ ବିରାଟ ମେଢ଼ ଉପରେ ବୃଷଭ ଉପରେ ମହାଦେବ ଓ ଆଗରେ ସିଂହ ଉପରେ ପାର୍ବତୀ ନାନା ସ୍ୱର୍ଣ୍ଣାଳଙ୍କାରରେ ଭୂଷିତା ହୋଇ ଭକ୍ତଜନଙ୍କୁ ଦର୍ଶନ ଦିଅନ୍ତି । ପ୍ରଧାନ ମେଢ଼ ଛଡ଼ା ହନୁମାନ ନୃସିଂହ ଓ ଅନ୍ୟାନ୍ୟ ଦେବ ଦେବୀଙ୍କର ମେଢ଼ ମଧ୍ୟ ବାହାରିଥାଏ । ବିବାହ ପରବର୍ତ୍ତୀ ରାତି ଯୁଗଳ ଦର୍ଶନ ଶୋଭାଯାତ୍ରା ଓ ଶେଷ ଦିନ ମନ୍ଦିର ପ୍ରତ୍ୟାବର୍ତ୍ତନ ଶୋଭା ଯାତ୍ରା ବେଶ ଭବ୍ୟ ଓ ଆକର୍ଷଣୀୟ ହୋଇଥାଏ । ପୌରାଣିକ ତଥ୍ୟ ଅନୁଯାୟୀ ସତୀଙ୍କ ଚିନ୍ତାରେ ମହାଦେବ ସବୁବେଳେ ଚିନ୍ତିତ ରହୁଥିଲେ । ସେପଟେ ସତୀ ଦେବୀଙ୍କ ସଂକଳ୍ପ ରହିଥିଲା ଯେ ସେ ସାରା ଜୀବନ କେବଳ ଭଗବାନ ଆଶୁତୋଷ ବା ଶିବଙ୍କ ଅର୍ଦ୍ଧାଙ୍ଗିନୀ ଭାବରେ ରହିବେ । ପରବର୍ତ୍ତୀ ସମୟରେ ପର୍ବତ ରାଜା ହିମାଳୟଙ୍କ କନ୍ୟା ଭାବେ 'ପାର୍ବତୀ' ନାମରେ ସେ ଜନ୍ମ ହୋଇଥିଲେ ଏବଂ ଜ୍ୟେଷ୍ଠ ଶୁକ୍ଳ ପଂଚମୀ ତିଥିରେ ଶିବ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା । ଏହି ଶିବ ବିବାହ ପୂର୍ବରୁ ଶୀତଳ ଷଷ୍ଠୀ ପର୍ବ ଭାବରେ ମଧ୍ୟ ପାଳନ କରାଯାଇଥାଏ । 'ଶୈବ ରସାମୃତ'ରୁ ସଂଗୃହୀତ ତଥ୍ୟ ଅନୁଯାୟୀ ଶୀତଳ ଷଷ୍ଠୀ ମହୋତ୍ସବ ହେଉଛି ଦେବାଧିଦେବ ମହାଦେବଙ୍କର ବିବାହ ଉତ୍ସବ । ଦାନବ ରାଜା ତାରକାସୁରର ଅତ୍ୟାଚାର, ଅନ୍ୟାୟ ଓ ଦୌରାତ୍ମ୍ୟରୁ ସୃଷ୍ଟିକୁ ରକ୍ଷା କରିବାଲାଗି ଯୋଗେଶ୍ୱର ମହାଦେବ ଓ ଶକ୍ତିସ୍ୱରୂପିଣୀ ମାତା ପାର୍ବତୀଙ୍କ ବିବାହ ବା ମହାମିଳନର ଅବସର । ଶୀତଳ ଷଷ୍ଠୀ ଓଡ଼ିଶାର ବିଭିନ୍ନ ଶୈବଧାମରେ ଅନୁଷ୍ଠିତ ହୋଇଥାଏ । ଶୀତଳଷଷ୍ଠୀ ହେଉଛି ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ଧର୍ମବିଶ୍ୱାସର ଆଲେଖ୍ୟ । ଶିବ-ପାର୍ବତୀଙ୍କୁ ମାନବୀୟ ରୂପଦେଇ ଶୀତଳ ଷଷ୍ଠୀ ଯାତ୍ରାରେ ବିଶ୍ୱ ଭ୍ରାତୃତ୍ୱ, ମୈତ୍ରୀ ସଂହତିର ଯେଉଁ ନିଦର୍ଶନ ହୋଇଛି, ତାହା ଏକ ମହାନ ସଂସ୍କୃତିର ସ୍ମାରକୀ । ଦୋଳୋତ୍ସବ ସମୟରେ ଭଗବାନ ଶ୍ରୀକୃଷ୍ଣ ଯେଉଁପରି ବିମାନରେ ବସି ଦ୍ୱାରେ ଦ୍ୱାରେ ଭ୍ରମଣ କରି ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ଦେଇଥାନ୍ତି ଠିକ୍ ସେହିପରି ମାନବୀୟ ରୂପରେ ଏ ଶୀତଳ ଷଷ୍ଠୀରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ହୋଇଥାଏ । ଆମ ରାଜ୍ୟର ପଶ୍ଚିମାଂଚଳରେ ନୂଆଖାଇ ହେଉ ବା ଧନୁଯାତ୍ରା ଠିକ୍ ସେହିପରି ଶୀତଳ ଷଷ୍ଠୀ ଖୁବ୍ ଜାକଜମକ ସହକାରେ ପାଳିତ ହୋଇଥାଏ । ଗ୍ରୀଷ୍ମର ପ୍ରଚଣ୍ଡ ପ୍ରକୋପ ତାପରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ରୁଦ୍ରରୂପୀ ଶିବଙ୍କୁ ପ୍ରସନ୍ନ କରାଇଥାନ୍ତି ଅଧିକାଂଶ ଶ୍ରଦ୍ଧାଳୁମାନେ ।

ଶୀତଳ ଷଷ୍ଠୀର ଅନ୍ୟ ଏକ ଅନୁଚିନ୍ତନ ହେଉଛି ଜ୍ୟେଷ୍ଠ ମାସର ଶୁକ୍ଳ ପକ୍ଷର ଷଷ୍ଠୀ ତିଥିର ପରବର୍ତ୍ତୀ ସମୟରେ ପୃଥିବୀ ମାତା କ୍ରମଶଃ ଶୀତଳ ପ୍ରାପ୍ତ ହୋଇଥାନ୍ତି ଓ ସୂର୍ଯ୍ୟଦେବଙ୍କର ଗତି ଆକାଶରେ ମେଘମାଳର ସୃଷ୍ଟି କରି ବର୍ଷା କରିଥାନ୍ତି । ଆମ ନିତିଦିନିଆ ଜୀବନରେ ବିବାହ ଉତ୍ସବପରି ଶିବ-ପାର୍ବତୀଙ୍କ ବିବାହ ମାନବ ଜଗତର ସମସ୍ତ ବୈବାହିକ ପ୍ରସ୍ତୁତି, ପରିବେଶ ଓ ସାମାଜିକତା ଅନୁସରଣ କରାଯାଏ । ଏହି ଆନନ୍ଦ ଉଲ୍ଲାସ ମହାପାର୍ବଣରେ ସମସ୍ତେ ସାମିଲ ହୋଇଥାନ୍ତି ଏହି ଆନନ୍ଦ ପ୍ରାପ୍ତି କରିବାକୁ । ଭଗବାନ ଶିବ ସମଗ୍ର ଜୀବସତ୍ତାର ନିଦର୍ଶନ ରୂପେ ପ୍ରତୀକିତ ହେଉଥିବାବେଳେ ପାର୍ବତୀ ବିଶ୍ୱ ପ୍ରକୃତିର ନିଦର୍ଶନ ରୂପରେ ଅଭିଷିକ୍ତ । ଶିବ-ପାର୍ବତୀ ବିବାହ ଏ ପରିପ୍ରେକ୍ଷୀରେ ବିଶ୍ୱ ଏକାତ୍ମବୋଧର ଗଭୀର ଦର୍ଶନ ରହିଛି । ଏହାର ପୃଷ୍ଠଭୂମିରେ ଏକ ଉଚ୍ଚତର ସାମାଜିକ ଆଦର୍ଶ ନିହିତ । ତା'ଛଡ଼ା ଆତ୍ମାର ମୁକ୍ତି ପାଇଁ ଅନ୍ତର୍ଜାଗତିକ ଆତ୍ମସତ୍ତା ସହିତ ବହିର୍ଜାଗତିକ ପ୍ରବୃତ୍ତି ସତ୍ତାକୁ ସମରସିତ କରାଇବା ଲକ୍ଷ୍ୟ ନେଇ ଏହାର ଆୟୋଜନ । ଏଠି ପ୍ରକୃତି ସହିତ ଆତ୍ମାର ମିଳନ ଶିବତ୍ୱର ଦ୍ୟୋତକ ରୂପେ ଗୃହୀତ ହେବାବେଳେ ଶିବତ୍ୱର ଅର୍ଥାତ୍ ବ୍ୟକ୍ତି ଦ୍ୱାରା ଉପଲବ୍ଧ ଶିବତ୍ୱର ସହିତ ପରଶିବତ୍ୱର ସମନ୍ୱୟ ହିଁ ଏ ଦର୍ଶନର ଚରମ ଲକ୍ଷ୍ୟ ଭାବେ ଗୃହୀତ । ଏହି ମହାମିଳନକୁ ପରାପର ମିଳନ ବା ପରମଜ୍ୟୋତି ମିଳନ ରୂପେ ଗ୍ରହଣ କରାଯାଇଥାଏ । କଟକ ସହରର ବିଭିନ୍ନ ଶିବ ମନ୍ଦିରରେ ଏହି ଉତ୍ସବ ଲାଗି ରହିଥାଏ । ଭଗବାନ ଆଶୁତୋଷଙ୍କୁ ଭକ୍ତି ବିଭିନ୍ନ ନାମରେ ପ୍ରାର୍ଥନା କରିଥାନ୍ତି । ଶୀତଳ ଷଷ୍ଠୀ ହେଉଛି କେବଳ ପୁରାଣ ଚେତନା ନୁହେଁ, ଶାନ୍ତି, ଆନନ୍ଦ ଓ ମଙ୍ଗଳର ଏକ ଆନନ୍ଦମୟ ଅବସର । ଭଗବାନ ଆଶୁତୋଷ ଶିବ ଓ ଦେବୀ ପାର୍ବତୀ ଆମ ସମସ୍ତଙ୍କୁ କୃପା ଆଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ ପ୍ରାର୍ଥନା ।

ଚଣ୍ଡୀମନ୍ଦିର ମାର୍ଗ, କଟକ-୧

ଶ୍ରୀମନ୍ଦିରରେ ସୁନା କୂଅ

।। ଅଲେଖ ଚନ୍ଦ୍ର ସାମଲ ।।

ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ମାଧ୍ୟମରେ ଶୂନ୍ୟରୂପୀ ଭଗବାନ ଓଁକାର ବା ପ୍ରଣବ ରୂପ ଧାରଣ କରିଅଛନ୍ତି । ଏହି ଚିନ୍ତାଧାରା ବୈଦିକ ଦର୍ଶନ ଉପରେ ପ୍ରତିଷ୍ଠିତ । ଉପନିଷଦର ପରମାତ୍ମା ଭଗବାନଙ୍କର ଯେଉଁ ରୂପ ବର୍ଣ୍ଣିତ ହୋଇଛି ତାହା ଶ୍ରୀଜଗନ୍ନାଥଙ୍କର କଳେବରରେ ପ୍ରତିଫଳିତ । ଉପନିଷଦରେ କୁହାଯାଇଛି, ପରମ ପୁରୁଷ ବା ପରଂବ୍ରହ୍ମ ଚକ୍ଷୁ, ନାସା, କର୍ଣ୍ଣ, ପଦ ବିନା ସମସ୍ତ ବିଷୟ ଦର୍ଶନ କରିପାରନ୍ତି, ଶ୍ରବଣ କରିପାରନ୍ତି, ଗ୍ରହଣ କରିପାରନ୍ତି ଏବଂ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ବିଚରଣ କରିପାରନ୍ତି । ବିଶ୍ୱର ସବୁଧର୍ମ ସଂସ୍କୃତିର ମୂଳପିଣ୍ଡ ଶ୍ରୀଜଗନ୍ନାଥ ହେଉଛନ୍ତି ଏକ ଗଣ ଦେବତା । ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଗଣ ସଂସ୍କୃତିରେ ପରିଚିତ ହେବା ସ୍ୱାଭାବିକ । ଏହି ସଂସ୍କୃତିରେ ଅନାର୍ଯ୍ୟଭାବ, ଆର୍ଯ୍ୟଭାବ, ହିନ୍ଦୁ, ଜୈନ, ବୌଦ୍ଧ, ଶାକ୍ତ, ଶୈବ, ଗାଣପତ୍ୟ ଓ ବୈଷ୍ଣବଭାବ ପ୍ରଭୃତି ବିଭାବ ଦ୍ୱାରା ଭାବମୟ ଶ୍ରୀଜଗନ୍ନାଥ ଉପାସିତ । ବିଭିନ୍ନ ଧର୍ମାବଲମ୍ବୀମାନେ ଶ୍ରୀଜଗନ୍ନାଥଙ୍କୁ ନିଜର ଉପାସ୍ୟ ଭାବେ ଗ୍ରହଣ କରିନେବା ପାଇଁ ସର୍ବଦା ବ୍ୟାକୁଳ ପ୍ରୟାସ କରିଅଛନ୍ତି । ଶ୍ରୀଜଗନ୍ନାଥ ସର୍ବଧର୍ମମତାଶ୍ରୟୀଙ୍କର ଏକ ମିଳନ ତୀର୍ଥ ଯାହାକି ଧର୍ମଯାଜକ, ପରିବ୍ରାଜକ, ବୈଜ୍ଞାନିକ, ଦାର୍ଶନିକ, ଗବେଷକ ତଥା ମହାମନିଷୀମାନଙ୍କୁ ଯୁଗେ ଯୁଗେ ଆକୃଷ୍ଟ କରିବାରେ ସମର୍ଥ । ଶ୍ରୀଜଗନ୍ନାଥ ଏକ ଶାଶ୍ୱତ ନିର୍ବାଣର ଉତ୍ସ । ବିଶ୍ୱର ସମସ୍ତ ଧର୍ମର ଚରମ ଲକ୍ଷ୍ୟ ଯଦି ମୋକ୍ଷ ହୁଏ, ତେବେ ନନ୍ଦିଘୋଷରେ ଶ୍ରୀଜଗନ୍ନାଥ ଦର୍ଶନ, ରଥ ଚକତଳେ ଆତ୍ମବିସର୍ଜନ, ଶ୍ରୀକ୍ଷେତ୍ରରେ ମୃତ୍ୟୁବରଣ, ସ୍ୱର୍ଗଦ୍ୱାରରେ ଶବସତ୍କାର, ବାଇଶି ପାହାଚରେ ପିଣ୍ଡ ତଥା ଦୀପଦାନ ଓ ଗର୍ଭଗୃହରେ ବ୍ରହ୍ମ ଦର୍ଶନଜନିତ ପୁଣ୍ୟ ବଳରେ ଏହି ମୋକ୍ଷପ୍ରାପ୍ତି ସମ୍ଭବ ବୋଲି ଲୋକ ବିଶ୍ୱାସ ଅଛି । ଶ୍ରୀକ୍ଷେତ୍ର ସଂସାରୀମାନଙ୍କ ପାଇଁ ଯେପରି ଭୋଗକ୍ଷେତ୍ର, ମୋକ୍ଷାଭିଳାଷୀମାନଙ୍କ ପାଇଁ ସେହିପରି ଏକ ମୋକ୍ଷକ୍ଷେତ୍ର ମଧ୍ୟ ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ଜୀବନ ପ୍ରତି ଅମୃତ ଦୃଷ୍ଟିକୋଣ ସଂପ୍ରସାରିତ ହୋଇଅଛି । ସେଇଠି ନାହିଁ ମୃତ୍ୟୁର ଭାବନା, ଶୋକ ଆଉ ଶୋଚନା, ନିରାଶା ଆଉ ମୂହ୍ୟମାନତା । ସେଇଠି ଏକ ଅନନ୍ତ ଜାଗରଣ ଓ ଜ୍ୟୋତି ଜୀବନକୁ ଚିରସଞ୍ଜୀବିତ ଓ ଉର୍ଦ୍ଧସ୍ୱଳ କରି ରଖେ । ଓଡ଼ିଶାବାସୀ ଶ୍ରୀଜଗନ୍ନାଥଙ୍କ ଭିତରେ ଏହି ଅମୃତ ତତ୍ତ୍ୱର ସନ୍ଧାନ ପାଇଥିଲେ ବୋଲି ତାହାଙ୍କୁ ସର୍ବବିଶ୍ୱରେ ପରିବ୍ୟାପ୍ତ ପରଂବ୍ରହ୍ମସ୍ୱରୂପୀ ପୁରୁଷୋତମ ବୋଲି ବନ୍ଦନା କରିଛନ୍ତି । ଶ୍ରୀଜଗନ୍ନାଥଙ୍କର ଏହି ସ୍ୱରୂପ ଉପନିଷଦ ମାନଙ୍କରେ ବର୍ଣ୍ଣିତ ଅପାଣିପାଦ, ଅଚକ୍ଷୁ, ଅକର୍ଣ୍ଣ, ଅଥଚ ସର୍ବଗମ, ସର୍ବଦ୍ରଷ୍ଟା ଓ ସର୍ବଶ୍ରୋତା ପୁରୁଷୋତମଙ୍କ ସ୍ୱରୂପ ସହିତ ସମାନ । ନିଖିଳ ବିଶ୍ୱ ପାଇଁ ଆତ୍ମ ପୁରୁଷର ପୂର୍ଣ୍ଣତ୍ୱ ପ୍ରାପ୍ତି ଓ ଏହି ଲକ୍ଷ୍ୟରେ ତ୍ୟାଗ ତଥା ଆତ୍ମୋତ୍ସର୍ଗ ହିଁ ହେଉଛି ଉତମ ପୁରୁଷ ବା ପୁରୁଷୋତମର ଲକ୍ଷଣ । ଏହି ବିଶ୍ୱଚେତନା ଶିଖାଇଛି ଶ୍ରୀଜଗନ୍ନାଥ ସଂସ୍କୃତି । ମହାପ୍ରଭୁଙ୍କ କୃପା ବର୍ଣ୍ଣନା କରି ଭକ୍ତି ନୈବେଦ୍ୟ ଅର୍ପଣ କରି କବି ଭାଷାରେ ରଖିଛି - 'ଧନ୍ୟ ସେ କୃଷ୍ଣମୂର୍ତ୍ତି ଜଗନ୍ନାଥ, ନୟନ ପଥଗାମୀ ଭାକେ ଭକତ । ଧନ୍ୟ ମୋ ଜୀବନ, ଏ ଧନ୍ୟ ମୋ ଆଖି, ଯାହାକୁ କୋଟି ଜନ ନିରତେ ଡାକି ।'

ମହାପ୍ରଭୁଙ୍କ ମାନବୀୟଲୀଳା ସ୍ନାନଯାତ୍ରା ସଂଦର୍ଶନ କରିବେ ଭକ୍ତ । ଭକ୍ତଙ୍କ ସମ୍ମୁଖରେ ୧୦୮ କୁମ୍ଭ ସୁବାସିତ ଜଳରେ ସ୍ନାନ କରି ହାତୀ ବେଶରେ ଦର୍ଶନ ଦେବେ ଚତୁର୍ଦ୍ଧା ବିଗ୍ରହ । ସ୍ନାନ ପାଇଁ ସୁନା କୂଅରୁ ଆସିବ ପବିତ୍ର ଜଳ । ସୁନା କୂଅର ଅବତାରଣା ଯୋଗୁଁ ମନରେ ପ୍ରଶ୍ନ ଆସେ, ଏହି କୂଅ କ'ଣ ସତରେର ସୁନାରେ ତିଆରି ? କୂଆ ଭିତରେ ସୁନା ଅଛି କି ? ଏହାର ଉତର ହେଉଛି ନା' । ସୁନା କୂଅ ଭାବେ ବିଦିତ ଏହି କୂଅ ସୁନାରେ ନିର୍ମିତ ନୁହେଁ, କିନ୍ତୁ ଶାସ୍ତ୍ରୀୟ ମତରେ ସୁନାଠୁ ବି ଅମୂଲ୍ୟ ମୂଲ । ଯେଉଁ କୂଅର ଜଳରେ ସ୍ୱୟଂ ଜଗତର ନାଥ ସ୍ନାନ କରିବାକୁ ଅପେକ୍ଷା କରନ୍ତି, ତାହାର ମୂଲ୍ୟାୟନ କିଏ ବା କରିବ ? ଶ୍ରୀମନ୍ଦିର ବେଢ଼ା ଭିତରେ ହିଁ ଏହି ସୁନା କୂଅ ରହିଛି । ଶ୍ରୀମନ୍ଦିର ସ୍ୱତ୍ୱ ଲିପି ଅନୁଯାୟୀ ଉତର ଦ୍ୱାର ପାର୍ଶ୍ୱରେ ମା'ଶୀତଳା ଠାକୁରାଣୀଙ୍କ ସମ୍ମୁଖ ଭାଗ ପ୍ଲଟ ନମ୍ବର ୩୫୫ ଓ ୨୮୪ରେ ଏହି କୂଅଟି ରହିଛି । କୂଅର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଶୀତଳା । କିମ୍ବଦନ୍ତୀ ଅଛି, ମା' ପାତାଳରୁ ଆବିର୍ଭୂତା । ପ୍ରବାଦ ଅଛି ଯେତେବେଳେ କଳିଯୁଗ ଶେଷ ହୋଇଯିବ, ସେତେବେଳେ ପାତାଳରୁ ମା'ପୂର୍ଣ୍ଣ ରୂପେ ଆବିର୍ଭୂତ ହେବେ । ଏହି କୂଅ କିଏ ଖୋଳାଇଥିଲେ ସେ ସମ୍ବନ୍ଧରେ କୌଣସି ଐତିହାସିକ ତଥ୍ୟ କିମ୍ବା ଆଲେଖ୍ୟ ନାହିଁ । ମାତ୍ର ଏହା ବହୁ ପ୍ରାଚୀନ ସମୟରୁ ଶ୍ରୀମନ୍ଦିର ବେଢ଼ା ଭିତରେ ରହିଛି । ବିଶ୍ୱାସ ରହିଛି, ଯେତେବେଳେ ଚତୁର୍ଦ୍ଧା ବିଗ୍ରହଙ୍କ ପାଇଁ ଏହି କୂଅର ଜଳ ନିଆଯାଏ ସେତେବେଳେ ସେଇ କୂଅରେ ଭାରତର ସମସ୍ତ ତୀର୍ଥ ଜଳର ସମାଗମ ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । ମହାପ୍ରଭୁଙ୍କ ପାଇଁ ସୁନାକୂଅରୁ ମୋଟ ୧୦୮ କୁମ୍ଭ ଜଳ ସଂଗ୍ରହ ହୋଇଥାଏ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ୩୫ କୁମ୍ଭ, ଶ୍ରୀବଳଭଦ୍ରଙ୍କ ପାଇଁ ୩୩, ଦେବୀ ସୁଭଦ୍ରାଙ୍କ ପାଇଁ ୨୨ କୁମ୍ଭ ଏବଂ ଚକ୍ରରାଜ ସୁଦର୍ଶନଙ୍କ ପାଇଁ ୧୮ କୁମ୍ଭ ଜଳ ପୃଥକ ଭାବେ ସଂଗ୍ରହ କରାଯାଏ । ଚନ୍ଦନ, କର୍ପୂର, କେଶରାଦି ମିଶାଯାଏ । ନୂଆ ବସ୍ତ୍ର ଓ ନଡ଼ିଆ ଆଦି ସଂସ୍ଥାପନ ପୂର୍ବକ ଅଧିବାସିତ କରାଯାଏ ।

ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର
ଦୂରଭାଷ : ୯୪୩୭୨୫୬୧୨୩

ସିଂହଦ୍ୱାର - ଚାରି ଦ୍ୱାର

।। ସୁକାନ୍ତ ଛାଟୋଇ ।।

ଆମେ ଯେଉଁ ଘରେ ରହୁଛେ, ଆମ ଘରର ନିଶ୍ଚିତ ଦ୍ୱାର ଥିବ । କାହାଙ୍କର ଗୋଟିଏ ଦ୍ୱାର, କାହାଙ୍କର ଦୁଇଟି ବା ବାସ୍ତୁଶାସ୍ତ୍ର ବା ନିଜ ସୁବିଧା ଅନୁଯାୟୀ ଦ୍ୱାର ଥିବ । ମର୍ତ୍ତ୍ୟ ମଣ୍ଡଳରେ ନିତ୍ୟ ଲୀଳା କରୁଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀକ୍ଷେତ୍ରର ତାଙ୍କରି ଶ୍ରୀମନ୍ଦିରରେ ମଧ୍ୟ ଦ୍ୱାର ରହିଛି । ତାହାପୁଣି ଚାରୋଟି ଦ୍ୱାର । ବାସ୍ତବରେ ମହାପ୍ରଭୁଙ୍କର ସବୁକିଛି ଭିତରେ ହିଁ ରହିଛି ଉତ୍କଳୀୟ ମହାନ ସଂସ୍କୃତିର ଗରୀୟାନ ମହନୀୟତା ଓ ଉତ୍କର୍ଷତା । ମହାପ୍ରଭୁଙ୍କ ଧାମ ଶ୍ରୀକ୍ଷେତ୍ର ମନ୍ଦିର ଶ୍ରୀମନ୍ଦିର, ତାଙ୍କ ଦାଣ୍ଡର ନାମ ବଡ଼ଦାଣ୍ଡ, ପ୍ରସାଦ ହେଉଛି ମହାପ୍ରସାଦ । ମହାପ୍ରଭୁଙ୍କ ଶ୍ରୀମନ୍ଦିରର ଚାରିପଟକୁ ଯେଉଁ ପାଚେରୀ ସୁରକ୍ଷା କବଚ ସାଜିଛି ତାହା ହେଉଛି ମେଘନାଦ ପାଚେରୀ । ଏହାର ନିର୍ମାଣ ଶୈଳୀ ବ୍ୟବସ୍ଥା ଅନୁଯାୟୀ ଗୋଟିଏ ପାଚେରୀ ଭିତର ବେଢ଼ା ବା ଯାହାକୁ କୂର୍ମ ପାଚେରୀ କହନ୍ତି ଏହା କୋଡ଼ିଏ ଫୁଟ ଉଚ୍ଚ ସାଢ଼େ ଛଅଫୁଟ ପ୍ରସ୍ଥ, ୬୬୫ ଫୁଟ ଲମ୍ବ ଓ ୬୪୪ ଫୁଟ ଓସାର ବିଶିଷ୍ଟ ଏହି ଦୀର୍ଘକାୟ ପାଚେରୀ ହେଉଛି ମେଘନାଦ ପାଚେରୀ । ଖ୍ରୀଷ୍ଟାବ୍ଦ ୧୪୩୭-୧୪୬୮ ଶାସନ କାଳ ସମୟରେ ତତ୍କାଳୀନ ଗଜପତି ରାଜା କପିଳେନ୍ଦ୍ର ଦେବ ଏହାର ନିର୍ମାଣ କରିଥିଲେ ।

ମେଘନାଦ ପାଚେରୀ ନିର୍ମାଣକୁ ନେଇ ଅନେକ କାହାଣୀ, କଥା, ଉପକଥା, କିମ୍ବଦନ୍ତୀ ସବୁ ରହିଛି । ଶ୍ରୀମନ୍ଦିରର ନିକଟରେ ସାଗର ରାଜ ରହିଥିବାରୁ ଏହାର ଗୁରୁ ଗର୍ଜନ ମହାପ୍ରଭୁଙ୍କ ନିଦ୍ରା ବିଭ୍ରାଟ କରିବାରୁ ମହାପ୍ରଭୁ ଶାନ୍ତିରେ ନିଦ୍ରା ଯାଇପାରିଲେ ନାହିଁ । ତେଣୁ ଗଜପତିଙ୍କୁ ସ୍ୱପ୍ନାଦେଶ ଦେବା ପରେ ତୁରନ୍ତ ପାଚେରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । ତେବେ ଜଳାଧିପତି ବରୁଣ ମହାପ୍ରଭୁଙ୍କ ଏପରି କ୍ରୋଧ ସମ୍ପର୍କରେ ଶୁଣିବା ପରେ ବିଚଳିତ ହୋଇ ପ୍ରାର୍ଥନା କରିଥିଲେ । ପ୍ରାର୍ଥନାର ସଂକଳ୍ପ କୃପା ସ୍ୱରୂପ ତାଙ୍କୁ ଅଭୟ ବର ପ୍ରଦାନ କରିଥିଲେ ଯେ ଗୁରୁ ଗର୍ଜନ ପ୍ରାଚୀର ଭେଦକରି ନ ଆସି ପାରିଲେ ମଧ୍ୟ ତୁମର ଅନ୍ୟ ଏକ ନାମ ଅନୁଯାୟୀ ମେଘନାଥ ଯାହାକି ବରୁଣଙ୍କ ଅନ୍ୟ ଏକ ନାମ ତାହା ମେଘନାଦ ପାଚେରୀ ଭାବେ ଭକ୍ତଜନଙ୍କ ନିକଟରେ କାଳ କାଳ ପାଇଁ ଏକ ଅମର ସ୍ମୃତି ହୋଇ ରହିଗଲା । କେବଳ ସେତିକି ନୁହେଁ ମହାପ୍ରଭୁଙ୍କ ଆଉ ଏକ ବରଦାନ ଅନୁଯାୟୀ ପ୍ରତି ଅମାବାସ୍ୟାରେ ତାଙ୍କୁ ଦର୍ଶନ ଦେବାର ସୌଭାଗ୍ୟ ମଧ୍ୟ ପ୍ରଦାନ କରିଥିଲେ । ସେହି ସମୟରୁ ପ୍ରତି ଅମାବାସ୍ୟାରେ ସମୁଦ୍ର ଆରତୀ ନୀତି ନିର୍ବାହ ହୋଇ ଆସୁଅଛି । ଆମେ ଯେଉଁ ଶ୍ରୀମନ୍ଦିରର ପାଚେରୀ କଥା ଉଲ୍ଲେଖ କରୁଛୁ ଏହାର ଚାରିଟି ଦ୍ୱାର ରହିଛି । ଯଥା ପୂର୍ବ, ପଶ୍ଚିମ, ଉତର ଓ ଦକ୍ଷିଣ । ଉତର ଓ ପୂର୍ବ ଦ୍ୱାର ସବୁବେଳେ ଖୋଲା ରହୁଥିବାବେଳେ ଦକ୍ଷିଣ ଓ ପଶ୍ଚିମ ଦ୍ୱାର ନିୟମିତ ଆବଶ୍ୟକ ପାଇଁ ବନ୍ଦ ରହି କେବଳ ଉତ୍ସବ ଓ ନବକଳେବର ସମୟରେ ଖୋଲା ହୁଏ । ଶ୍ରୀମନ୍ଦିରର ସତ୍ତ୍ୱଲିପି ଓ ମାଦଳା ପାଞ୍ଜିରେ ଉଲ୍ଲେଖ ରହିଛି ମେଘନାଦ ପାଚେରୀର ଚତୁଃପାର୍ଶ୍ୱରେ ଚାରୋଟି ବିସ୍ତୃତ ଓ ପ୍ରକାଣ୍ଡକାୟ ପ୍ରଶସ୍ତ ଦ୍ୱାର ରହିଛି । ପୂର୍ବ ଦ୍ୱାରକୁ ସିଂହଦ୍ୱାର, ପଶ୍ଚିମ ଦ୍ୱାରକୁ ବ୍ୟାଘ୍ର ଦ୍ୱାର, ଉତର ଦ୍ୱାରଟି ହସ୍ତୀ ଦ୍ୱାର ଓ ଦକ୍ଷିଣ ଦ୍ୱାରକୁ ଘୋଡ଼ା ଦ୍ୱାର ଭାବରେ ସମସ୍ତେ ଜାଣନ୍ତି ।

ସିଂହଦ୍ୱାର : ମହାପ୍ରଭୁଙ୍କ ଦର୍ଶନ ନିମିତ ଶ୍ରୀମନ୍ଦିରକୁ ଯିବାର ମୁଖ୍ୟ ପ୍ରବେଶ ପଥଟି ଯାହାକି ପୂର୍ବ ଦିଗରେ ରହିଛି ଏହା ହିଁ ସିଂହଦ୍ୱାର । ଅରୁଣସ୍ତମ୍ଭ ବିରାଜିତ ଏବଂ ଏଥି ଉପରେ ଉକ୍ତିଭରା ବିନୀତ ମୁଦ୍ରାରେ ଅରୁଣଙ୍କର ପାଷାଣ ମୂର୍ତ୍ତି ଦଣ୍ଡାୟମାନ । ଐତିହାସିକ ତଥ୍ୟ ଅନୁଯାୟୀ ଦ୍ୱିତୀୟ ଗଜପତି ଦିବ୍ୟସିଂହ ଦେବ ଏହାକୁ କୋଣାର୍କ ମନ୍ଦିର ସାମ୍ନାରୁ ଶ୍ରୀମନ୍ଦିର ପାଇଁ ଆଣିଥିଲେ । ଦୁଇ ସିଂହମୂର୍ତ୍ତି ବିରାଜିତ ଏବଂ ଏହାର ପଛପଟରେ ରହିଛି ଜୟବିଜୟଙ୍କ ମୂର୍ତ୍ତି । ପ୍ରକାଣ୍ଡକାୟ କବାଟର ଉଚ୍ଚତାର ପନ୍ଦର ଫୁଟ ଏବଂ କବାଟରେ ମା'ଲକ୍ଷ୍ମୀଙ୍କ ସହିତ ଦଶାବତାର ମୂର୍ତ୍ତି ରହିଛି । ତେବେ ଏହାର ସ୍ୱତନ୍ତ୍ରତା ହେଉଛି ଏହାର ଏକ 'ଚୋରା କବାଟ' ରହିଛି ।

ଏହାକୁ କେହି କେହି 'ଧର୍ମଦ୍ୱାର' ବୋଲି କହିଥାନ୍ତି । ସିଂହଦ୍ୱାରବାଟେ ଶ୍ରୀମନ୍ଦିରକୁ ପ୍ରବେଶ କରିବାମାତ୍ରେ ବାମ ପାର୍ଶ୍ୱରେ ସିଦ୍ଧମହାବୀର ହନୁମାନ ଓ ଦକ୍ଷିଣ ଭାଗରେ ପତିତପାବନଙ୍କ ମୂର୍ତ୍ତି ବିରାଜିତ ହୋଇଥିବାବେଳେ ସାମ୍ନାକୁ ଆସିଥାଏ 'ବାଇଶ ପାହାଚ' ।

ଘୋଡ଼ା ଦ୍ୱାର : ଶ୍ରୀମନ୍ଦିରର ଦକ୍ଷିଣ ପାର୍ଶ୍ୱର ଦ୍ୱାରକୁ ଘୋଡ଼ା ଦ୍ୱାର ଭାବରେ ସମସ୍ତେ ଜାଣନ୍ତି । ଧାବମାନ ଘୋଡ଼ାର ମୂର୍ତ୍ତି ଦୁଇ ପାର୍ଶ୍ୱରେ ବିରାଜମାନ । ଏହି ଦ୍ୱାରର ଭିନ୍ନତା ହେଉଛି ଠାକୁରାଜା ଗଜପତି ମହାରାଜ ଓ ତାଙ୍କ ପରିବାର ବର୍ଗ, ବନ୍ଧୁ ବର୍ଗ ଶ୍ରୀମନ୍ଦିରକୁ ଯିବା ନିମିତ ଏହି ଦ୍ୱାର ଦେଇ ପ୍ରବେଶ କରିଥାନ୍ତି । ଦୁଇ ଫାଳିଆ କାଠ କବାଟ ବିଶିଷ୍ଟ ଏହି ଦ୍ୱାରର ଗୋଟିଏ ପଟରେ ବଂଶୀଧାରୀ ପ୍ରେମମୟ ଶ୍ରୀକୃଷ୍ଣ ଏବଂ ଚାରି ସଖୀଙ୍କ ମୂର୍ତ୍ତି ରହିଥିବାବେଳେ ଅନ୍ୟ ପଟରେ ସଙ୍କଟମୋଚନ ସିଦ୍ଧ ହନୁମାନ, ଦୁର୍ଗାମାଧବଙ୍କ ମୂର୍ତ୍ତି ରହିଛି । ଏହି ଦ୍ୱାର ଦେଇ ଦକ୍ଷିଣ ପଟକୁ ଗଲେ ରୋଷଘରକୁ ରାସ୍ତା ଯାଇଛି ।

ବ୍ୟାଘ୍ର ଦ୍ୱାର : ମେଘନାଦ ପାଚେରୀର ପଶ୍ଚିମ ଭାଗ ଦ୍ୱାରଟିକୁ ବ୍ୟାଘ୍ର ଦ୍ୱାର ଭାବେ ସମସ୍ତେ ଜାଣନ୍ତି । ଏହି ଦ୍ୱାରରେ ଦୁଇ ଫାଳିଆ କାଠ କବାଟ ରହିଥିବାବେଳେ ନବଗ୍ରହ ପାଟ ଓ ଶ୍ରୀଗଣେଶଙ୍କ ମୂର୍ତ୍ତି ପୂଜିତ । ଦୁଇଟି ଆକ୍ରମଣ ଭଙ୍ଗୀର ବ୍ୟାଘ୍ର ମୂର୍ତ୍ତି ଦ୍ୱାର ସମ୍ମୁଖର ଦୁଇପଟେ ବିରାଜମାନ । ଶ୍ରୀମନ୍ଦିରର ସେବକ ଓ ଦଇତାମାନେ ଏହି ଦ୍ୱାର ବାଟେ ଯିବା ଆସିବା କରିଥାନ୍ତି ଏବଂ ନୀଳାଚଳ ଉପବନ ଦର୍ଶନ କରିବାକୁ ହେଲେ ଏହି ଦ୍ୱାର ଦେଇ ଯିବାକୁ ପଡ଼ିଥାଏ । ଦ୍ୱାରର ଉତର ପାର୍ଶ୍ୱରେ କାନପତା ହନୁମାନଙ୍କ ମନ୍ଦିର ରହିଛି । ଲୋକ ବିଶ୍ୱାସ ରହି ଆସିଛି ଯେ ସାଗର ରାଜାଙ୍କ ଗୁରୁଗର୍ଜନକୁ ଶ୍ରୀମନ୍ଦିର ବେଢ଼ା ଭିତରେ ନ ପୂରାଇ ମହାପ୍ରଭୁଙ୍କ ଶାନ୍ତି ବ୍ୟାଘାତ ନ କରିବା ପାଇଁ ସେ କାନ ପାତି ରହିଛନ୍ତି । ଠିକ ଏହାର ପଛ ଭାଗରେ ନୀଳାଦ୍ରି ବିହାର ରହିଛି ।

ହାତୀ ଦ୍ୱାର : ଶ୍ରୀମନ୍ଦିରର ଉତର ଭାଗର ଦ୍ୱାରକୁ ହାତୀ ଦ୍ୱାର କେହି କେହି ମୋକ୍ଷ ଦ୍ୱାର କିନ୍ତୁ ପୁରୁଣା ପୁରୀ ବାସିନ୍ଦାମାନେ ଏହାକୁ ବେମେଣୀ ଦ୍ୱାର ଭାବେ ବୁଝିଥାନ୍ତି । ଏହି ଦ୍ୱାରର ବିଶେଷତା ଓ ଗୁରୁତ୍ୱରେ ଭିନ୍ନତା ରହିଛି । ଅନ୍ୟ ତିନି ଦ୍ୱାରରେ ଯେପରି ସମ୍ମୁଖ ପ୍ରବେଶ ପଥରେ ଘୋଡ଼ା, ବାଘ ବା ସିଂହଙ୍କ ମୂର୍ତ୍ତି ଦେଖିବାକୁ ମିଳିଥାଏ । ଦୁଇଟି ହାତୀଙ୍କ ମୂର୍ତ୍ତି ଦୁଇ ପଟରେ ଦୃଶ୍ୟମାନ ହୋଇଥାନ୍ତି । ତେବେ ଏହି ଦ୍ୱାରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣତା ହେଉଛି ଶ୍ରୀଜୀଉଙ୍କ ନବକଳେବର ବେଳେ ଯେଉଁ ଦିବ୍ୟ ଦାରୁ ସଂଗ୍ରହ ହୋଇ କୋଇଲି ବୈକୁଣ୍ଠକୁ ଯାଇଥାଏ ସେ ଏହି ଦ୍ୱାର ଦେଇ ପ୍ରବେଶ କରିଥାଏ । ଚଉଦଫୁଟ ଉଚ୍ଚତା ବିଶିଷ୍ଟ କାଠ କବାଟରେ ନବଗ୍ରହ, କୃଷ୍ଣଙ୍କ ମୂର୍ତ୍ତି ରହିଛି । କୋଇଲି ବୈକୁଣ୍ଠ, ତୁଳସୀ ବଣ ଯିବା ପାଇଁ ଏହି ଦ୍ୱାରର ସହାୟତା ନେବା ପାଇଁ ପଡ଼ିଥାଏ । ହାତୀ ଦ୍ୱାର ଦେଇ ଯଦି କେହି କୂର୍ମ ବେଢ଼ାକୁ ପ୍ରବେଶ କରନ୍ତି ତେବେ ବାମପାର୍ଶ୍ୱରେ ଈଶାନେଶ୍ୱର ମହାଦେବ ମନ୍ଦିର ଦର୍ଶନ କରିପାରିବେ । ମହାପ୍ରଭୁଙ୍କ ମେଘନାଦ ପାଚେରୀ ଓ ଚାରି ଦ୍ୱାରର ମହାନତା, ସ୍ୱତନ୍ତ୍ରତା ସ୍ୱତନ୍ତ୍ର ଓ ଅନନ୍ୟ ।

ଘୋପରଢ଼ା, ନୂଆ ବଜାର, କଟକ, ଦୂରଭାଷ : ୮୨୪୯୨୬୦୬୨୧

ଆଦେଶ, ଉପଦେଶ

।। ଉତ୍କଳାନନ୍ଦ ଅଜୟ କୁମାର ବେହେରା ।।

ରାଜା ଆଦେଶରେ ବାଘ ବକରୀ ଏକ ଘାଟରେ ପାଣି ପିଅନ୍ତି । ଗୁରୁଜନଙ୍କ ଆକଟ ପିଲାଳୀଳରେ ସବୁ ଘରେ ରହି ଆସୁଛି । ଶିକ୍ଷକ ଅନେକ ସୋପାନରେ ଅଛନ୍ତି । ପ୍ରାଥମିକ ଶିକ୍ଷାର ଶିକ୍ଷକମାନେ ଶିଶୁମାନଙ୍କର ଚପଳାମୀ କାଳରେ କିଛି ଭୟ ଦେଖାଇ ଖେଳ କୌତୁକ କଥା କହି ବର୍ଣ୍ଣମାଳା ସଂଖ୍ୟା ଶିକ୍ଷା କରନ୍ତି, ପର ପର ଯୁକ୍ତାକ୍ଷର ମିଶାଣ, ଫେଡ଼ାଣ, ଗୁଣନ, ହରଣ ଶିକ୍ଷା ଦିଅନ୍ତି । ସୁନ୍ଦର ସୁନ୍ଦର ଛବିକ ବଡ଼ ବଡ଼ ହରଫ ଛବିର ପୁସ୍ତକକୁ ପାଠ୍ୟ ପୁସ୍ତକରେ ପାଠପଢ଼ା ଆରମ୍ଭ କରି ଆଗକୁ ଆଗ ବଢ଼ାଇବା ଚେଷ୍ଟାରେ ଲାଗିଥାନ୍ତି । ଏହି ବୟସର ପିଲାଙ୍କୁ ଆଦେଶ ଦେବାର ଦେଖାଯାଏ । ପରା ଅପରା ଦୁଇ ବିଦ୍ୟା, ସୁ ମାନବ ହେବା ପାଇଁ ଏହି ଦୁଇ ବିଦ୍ୟାର ଆବଶ୍ୟକ ଅଛି । ଅପରାବିଦ୍ୟା ସାଧାରଣ ମୌଳିକ ବିଦ୍ୟାରୁ ପାହାଚ ପାହାଚ ଉଠି ଏକ ବିଦ୍ୟାରେ ଡକ୍ଟରେଟ ବିଶେଷଜ୍ଞାନ ହାସଲ ପର୍ଯ୍ୟନ୍ତ ଯାଇ ହେବ । ସ୍ୱାକ୍ଷରରୁ ଉଚ୍ଚତର ଜ୍ଞାନୀ ହେଉଛି କିନ୍ତୁ ପରାବିଦ୍ୟା ପରଲୋକ ସୁଧାର ପାଇଁ ଶିକ୍ଷା । ଜୀବନଟା ଏକ ପଥ, ଏହି ପଥରେ ଯିବା ପାଇଁ ଦୁଇ ପ୍ରକାର ପ୍ରସ୍ତୁତି, ଅନେକ ଦ୍ରବ୍ୟ ଜଳ ନେଇ ଚଳିବା ଅପରାବିଦ୍ୟାରେ ସୀମିତ । ପରା ବିଦ୍ୟାରେ ସେପରି ଅଭିଜ୍ଞ ଗୁରୁ ଆବଶ୍ୟକ ପଡ଼େ । ଗୁରୁ ଶିକ୍ଷକ ଏମାନେ ଆଦେଶ କରନ୍ତି ଉପଦେଶ ଦିଅନ୍ତି । ରାସ୍ତାରେ ଗମନା ଗମନ ଚାଲୁଛି, ରାସ୍ତାରେ ଛକ ବି ରହିଛି, ରାସ୍ତାକଡ଼ର ବାମ କଡ଼ରେ ଚାଲିବା ନିୟମ ହେଲେ ଛକରେ ରାସ୍ତା ଯାମକୁ ସରଳ ପାଇଁ ଟ୍ରାଫିକ ଅଧିକାରୀ ଷପ ଲଗାନ୍ତି ବା ଲାଲ ଲାଇଟ ସଂକେତ ବା ହସ୍ତ ସଂକେତ ଦେଖାଇ ଯାନ ଅଟକାନ୍ତି । ଏ ସବୁ ଆଦେଶ ସେହିପରି କେହି ଗିଆଇପି ରାସ୍ତାରେ ଯିବା କାଳରେ ରାଜ ଆଦେଶ ସମସ୍ତେ ବୁଝି ପାରି ପଥ ଛାଡ଼ନ୍ତି, ଏହିପରି ଆମ୍ବୁଲାନ୍ସ, ଫାୟାର ବିଗ୍ରେଡ ଗାଡ଼ି ପାଇଁ ରାଜ ଆଦେଶ ମାନିବାକୁ ପଡୁଛି, ରାଜ ଆଦେଶ କୋର୍ଟରେ ବଳବତର, ମାମଲାର ଦୁଇ ପକ୍ଷକୁ ଧର୍ମ ଶାସ୍ତ୍ର ଛୁଇଁ ଶପଥ ପାଠ କରାଯାଉଛି । ଏଥିରୁ ଶାସ୍ତ୍ରର ଉପଦେଶର ଧର୍ମବାଣୀ ଅଙ୍କିତ ନିଆଯାଉଛି । ବିବାହ ବେଦୀରେ ଅଗ୍ନି ସାକ୍ଷୀ, ବିପ୍ରଙ୍କ ଶପଥ ବାକ୍ୟ ପାଠ, ଉପସ୍ଥିତ ବନ୍ଧୁ ପ୍ରିୟଜନ, ସ୍ୱାମୀ ସ୍ତ୍ରୀଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଆଦେଶ ଉପଦେଶକୁ ମାନି ଜୀମରେ ଲଗାଇ ଚଳିବା ପ୍ରେରଣ ଧର୍ମଜ୍ଞାନ ଦିଆଯାଇଥାଏ । ପାରିବାରିକ ଜୀବନରେ ବଡ଼ ବଡ଼ଙ୍କ ଅନୁଭୂତି ଅଛି, ତାକୁ ସାନମାନେ ଉପଦେଶ ଆକାରରେ ମାନିନେଲେ ପରିବାରରେ ଶାନ୍ତି ଅବ୍ୟାହତ ରୁହେ । ପାରିବାରିକ ମାମଲା ଫ୍ୟାମିଲି କୋର୍ଟରେ ହେଲେ ବିଚାରପତିଙ୍କ ଆଦେଶ ମାନିବାକୁ ପଡୁଛି । ସବୁ ସ୍ତରରେ ଆଦେଶ ଉପଦେଶ ବଳବତର ଅଛି ତାକୁ ମାନି ଚାଲିଲେ ସମୟ ବୃଥା ହୁଏନାହିଁ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

ଆରମ୍ଭ

SEITHO ARAMBHA

ଗୁରୁବାର, ୧୮ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଧାମନଗର ପଂଚାୟତ ସମିତି ସଭାଗୃହରେ ବିକାଶର ଧାରା–ଓଡ଼ିଶା ସାରା : କାର୍ଯ୍ୟକ୍ରମ

ଧାମନଗର, ୧୭/୦୬ (ଆ.ପ୍ର) : ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା ଏବଂ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ "ବିକାଶର ଧାରା - ଓଡ଼ିଶା ସାରା" ଶୀର୍ଷକ ସମିତିସ୍ତରୀୟ ସମ୍ମିଳନୀ ବୁଧବାର ଧାମନଗର ପଂଚାୟତ ସମିତି ଆନୁକୂଲ୍ୟରେ ଗରିମାମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମୁଦାୟଙ୍କ ସାମାଜିକ, ଆର୍ଥିକ ଏବଂ ଶିକ୍ଷାଗତ ଉନ୍ନତି ସହ ସେମାନଙ୍କ ଆଇନଗତ ସୁରକ୍ଷା ଓ ଅଧିକାର ସଶକ୍ତିକରଣ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା, ଅନ୍ତ୍ୟୋଦୟର ଆଦର୍ଶ ଏବଂ ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ପାଖରେ ବିକାଶର ସୁଫଳ ପହଂଚାଇବା ନେଇ ସରକାରଙ୍କ ପ୍ରତିବଦ୍ଧତା ସମ୍ପର୍କରେ ବକ୍ତାମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ସାଂସଦଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଧାମନଗର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ଦିଣ୍ଡାଙ୍କ ସମେତ ପଂଚାୟତ ସମିତିର ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି ଓ ପୂର୍ବତନ ସରପଂଚମାନେ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ ସରକାରଙ୍କ ବିକାଶମୂଳକ ପଦକ୍ଷେପ ଏବଂ ଲୋକକଲ୍ୟାଣମୂଳକ ଯୋଜନାଗୁଡ଼ିକୁ ତୃଣମୂଳ ସ୍ତରରେ ସଫଳ ଭାବେ ପହଂଚାଇବା ପାଇଁ ସମସ୍ତଙ୍କ ସହଯୋଗ ଓ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନର ନିଃଶୁଳ୍କ ଗମନାଗମନ ବ୍ୟବସ୍ଥା

ଭଦ୍ରକ, ୧୭/୦୬ (ଆ.ପ୍ର) : ଆସନ୍ତା ୨୧ ଜୁନ ୨୦୨୬ ରେ ଅନୁଷ୍ଠିତ ହେବାକୁ ଥିବା ନିଟ୍ ପ୍ରବେଶିକା ପରୀକ୍ଷା-୨୦୨୬ (୨) ରେ ଅଂଶଗ୍ରହଣ କରୁଥିବା ପରୀକ୍ଷାର୍ଥୀମାନଙ୍କୁ ନିଃଶୁଳ୍କ ଗମନାଗମନ ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ଆଜି ଅପରାହ୍ନ ୫ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀ, ଆଂଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ମୋଟରଯାନ ନିରୀକ୍ଷକ ବାମଦେବ ସାହୁ, ଭଦ୍ରକ ବସ୍ ସିଣ୍ଡିକେଟ୍‌ର ସଭାପତି ଶ୍ରୀନିବାସ ପତି, ସମ୍ପାଦକ ରାଜେନ୍ଦ୍ର ମହାପାତ୍ର, ଜିଲ୍ଲା ପରିଚାଳକ, ଓଏସ୍ଆରଟିସି ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ଉପସ୍ଥିତ ଥିଲେ । ପରୀକ୍ଷାର୍ଥୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୨୦ ଜୁନ ଅପରାହ୍ନ ଏବଂ ୨୧ ଜୁନ ସକାଳେ ଜିଲ୍ଲାର ୭ଟି ବ୍ଲକ୍ ମୁଖ୍ୟାଳୟରୁ ଭଦ୍ରକ ପର୍ଯ୍ୟନ୍ତ 'ଆମ ବସ୍' ଯୋଗେ ନିଃଶୁଳ୍କ ଯାତାୟାତ ସୁବିଧା ଯୋଗାଇ ଦେବାକୁ ନିଷ୍ପତି ହୋଇଥିଲା । ସେହିପରି ୨୧ ଜୁନ ଦିନ ସକାଳ ୮ଟାରୁ ବନ୍ତହକଠାରୁ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ସଟଲ୍ ସେବା ପାଇଁ ମୋଟ ୭ଟି 'ଆମ ବସ୍' ନିୟୋଜିତ କରାଯିବ । ଏଥିମଧ୍ୟରେ ଭଦ୍ରକ ଅଟୋନମସ୍ କଲେଜକୁ ୨ଟି, ସରକାରୀ ପଲିଟେକ୍ନିକ୍, ଭଦ୍ରକକୁ ୨ଟି, ଭଣ୍ଡାରିପୋଖରୀ ପଲିଟେକ୍ନିକ୍‌କୁ ୨ଟି ଏବଂ ଭଦ୍ରକ ମହିଳା ମହାବିଦ୍ୟାଳୟକୁ ୧ଟି ବସ୍ ଚଳାଚଳ କରିବ । ସମସ୍ତ ବ୍ୟବସ୍ଥାର ତଦାରଖ ଓ ସୁପରିଚାଳନା ପାଇଁ ମୋଟରଯାନ ନିରୀକ୍ଷକ ବାମଦେବ ସାହୁଙ୍କୁ ନୋଡାଲ ଅଫିସର ଭାବେ ମନୋନୀତ କରାଯାଇଛି । ପରୀକ୍ଷାର୍ଥୀମାନେ ଆବଶ୍ୟକତା ପଡ଼ିଲେ ତାଙ୍କ ମୋବାଇଲ ନମ୍ବର ୭୯୭୮୦୧୪୧୭୫ ରେ ଯୋଗାଯୋଗ କରିପାରିବେ । ଏହାଛଡ଼ା, ନିଟ୍ ପରୀକ୍ଷାର୍ଥୀମାନେ ନିଜର ଆଡମିଟ୍ କାର୍ଡ ପ୍ରଦର୍ଶନ କଲେ ବେସରକାରୀ ବସ୍‌ରେ ମଧ୍ୟ ନିଃଶୁଳ୍କ ଯାତ୍ରା କରିପାରିବେ ବୋଲି ଭଦ୍ରକ ବସ୍ ସିଣ୍ଡିକେଟ୍‌ର ସଭାପତି ଓ ସମ୍ପାଦକ ସୂଚନା ଦେଇଥିଲେ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ବୈଠକ ସମାପ୍ତ ହୋଇଥିଲା ।

ଚକାପାଦ ଠାରେ ରଜୋତ୍ସବ ତୃତୀୟ ସନ୍ଧ୍ୟାର ଧୂମଧାମରେ ପାଳନ

ଟିକାବାଲି, ୧୭/୦୬ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଚକାପାଦ ଠାରେ ଖୁବ୍ ଧୂମଧାମ ରେ ରଜୋତ୍ସବ ପାଳିତ ହୋଇଛି । କାର୍ଯ୍ୟକ୍ରମର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଉମା ଚାରଣ ମଲ୍ଲିକ ଯୋଗଦେଇ ଚକାପାଦ ବ୍ଲକ ପାଇଁ କେଉଁ କେଉଁ ବିକାଶ ମୂଳକ କାର୍ଯ୍ୟ କରିଛନ୍ତି ଓ କରିବେ ବର୍ଣ୍ଣନା କରିଥିଲେ । ମୁଖ୍ୟ ବକ୍ତାଭାବେ ଟିକାବାଲି କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ଯୋଗଦେଇ ଯୁବସମାଜ ସମାଲୋଚନାକୁ ଖାତିର ନକରି ଧର୍ଯ୍ୟର ସହ ଦୀର୍ଘ ଛଅ ବର୍ଷ ଧରି ଯେପରି ରଜୋତ୍ସବ ପାଳନ କରୁଛ ତାହା ଆମ ପରମ୍ପରା ଓ ସଂସ୍କୃତି ସମୃଦ୍ଧ ହୋଇପାରୁଛି ବୋଲି ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସମ୍ପାଦକ ଦେବାଶିଷ ପ୍ରିୟଦର୍ଶନ ସାହୁ, ମଣ୍ଡଳ ସଭାପତି ସର୍ବେଶ୍ୱର କହଁର,ପସରା ସରପଂଚ ସୁମନ୍ତ ମଲ୍ଲିକ, କଖାରୁ ଝୋଳ ସରପଂଚ ନୀଳାମ୍ବର ମଲ୍ଲିକ ଯୋଗଦେଇ ରଜୋତ୍ସବ ଉପରେ ବକ୍ତବ୍ୟ ରଖିଥିଲେ । ବାର୍କୋଷ ମାଟିର ପୁଅ ତଥା ଜଣେ ଆଦର୍ଶ ଶିକ୍ଷକ ଗୁରୁ ପ୍ରସାଦ ସାହୁ ଏବର୍ଷ ଓ ସି ଏସ ପରୀକ୍ଷାରେ ସଫଳତା ପାଇଥିବାରୁ ମାନପତ୍ର, ଫୁଲତୋଡ଼ା ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା । ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପାଇଥିବା ପ୍ରତିଯୋଗୀଙ୍କୁ ଫଳକ ଓ ପ୍ରମାଣ ପତ୍ର ଦିଆଯାଇଥିଲା । ଶିକ୍ଷକ ନିରଞ୍ଜନ ସାହୁ ଧନ୍ୟବାଦ ଓ ମଂଚ ପରିଚାଳନା କରିଥିଲେ ।

ଧର୍ମଗଡ଼ ଠାରେ ବିଧାୟକଙ୍କ ସାମ୍ବାଦିକ ସମ୍ମିଳନୀ

ଧର୍ମଗଡ, ୧୭/୦୬ (ଆ.ପ୍ର) : କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତି ଏବଂ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତି ଅବସରରେ ଧର୍ମଗଡ଼ ଠାରେ ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼, ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ସୁଧୀର ରଂଜନ ପଟଯୋଶୀ ଦ୍ୱାରା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେପି ନେତା ଧନଞ୍ଜୟ ପାତ୍ର, ଜିଲ୍ଲା ସାଧାରଣ ସଂପାଦକ ହିମାଂଶୁ ପଣ୍ଡା ସାମିଲ ରହିଥିଲେ । ଏହି ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା, ବିକାଶମୂଳକ କାର୍ଯ୍ୟକ୍ରମ ଏବଂ ଗତ ବର୍ଷଗୁଡ଼ିକର ସଫଳତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ମୋହନ ସରକାରଙ୍କ ସହଯୋଗରେ ନିଆ ଯାଇଥିବା ଉନ୍ନୟନ ମୂଳକ କାର୍ଯ୍ୟର ବିସ୍ତୃତ ବିବରଣୀ ରଖିଥିଲେ । ଧର୍ମଗଡ଼ରୁ ରାଜ୍ୟ ବାହାରକୁ ବସ ସେବା, ଶିଳ୍ପ ତାଲିମ କେନ୍ଦ୍ର ନିର୍ମାଣ, ଗୁଡ଼ହାଣ୍ଡି ଓ ଡୋକରିଚଂଚରା ଇକୋ ଟୁରାଯମ କେନ୍ଦ୍ର ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ, ଇନ୍ଦ୍ରାବତୀ ଜଳ ସେଚନ ଯୋଜନାରେ ଜଳ ଯୋଗାଇବା ପାଇଁ ବାମ କେନାଲରୁ ୫୧କିମି ଯାଏ କଂକ୍ରିଟ କେନାଲ ଲାଇନିଂ ପାଇଁ ୫୬୦କୋଟି ଟଙ୍କା ଯୋଜନା ପ୍ରସ୍ତୁତ, ଟିପିଗୁଡା ସମେତ ୫ଟି ପଂଚାୟତକୁ ୬୦କୋଟି ଟଙ୍କା ବ୍ୟୟରେ ପାନୀୟ ଜଳ ପ୍ରକଳ୍ପ ପାଇଁ ପ୍ରଶାସନିକ ପଦକ୍ଷେପ, କଲମପୁର, କୋକସରା, ଧର୍ମଗଡ଼ ଠାରେ ବହୁମୁଖୀ କ୍ରୀଡା ପ୍ରକଳ୍ପ ଓ ଷ୍ଟାଡିୟମ ପାଇଁ ୬୦ କୋଟି ବ୍ୟୟ ବରାଦ, ଜୁନାଗଡ଼ ରୋଡ଼ - ନବରଙ୍ଗପୁର । ରେଳ ଲାଇନକୁ ଧର୍ମଗଡ଼ ଦେଇ ନେବା ବ୍ୟବସ୍ଥା, କଲମପୁର ଠାରେ ୧୭.୫କୋଟି ଟଙ୍କା ବ୍ୟୟରେ ଡାକ୍ତରଖାନା ନୂତନ ବିଲଡିଂ ନିର୍ମାଣ ଭଳି ଅନେକ କାର୍ଯ୍ୟ ୨ବର୍ଷ ଭିତରେ କରା ଯାଇଥିବା ବିଧାୟକ ସୁଧୀର ରଂଜନ ପଟଯୋଶୀ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ।

ଗ୍ରୀଷ୍ମ ଲହରୀ : ନୂଆପଡ଼ାରେ ୨୦ ତାରିଖ ପର୍ଯ୍ୟନ୍ତ ସକାଳୁଆ ସ୍କୁଲ

ନୂଆପଡ଼ା, ୧୭/୦୬ (ଆ.ପ୍ର) : ଗ୍ରୀଷ୍ମ ଛୁଟି ପରେ ଆସନ୍ତାକାଲିଠାରୁ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଖୋଲୁଥିବା ବେଳେ ପ୍ରବଳ ଗ୍ରୀଷ୍ମ ଲହରୀ ଓ ଅତ୍ୟଧିକ ଗୁମୁଗୁମି ପାଗକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ମଧୁସୂଦନ ଦାଶ ବିଦ୍ୟାଳୟଗୁଡ଼ିକର ସମୟ ପରିବର୍ତ୍ତନ କରିଛନ୍ତି । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଜାରି ଆଦେଶ ଅନୁଯାୟୀ, ଜୁନ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟ ସକାଳ ୬ଟା ୩୦ ମିନିଟରୁ ପୂର୍ବାହ୍ନ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ଚାଲିବ । ଏହି ନିର୍ଦ୍ଦେଶ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମେତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ଏବଂ ଜବାହର ନବୋଦୟ ବିଦ୍ୟାଳୟ ପାଇଁ ଲାଗୁ ହେବ । ସମସ୍ତ ପ୍ରଧାନଶିକ୍ଷକ ଓ ଅଧ୍ୟକ୍ଷମାନଙ୍କୁ ପରିବର୍ତ୍ତିତ ସମୟସୂଚୀକୁ କଡ଼ାକଡ଼ି ପାଳନ କରିବା ସହ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ କଲ୍ୟାଣ ପ୍ରତି ବିଶେଷ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ପାୱାର ଟିଲରରେ ଚାପି ହୋଇ ଚାଷୀଙ୍କ ମୃତ୍ୟୁ

ଦଶପଲ୍ଲା, ୧୭/୦୬ (ଆ.ପ୍ର) : ଦଶପଲ୍ଲା ବ୍ଲକ ନଛିପୁର ପଂଚାୟତ ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମରେ ବୁଧବାର ସକାଳ ସମୟରେ ଏକ ଦୁଃଖଦ ଘଟଣା ଘଟିଯାଇଛି । ବିଲରେ ଚାଷ କରୁଥିବା ସମୟରେ ଆକସ୍ମିକ ଭାବେ ପାୱାର ଟିଲରରେ ଚାପି ହୋଇ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି । ମୃତ ଚାଷୀ ଜଣକ ହେଲେ ସେହି ଗ୍ରାମର ପ୍ରଦୀପ୍ତ କୁମାର ପ୍ରଧାନ (୪୭ ବର୍ଷ) । ସୂଚନା ଅନୁଯାୟୀ, ବୁଧବାର ସକାଳ ସମୟରେ ପ୍ରଦୀପ୍ତ ନିଜ ବିଲରେ ପାୱାର ଟିଲର ସାହାଯ୍ୟରେ ଚାଷ କରୁଥିଲେ । କୌଣସି କାରଣବଶତଃ ହଠାତ୍ ପାୱାର ଟିଲରଟି ତାଙ୍କ ଉପରକୁ ମାଡ଼ି ଯାଇଥିଲା, ଯାହାଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଖବର ପାଇ ଦଶପଲ୍ଲା ପୋଲିସ ଘଟଣାସ୍ଥଳରେ ପହଂଚି ମୃତ ଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି ।

ମିଛ ଆଇପିଏସ ଏବେ ସୋସିଆଲ ମିଡିଆରେ

ହାଟଡିହି, ୧୭/୦୬ (ଆ.ପ୍ର) : ହାଟଡିହି ଏହି ଅଂଚଳର ଜଣେ ଯୁବକ ଏବେ ଏ ଆଇ ମାଧ୍ୟମରେ ନନ୍ଦିପଦା ଥାନା ରେ ନୂଆ ପୋଲିସ ଆଇପିଏସ ଅଫିସର ବୋଲି ସୋସିଆଲ ମିଡ଼ିଆରେ ବାପୁନ ଜେନା ନାମକ ଯୁବକ ଏହି ପୋଷ୍ଟ କରି ଭାଇରାଲ କରୁଛନ୍ତି । ଯାହାକୁ ନେଇ ନନ୍ଦିପଦା ଥାନା ଅଧିକାରୀ ଏହି ଫଟୋକୁ ନେଇ ନଜର ରଖିଥିବା କହିଛନ୍ତି ।

ବାପାକୁ ହତ୍ୟାକରି ପୁଅ ଜେଲ ଗଲା

ବ୍ରହ୍ମପୁର, ୧୭/୦୬ (ଆ.ପ୍ର) : ଗୋଷାଣୀନୂଆଗାଁ ଥାନାର ତୋଟା ସାହିରେ ଶରତ ମହାନ୍ତିଙ୍କୁ ହତ୍ୟା କରିବା ଘଟଣାରେ ପୁଅ ଟୁକୁ ଓରଫ ବିରଜା ପ୍ରସାଦ ମହାନ୍ତି (୪୬)କୁ ପୋଲିସ ଗିରଫ କରିଛି । ଏହି ହତ୍ୟା ଘଟଣାରେ ବ୍ୟବହୃତ କାଠ ଫାଳିଆ ସହ ରକ୍ତ ଭିଜା କପଡ଼ାକୁ ପୋଲିସ ଜବତ କରିଛି । ଖବରରୁ ପ୍ରକାଶ ଯେ ତୋଟା ସାହି ସ୍ଥିତ ନିଜ ଘରେ ପିତା ଶରତ ଚନ୍ଦ୍ର ମହାନ୍ତି ଓ ବୋଉ ପ୍ରତିମା ମହାନ୍ତିଙ୍କୁ ପୁଅ ଟୁକୁ ଆକ୍ରମଣ କରିଥିଲେ । ଆକ୍ରମଣ ଫଳରେ ଶରତ ଗୁରୁତର ଆହତ ହୋଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଶରତ ବଡ ମେଡିକାଲ ରେ ମୃତ୍ୟୁବରଣ କରିଛନ୍ତି । ଶରତଙ୍କ ପତ୍ନୀ ପ୍ରତିମା ମଧ୍ୟ ଗଭୀର ଆଘାତ ପାଇ ବଡ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ସମ୍ପତି ଭାଗ ବଂଟନକୁ ନେଇ ଘରୋଇ ବିବାଦ କାରଣରୁ ଏହି ଘଟଣା ଘଟିଥିଲା ।

ରଜପର୍ବ ଅବସରରେ ଭଗତପୁରରେ କଣ୍ଢେଇ ନାଚ

ଟାଙ୍ଗୀ.ଚୌଦ୍ୱାର, ୧୭/୦୬ (ଆ.ପ୍ର) : ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ଦେଇପୁର ଗ୍ରାମ ପଂଚାୟତରେ ଓଡ଼ିଶାର ଗଣପର୍ବ ରଜରେ ଲୋକମାନଙ୍କୁ ଖୁସି ବାଂଟିବା ଓ ଓଡ଼ିଶାର ଲୋକ କଳା, ଲୋକ ନୃତ୍ୟ ପ୍ରାଚୀନ ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ କରିବାକୁ ମା ଦୁର୍ଗା ନାଟ୍ୟ କଳା ପରିଷଦ ଆନୁକୂଲ୍ୟରେ ଯାଇ ପାଂଚ ଦିନ ଧରି ସୋମବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଭଗତପୁର ଦଧିବାମନ ଜୀୟୁ ପ୍ରାଙ୍ଗଣରେ କଣ୍ଢେଇ ଅପେରାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଛି । ପ୍ରାଚୀନ କଳାକୁ ସମ୍ମାନ ଜଣାଇବା ସହିତ ବିଲୁପ୍ତ ପ୍ରାୟ କଳାକାରଙ୍କୁ ଉତ୍ସାହିତ କରିବା ଓ ଅନ୍ୟ ଜଣେ କଳାକାରଙ୍କୁ ପ୍ରୋତ୍ସାହିତ ଓ ସମ୍ମାନ ଜଣାଇବା ମା ଦୁର୍ଗା ନାଟ୍ୟ କଳା ପରିଷଦ ର କର୍ତବ୍ୟ ବୋଲି କୁହନ୍ତି ସମ୍ପାଦକ ଦୀନବନ୍ଧୁ ନାଥ । ଓଡ଼ିଶାର ଗଣ ପର୍ବ ରଜ କୁ ସମସ୍ତେ ଉପଭୋଗ କରିବା ସହିତ ଛୋଟ ଛୋଟ ପିଲାଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଖୁସି ବାଂଟିବା ଅନୁଷ୍ଠାନର ମୂଳ ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରୁଛନ୍ତି ମା ଦୁର୍ଗା ନାଟ୍ୟ କଳାପରିଷଦର ଯୁବ ନିର୍ଦ୍ଦେଶକ ବିଶ୍ୱଜିତ ଅଂଚଳ ଓ ଭଗତପୁର ଯାତ୍ରା କମିଟିର ସଭାପତି ବାବୁଲି ସାହୁ । ମା ଦୁର୍ଗା ନାଟ୍ୟ କଳା ପରିଷଦ ବିଗତ ଦିନରେ ବୃକ୍ଷ ରୋପଣ, ରକ୍ତଦାନ ଶିବିର, ହାଡ ଭଙ୍ଗା ଶୀତରେ ଅସହାୟଙ୍କୁ କମ୍ବଳ ବଂଟନ, ଅଗ୍ନିପିଡ଼ିତ ପରିବାରଙ୍କୁ ସହାୟତାର ହାତ ବଢେଇବା ସହିତ ବହୁତ ଉନ୍ନୟନ ମୂଳକ କାର୍ଯ୍ୟ କରି ଅଂଚଳ ବାସିଙ୍କ ପ୍ରଶଂସାର ପାତ୍ର ହୋଇପାରିଛନ୍ତି ।

ନିଟ୍ ପୁନଃ ପରୀକ୍ଷାର୍ଥୀଙ୍କ ପାଇଁ ରାୟଗଡ଼ ଜିଲ୍ଲାରେ ମାଗଣା ବସ୍ ସେବା ବ୍ୟବସ୍ଥା

ରାୟଗଡ଼, ୧୭/୦୬ (ଆ.ପ୍ର) : ଆସନ୍ତା ୨୧ ଜୁନ ୨୦୨୬ (ରବିବାର) ଦିନ ଅନୁଷ୍ଠିତ ହେବାକୁ ଥିବା ନିଟ୍ (ୟୁଜି) ପୁନଃ ପରୀକ୍ଷା ୨୦୨୬ରେ ଅଂଶଗ୍ରହଣ କରୁଥିବା ପରୀକ୍ଷାର୍ଥୀମାନଙ୍କ ସୁବିଧା ଦୃଷ୍ଟିରୁ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ନିର୍ଦ୍ଦେଶକ୍ରମେ ମାଗଣା ବସ୍ ସେବାର ବ୍ୟବସ୍ଥା କରାଯାଇଛି । ଜିଲ୍ଲାର ବିଭିନ୍ନ ଦୁର୍ଗମ ଅଂଚଳ, ବ୍ଲକ ଓ ଗ୍ରାମ ପଂଚାୟତରୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଅଂଶଗ୍ରହଣ କରିବେ ଏବଂ ସେମାନଙ୍କର ପରୀକ୍ଷା କେନ୍ଦ୍ର ରାୟଗଡ଼ ଜିଲ୍ଲା ମୁଖ୍ୟାଳୟ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ (କେ ଭି), ରାୟଗଡ଼ରେ ନିର୍ଦ୍ଧାରିତ ହୋଇଛି । ପ୍ରକାଶିତ ରୁଟ୍ ମ୍ୟାପ୍ ଅନୁଯାୟୀ ଗୁଣୁପୁର, ପଦ୍ମପୁର, କୋଲନରା, କାଶୀପୁର, ମୁନିଗୁଡ଼ା ଏବଂ ରାୟଗଡ଼ ଅଂଚଳରୁ ବସ୍ ଚଳାଚଳ କରିବ । ପରୀକ୍ଷାର୍ଥୀମାନେ ନିର୍ଦ୍ଧାରିତ ସମୟରେ ପରୀକ୍ଷା କେନ୍ଦ୍ରରେ ପହଂଚିବା ପାଇଁ ବସ୍‌ଗୁଡ଼ିକ ସକାଳୁ ଯାତ୍ରା ଆରମ୍ଭ କରିବେ । ପରୀକ୍ଷା ସମାପ୍ତିର ପ୍ରାୟ ୩୦ ମିନିଟ୍ ପରେ ପ୍ରତ୍ୟାବର୍ତ୍ତନ ବସ୍ ସେବା ମଧ୍ୟ ଉପଲବ୍ଧ ରହିବ । ନିର୍ଦ୍ଧାରିତ ସମୟସୂଚୀ ଅନୁଯାୟୀ ଗୁଣୁପୁର, ପଦ୍ମପୁର, କୋଲନରା, କାଶୀପୁର ଓ ମୁନିଗୁଡ଼ାରୁ ସକାଳ ୭ଟାରୁ ୮ଟା ମଧ୍ୟରେ ବସ୍ ଛାଡ଼ିବ ଏବଂ ପରୀକ୍ଷା କେନ୍ଦ୍ରରେ ସକାଳ ୧୦ଟାରୁ ୧୧.୩୦ଟା ମଧ୍ୟରେ ପହଂଚିବ । ରାୟଗଡ଼ା ସହର ଅଂଚଳରୁ ମଧ୍ୟ ରେଳ ଷ୍ଟେସନ୍ ମାର୍ଗରେ ସ୍ୱତନ୍ତ୍ର ବସ୍ ସେବାର ବ୍ୟବସ୍ଥା କରାଯାଇଛି । ପ୍ରକାଶିତ ରୁଟ୍ ମ୍ୟାପ୍ ଅନୁଯାୟୀ, ଗୁଣୁପୁରରୁ ରାମନାଗୁଡ଼ା ମାର୍ଗ ଦେଇ ସକାଳ ୭.୦୦ ଘଟିକାରେ ଏବଂ ଗୁମୁଡ଼ା ମାର୍ଗ ଦେଇ ସକାଳ ୮.୦୦ ଘଟିକାରେ ବସ୍ ଛାଡ଼ିବ, ଯାହା କ୍ରମଶଃ ସକାଳ ୧୦.୩୦ ଓ ୧୧.୩୦ ଘଟିକାରେ କେନ୍ଦ୍ରୀୟ ବିଦ୍ୟାଳୟ, ରାୟଗଡ଼ାରେ ପହଂଚିବ । ପଦ୍ମପୁରରୁ ଗୁମୁଡ଼ା ମାର୍ଗ ଦେଇ ସକାଳ ୭.୦୦ ଘଟିକାରେ ବସ୍ ଛାଡ଼ି ସକାଳ ୧୦.୩୦ ଘଟିକାରେ ପରୀକ୍ଷା କେନ୍ଦ୍ରରେ ପହଂଚିବ । ରାୟଗଡ଼ା ସହରରୁ ରେଳ ଷ୍ଟେସନ୍ ମାର୍ଗରେ ସକାଳ ୧୦.୦୦ ଘଟିକା ଓ ୧୧.୦୦ ଘଟିକାରେ ଦୁଇଟି ବସ୍ ଚଳାଚଳ କରିବ, ଯାହା କ୍ରମଶଃ ସକାଳ ୧୦.୩୦ ଓ ୧୧.୩୦ ଘଟିକାରେ ପରୀକ୍ଷା କେନ୍ଦ୍ରରେ ପହଂଚିବ । ସେହିପରି କୋଲନରାରୁ ଜେକେ ପୁର ଓ ରେଳ ଷ୍ଟେସନ୍ ମାର୍ଗ ଦେଇ ସକାଳ ୮.୦୦ ଘଟିକାରେ ବସ୍ ଛାଡ଼ି ସକାଳ ୧୦.୩୦ ଘଟିକାରେ ପହଂଚିବ । କାଶୀପୁରରୁ ଟିକିରି ମାର୍ଗ ଦେଇ ଏବଂ ମୁନିଗୁଡ଼ାରୁ ବିଷମକଟକ ମାର୍ଗ ଦେଇ ସକାଳ ୭.୦୦ ଘଟିକାରେ ବସ୍ ଛାଡ଼ିବ, ଯାହା ସକାଳ ୧୦.୦୦ ଘଟିକାରେ କେନ୍ଦ୍ରୀୟ ବିଦ୍ୟାଳୟ, ରାୟଗଡ଼ାରେ ପହଂଚିବ । ପରୀକ୍ଷା ସମାପ୍ତିର ୩୦ ମିନିଟ୍ ପରେ ସମସ୍ତ ବସ୍ ସମ୍ପୃକ୍ତ ଅଂଚଳକୁ ପ୍ରତ୍ୟାବର୍ତ୍ତନ କରିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନିଟ୍ (ୟୁଜି) ପୁନଃ ପରୀକ୍ଷାର୍ଥୀଙ୍କୁ ଏହି ମାଗଣା ବସ୍ ସେବାର ସୁଯୋଗ ଗ୍ରହଣ କରି ସୁରକ୍ଷିତ ଓ ନିର୍ବିଘ୍ନ ଭାବରେ ପରୀକ୍ଷା କେନ୍ଦ୍ରରେ ପହଂଚିବା ପାଇଁ ଅନୁରୋଧ କରାଯାଇଛି ।

ବିଗ୍ରହମାନଙ୍କ ସ୍ନାନ ପୂର୍ଣ୍ଣିମା ନୀତି ନେଇ ପ୍ରସ୍ତୁତି ବୈଠକ

ଖଣ୍ଡପଡ଼ା, ୧୭/୦୬ (ଆ.ପ୍ର) : ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଯାଉଥିବା ଶ୍ରୀଜୀଉଙ୍କ ଘୋଷଯାତ୍ରାର ଅବ୍ୟବହିତ ପୂର୍ବରୁ ବିଗ୍ରହମାନଙ୍କ ଦେବ ସ୍ନାନପୂର୍ଣ୍ଣିମା ନୀତି ନେଇ ଏକ ପ୍ରସ୍ତୁତି ବୈଠକ ଖଣ୍ଡପଡ଼ା ରାଜପ୍ରସାଦ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଖଣ୍ଡପଡ଼ା ରାଜ ପରିବାର ଦ୍ୱାରା ପରିଚାଳିତ ଶ୍ରୀ ଜଗନ୍ନାଥଜୀଙ୍କ ମନ୍ଦିରର ନୀତିକାନ୍ତି ଓ ଦେବସ୍ନାନ ନୀତି ନେଇ ମନ୍ଦିରର ସେବାୟତମାନଙ୍କ ଉପସ୍ଥିତିରେ ସବିଶେଷ ଆଲୋଚନା ହୋଇଥିଲା । ଖଣ୍ଡପଡା ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜଙ୍କ ଉପସ୍ଥିତିରେ ମନ୍ଦିରର ବରିଷ୍ଠ ପୂଜକ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ପୂଜକ ନାରାୟଣ ଦାଶ, ବିଜେ ସେବକଙ୍କ ସମେତ ଯୁବ ସ୍ୱେଚ୍ଛା ସେବୀମାନେ ବୈଠକରେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ । ମନ୍ଦିରରୁ ବିଗ୍ରହଙ୍କୁ ସ୍ନାନ ମଣ୍ଡପକୁ ପହଣ୍ଡି ବିଜେ କରିବା ଠାରୁ ଆରମ୍ଭ କରି ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି କିଭଳି ଶାନ୍ତି ଶୃଙ୍ଖଳାର ସହ ଶେଷ ହେବ ସେ ନେଇ ଆନୁସଙ୍ଗିକ ନିଷ୍ପତି ନିଆ ଯାଇଥିବା ଜଣାପଡିଛି ।

ଏସଆଇଆର କାର୍ଯ୍ୟ ତଦାରଖ କଲେ ଏଇଆରଓ ତଥା ତହସିଲଦାର

ଜି.ଉଦୟଗିରି, ୧୭/୦୬ (ଆ.ପ୍ର) : ଓଡ଼ିଶାରେ ଏସଆଇଆର କାମ ଜୋରଦାର ଚାଲିଥିବା ବେଳେ ଜି.ଉଦୟଗିରି ଏନଏସି ରେ ମଧ୍ୟ ଏସଆଇଆର ବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ଚାଲିଛି । ଏ ନେଇ ପ୍ରଶିକ୍ଷଣ ନେଇଥିବା ବିଏଲଓ ମାନେ ନିଜ ନିଜ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ବୁଧବାର ସ୍ଥାନୀୟ ତହସିଲଦାର ତଥା ଏଇଆରଓ ସମୁଦ୍ର ମିଶ୍ର, ଜିପିଡିଓ ଅନିଲ କୁମାର ପଟ୍ଟନାୟକ, ବିଏଲଓ ସୁପରଭାଇଜର ଶାନ୍ତନୁ କୁମାର ପ୍ରଧାନ ଓ ରଞ୍ଜିତ କୁମାର ପ୍ରଧାନ ଏସ୍?ଆଇଆର୍ କାମର ତଦାରଖ କରୁଛନ୍ତି । ବିଏଲଓ ମାନେ ଘରକୁ ଘର ଯାଇ ଭୋଟର ମାନଙ୍କୁ ଦୁଇଟି ପରିଗଣନା ଫର୍ମ ପ୍ରଦାନ କରି ପରିବାର ସଦସ୍ୟ ମାନଙ୍କ ସମ୍ପୂର୍ଣ ବିବରଣୀ ନେବେ । ଦେଶର ଯୋଗ୍ୟ ନାଗରିକ ମାନେ ଯେପରି ଭୋଟର ତାଲିକାରୁ ବାଦ ପଡ଼ିବେ ନାହିଁ ସେଥିପାଇଁ ବିଏଲଓ ମାନଙ୍କୁ ଏଇଆରଓ କହିଛନ୍ତି । ଏହି କ୍ରମରେ ସ୍ଥାନୀୟ ଏଇଆରଓଙ୍କ ତତ୍ୱାବଧାନରେ ବିଜ୍ଞାପିତ ଅଂଚଳ ପରିଷଦ ସୁପରଭାଇଜର ଶାନ୍ତନୁ କୁମାର ପ୍ରଧାନ, ରଞ୍ଜିତ କୁମାର ପାତ୍ରୀ,ଦୀପକ କୁମାର ସିଆ, ବିଏଲଓ ପବିତ୍ର ମୋହନ ଜେନା ଓ ଅନ୍ୟମାନେ ଏସଆଇଆର କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ଜୁନ ମାସ ୨୮ ତାରିଖ ସୁଦ୍ଧା ସମ୍ପୂର୍ଣ ଜି.ଉଦୟଗିରି ବ୍ଲକ ଓ ଏନଏସି ଅନ୍ତର୍ଗତ ୫୧ ନମ୍ବର ବୁଥ୍ ଠାରୁ ୯୧ ନମ୍ବର ବୁଥ୍ ସମୁଦାୟ ୪୦ ଟି ବୁଥ୍ ଅନ୍ତର୍ଗତ ସମସ୍ତ ଭୋଟର ମାନଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ସରିବ ବୋଲି ସୂଚନା ମିଳିଛି ।

ସିନାପାଲିରେ ଚଣ୍ଡିଚରଣ ବିଶି ଜୟନ୍ତୀ ପାଳିତ

ସିନାପାଲି, ୧୭/୦୬ (ଆ.ପ୍ର) : ଓଡ଼ିଶା-ଛତିଶଗଡ଼ ସୀମାଂଚଳରେ ରହି ସାରାଜୀବନ ସାହିତ୍ୟ ସାଧନା ମାଧ୍ୟମରେ ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶରେ ଅବଦାନ ରଖିଥିବା ପ୍ରଖ୍ୟାତ କବି ଚଣ୍ଡିଚରଣ ବିଶିଙ୍କ ଜନ୍ମଜୟନ୍ତୀ ବୁଧବାର ସିନାପାଲି ପିଏମଶ୍ରୀ ହାଇସ୍କୁଲ ପରିସରରେ ଗମ୍ଭୀର ଓ ସାହିତ୍ୟିକ ପରିବେଶ ମଧ୍ୟରେ ପାଳନ କରାଯାଇଛି । ସ୍ଥାନୀୟ ଗଙ୍ଗାଧର ସାରସ୍ୱତ ସମିତି ପକ୍ଷରୁ ଆୟୋଜିତ ଏହି ଜୟନ୍ତୀ ସଭାରେ ସମିତିର ସଭାପତି ବୈଷ୍ଣବ ମେହେର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ବିଇଓ ଯତୀନ୍ଦ୍ର କୁମାର ସେଠ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଚନ୍ଦ୍ରଭାନୁ କଶ୍ୟପ, କବିପୁତ୍ର ଉମାକାନ୍ତ ବିଶି, ପିଏମଶ୍ରୀ ହାଇସ୍କୁଲର ପ୍ରଧାନଶିକ୍ଷକ ମନୋରଞ୍ଜନ ମେହେର ଓ ସମିତିର ସମ୍ପାଦକ ତରୁଣ କୁମାର ମେହେର ମଂଚାସୀନ ଥିଲେ । ସଭା ଆରମ୍ଭରେ ଗୌତମ ମେହେର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । କବି ଚଣ୍ଡିଚରଣ ବିଶିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ କଣ୍ଠଶିଳ୍ପୀ ଚୂଡ଼ାମଣି ମେହେର ଓ ଦୀପକ ସା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ବରିଷ୍ଠ କବି ଚିନ୍ତାମଣି ସାହୁ, ସତ୍ୟବ୍ରତ ଗହୀର, ମୋହନ ଦାସ ଓ ଲୋଚନ ମେହେର "ସାହିତ୍ୟ ଓ ସିନାପାଲି" ପ୍ରସଙ୍ଗରେ ଆଲୋଚନା କରି କବି ଚଣ୍ଡିଚରଣ ବିଶିଙ୍କ ସାହିତ୍ୟିକ ଅବଦାନକୁ ସ୍ମରଣ କରିଥିଲେ । କବିତା ପାଠ ପର୍ବରେ ପ୍ରେମାନନ୍ଦ ମେହେର, ଭଞ୍ଜନ ମାଝୀ, ଗୌରୀ ମେହେର, ହରେକୃଷ୍ଣ ମେହେର, ବେଣୁଧର ମେହେର, ଶାଶ୍ୱତୀ ହୋତା, ଧବଳେଶ୍ୱର ମେହେର, ବିନିଷା ମେହେର ଓ ଯଶୋବନ୍ତ ସା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ବରିଷ୍ଠ କବି ବିଜୟ କୁମାର ଯୋଷୀ, ଶିବପ୍ରସାଦ ମେହେର, ପରେଶ ନାଥ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ସିଂହ ବିନ୍ଦା ଓ ଡିଗମ୍ବର ମେହେର କବିତାଗୁଡ଼ିକର ସମୀକ୍ଷା କରିଥିଲେ । ସମଗ୍ର କବିତା ପାଠ ଓ ଆଲୋଚନା କାର୍ଯ୍ୟକ୍ରମକୁ ବଂଶୀଧର ଜଗତ ସଂଯୋଜନା କରିଥିଲେ । ଏହି ଅବସରରେ ଉପସ୍ଥିତ ସମସ୍ତ ସାହିତ୍ୟ ସାଧକଙ୍କୁ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବାମଦେବ ଦାସ, ତ୍ରିନାଥ ମେହେର, କନକ ବର୍ଦ୍ଧନ ସାହୁ, ନରେନ୍ଦ୍ର ନାଏକ, ଗିରିଧାରୀ ମେହେର, ବୈକୁଣ୍ଠ ଡାଣ୍ଡି, ପରମେଶ୍ୱର ମେହେର, ଧୀରେନ୍ଦ୍ର ସା, ଭାସ୍କରାନ୍ଦ ମେହେର, ରୁଦ୍ର ମାଝୀ, ହୀରାଧର ମେହେର ଓ ବିକାଶ ବାଗଙ୍କ ସମେତ ବହୁ ସାହିତ୍ୟପ୍ରେମୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ ରଶ୍ମିରଞ୍ଜନ ସା ଧନ୍ୟବାଦ ଅର୍ପଣ କରିଥିଲେ ।

ସେଇଥିଉ ଆରମ୍ଭ
SEITHIO ARAMBHA

ନବନିର୍ମାଣ କୃଷକ ସଙ୍ଗଠନର କୃଷକ ଏକତା ସମ୍ମିଳନୀ ଅନୁଷ୍ଠିତ

ନୀଳଗିରି, ୧୭/୦୬ (ଆ.ପ୍ର) : ଗର୍ଜିଲେ ଚାଷୀ, ପ୍ରାଇସ, ପ୍ରେଷ୍ଟିଜ, ପେନସନ ପାଇଁ ସଂଗ୍ରାମ ଚାଲୁ ରହିବ ବୋଲି ଦେଲେ ଚେତାବନୀ । ଶେଷ ରଜ ତା ୧୬ରିଖ ମଙ୍ଗଳବାର, ଊପଦା ବ୍ଲକ, କଣ୍ଡଗରଡି ଗ୍ରାମ ପଂଚାୟତ ଅଧୀନ ମୁକୁନ୍ଦପୁର ରଥ ଦାଣ ରେ ଏକାଠି ହେଲେ ନବନିର୍ମାଣ କୃଷକ ସଂଗଠନର ଶତାଧିକ କାର୍ଯ୍ୟ କର୍ତା ଓ କର୍ମୀ । ଏହି ବିଶେଷ କୃଷକ ସମ୍ମିଳନୀ ସଭାରେ ଅଂଚଳର ସାଧାରଣ ଚାଷୀ ଶରତ ଚନ୍ଦ୍ର ଦାଶ ସଭାପତିତ୍ୱ କରି ଚାଷୀ ଭାଇ ମାନଙ୍କର ମୌଳିକ ସମସ୍ୟା ସମ୍ବନ୍ଧରେ ଆଲୋଚନା କରି ଥିଲେ । ସରକାରଙ୍କର ଏଥିପ୍ରତି ଉଦାସୀନତା ଯୋଗୁଁ କୃଷକ ଆତ୍ମହତ୍ୟା କରିବା ଭଳି ଘଟଣା ଦେଖିବାକୁ ମିଳୁଛି ବୋଲି ମତବ୍ୟକ୍ତ କରିଥିଲେ । ସୋର ଅଂଚଳରୁ ରଞ୍ଜିତ ଅଂଶ ଗ୍ରହଣ କରି ସରକାରଙ୍କର ସଉତୁଣୀ ମା ଭଳି ପାତର ଅନ୍ତର ନୀତି ପାଇଁ ସମାଲୋଚନା କରିଥିଲେ । ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରରୁ ରାଜ୍ୟ ନେତୃତ୍ୱ ଡକ୍ଟର କୁଳମଣି ଜଥା ପ୍ରସଙ୍ଗରେ କୃଷକ ମାନଙ୍କ ସହିତ ଆଧ୍ୟାତ୍ମ ଭାବର ଯୋଗାଯୋଗ ବିଷୟ ରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସଂଗଠକ ଅକ୍ଷୟ କୁମାର ଭାଷଣ ପ୍ରସଙ୍ଗ ରେ ନିଷ୍ପେସିତ ଚାଷୀ ଭାଇ ମାନଙ୍କ ଦୁଃଖ ଦୁର୍ଦ୍ଦଶା ର ଚିତ୍ର ବର୍ଣ୍ଣନା କରିଥିଲେ । ସମସ୍ତେ ଏକ ଯୋଟ ହୋଇ ସଂଘବଦ୍ଧ ଭାବରେ ପ୍ରତିବାଦ କରିବା ପାଇଁ ଆହ୍ୱାନ ଦେଇଥିଲେ । ସଭାରେ ବିଶିଷ୍ଟ ଚାଷୀ ମାନେ, ବୁଧିଆ, ପ୍ରଶାନ୍ତ, ଜଳଧର, ନିତ୍ୟାନନ୍ଦ ବାରିକ, ରାମଚନ୍ଦ୍ର ବାରିକ, ନରେନ୍ଦ୍ର ନାୟକ, କୃପାସିନ୍ଧୁ ବାରିକ, ରାଧାକୃଷ୍ଣ ବେହେରା, ଗଣେଶ ବେହେରା, ବୀରା ଧାଉଁରିଆ, ରାମଚନ୍ଦ୍ର ଧଉଁରିଆ, କେଳୁ ଚରଣ ମୁଦୁଲି, ଉମାକାନ୍ତ ବାରିକ, ଘନ ରାଉତ, ରବି ପାତ୍ର ଏବଂ ନୀଳଗିରିର ଆଖ ପାଖ ଅଂଚଳର ଶତାଧିକ ମହିଳା ପୁରୁଷ ମାନେ ଯୋଗ ଦେଇ ଥିଲେ ।

ସାତ ଯୁଆଡ଼ିଙ୍କୁ ଗିରଫ କରିବା ସହ ଟଙ୍କା, ମୋବାଇଲ ଫୋନ ଓ ତାସ ଜବତ

ଟାଙ୍ଗୀ ଚୌଦ୍ୱାର, ୧୭/୦୬ (ଆ.ପ୍ର) : ଚୌଦ୍ୱାର ଥାନା ଅନ୍ତର୍ଗତ ବଡ଼ପଦାଗାଁ ରେ ମଙ୍ଗଳବାର ଚାଲିଥିବା ଜୁଆ ଆଡା ଉପରେ ଚୌଦ୍ୱାର ପୋଲିସ ଚଢ଼ାଉ କରି ସାତ ଜଣ ଯୁଆଡ଼ିଙ୍କୁ ଗିରଫ କରିବା ସହିତ ନଗଦ ୨୨, ୨୩୦ଟଙ୍କା, ଦୁଇଟି ମୋବାଇଲ ଫୋନ ଓ ତାସ ପତା ଜବତ କରିଛି, ଆସାମୀ ମାନଙ୍କ ନାମ ବିଘ୍ନାନୀ ପାଟଣାର ସୁକାନ୍ତ ଜେନା, କାହ୍ନୁ ବେହେରା, କାଳନ୍ଦୀ ରାଉତ, ନାରାୟଣ ପ୍ରଧାନ, ଗୋଲକ ବସ୍ତିଆ, ପ୍ରମୋଦ ରାଉତ ଓ ଦିବାକର ମହାନ୍ତି ।

କାଳବୈଶାଖୀ ପ୍ରଭାବରେ ବାସଗୃହ କ୍ଷତିଗ୍ରସ୍ତ, ସହାୟତା ଦାବି

ଖଣ୍ଡପଡ଼ା, ୧୭/୦୬ (ଆ.ପ୍ର) : କାଳବୈଶାଖୀ ପ୍ରଭାବରେ ଖଣ୍ଡପଡ଼ା ବ୍ଲକର ଗୁଣ୍ଠୁଣି ପଂଚାୟତ ଅଧୀନ ଅଁଳାମଡା ଗ୍ରାମର ଅମରେନ୍ଦ୍ର ଛୁଆଳ ସିଂ ଙ୍କର ଆଜବେଷ୍ଟସ ଛପର ବାସଗୃହଟି ସଂପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ହଠାତ ପବନ ଓ ବର୍ଷା ହୋଇଥିଲା । ପବନ ପ୍ରଭାବରେ ବାସଗୃହର ଆଜବେଷ୍ଟସ ଛପର ଗୁଡିକ ଉଡି ଏଣେତେଣେ ଖଣ୍ଡ ଖଣ୍ଡ ହୋଇ ପଡିଥିଲା । ସେହିପରି ଆଖପାଖ ଅଂଚଳରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି । କ୍ଷତିଗ୍ରସ୍ତ ପରିବାର ଗୁଡ଼ିକୁ ଚିହ୍ନଟ କରି ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ରାଶି ପ୍ରଦାନ ନିମନ୍ତେ ଖଣ୍ଡପଡ଼ା ତହସିଲଦାର ଦୃଷ୍ଟି ଦେବାକୁ ଦାବି ହେଉଛି । ବାସଗୃହ ଶୂନ୍ୟ ପରିବାର ଗୁଡ଼ିକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବା ନିମନ୍ତେ ପଂଚାୟତ କର୍ତ୍ତୃପକ୍ଷ, ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

ଶୀତଳ ଷଷ୍ଠୀ ମହୋତ୍ସବ ପାଇଁ ଚଳନାରେ କଳସ ଯାତ୍ରା, ଶିବ ବିବାହ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି

ସିନାପାଲି, ୧୭/୦୬ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଚଳନା ଗ୍ରାମସ୍ଥିତ ବାବା ବର୍ଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୨୩ତମ ଶିବ ବିବାହ ମହୋତ୍ସବ ଉପଲକ୍ଷେ ବୁଧବାର କଳସ ଯାତ୍ରା କାର୍ଯ୍ୟକ୍ରମ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ମହୋତ୍ସବରେ ବରପକ୍ଷ ଭାବେ ଭବାନୀପାଟଣା ନିବାସୀ ଦେବର୍ଦ୍ଧନ ନିଆଲ ଓ ତାଙ୍କ ଧର୍ମପତ୍ନୀ ସୁରେଖା ନିଆଲ ଏବଂ କନ୍ୟାପକ୍ଷ ଭାବେ ଚାରପାଲି ନିବାସୀ ଜୟାନନ୍ଦ କର୍ତା ଓ ତାଙ୍କ ଧର୍ମପତ୍ନୀ ପୁଷ୍ପାଞ୍ଜଳି କର୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି । ପୂଜକ ଈଶ୍ୱର ପଣ୍ଡା, ଅରୂପ ନନ୍ଦ ଠାକୁର ଏବଂ କେଶର ଦେବଗୁରୁ ବିଧିବତ୍ ପୂଜାର୍ଚ୍ଚନା ଓ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ । ଆସନ୍ତା ୧୮ ଜୁନ୍ ଗୁରୁବାର ଶିବ ବିବାହ ମହୋତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ, ତାହାର ପୂର୍ବ ପ୍ରସ୍ତୁତି ସ୍ୱରୂପ କଳସ ଯାତ୍ରା ଆୟୋଜିତ ହୋଇଥିଲା । ଏହି ଅବସରରେ ମହୋତ୍ସବର ସଫଳ ଆୟୋଜନ ନେଇ ବିଭିନ୍ନ ଆଲୋଚନା ହୋଇଥିଲା । ଉପସ୍ଥିତ ସଦସ୍ୟମାନେ ମହୋତ୍ସବକୁ ଆକର୍ଷଣୀୟ ଓ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ନିଜ ମତାମତ ଓ ପରାମର୍ଶ ରଖିଥିଲେ । ଶିବ ବିବାହ ମହୋତ୍ସବ ଆୟୋଜକ କମିଟିର ସଭାପତି କିଶୋର କୁମାର ନାଏକ, ଉପସଭାପତି ଅର୍ଜୁନ ନାଏକ, ସମ୍ପାଦକ ତ୍ରିନାଥ ଛତ୍ରିଆ, ସହ-ସମ୍ପାଦକ ମୁରଲୀଧର ନାଏକ ଏବଂ କୋଷାଧ୍ୟକ୍ଷ ଟିକେରାମ ନାଏକଙ୍କ ସମେତ କମିଟିର ଅନ୍ୟାନ୍ୟ ସଦସ୍ୟ ଓ ଚଳନା-ଘଂଟିଗୁଡ଼ ଗ୍ରାମର ବହୁ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ପ୍ରତିବର୍ଷ ଏହି ମହୋତ୍ସବରେ ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର ସହ ଛତିଶଗଡ଼ର ବିଭିନ୍ନ ଅଂଚଳରୁ ଭକ୍ତମାନଙ୍କ ସମାଗମ ହୋଇଥାଏ । ମହୋତ୍ସବର ସଫଳ ଆୟୋଜନ ପାଇଁ ଅଂଚଳର ଯୁବକ, ସମାଜସେବୀ ଏବଂ ଗ୍ରାମବାସୀମାନେ ସହଯୋଗର ଆହ୍ୱାନ କରିଥିଲେ ।

ପାହାଡପୁର ଠାରେ ବେଆଇନ ନାଲି ଇଟାଭାଟି ଉପରେ ପ୍ରଶାସନର ବୁଲଡୋଜର ଚଢାଉ

ଧାମନଗର, ୧୭/୦୬ (ଆ.ପ୍ର) :ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଦିବା ୧୧ ଘଟିକା ଅତିରିକ୍ତ ତହସିଲଦାର ପଲ୍ଲୀ ଭାରତ ମହାଳିକ,ରାଜସ୍ୱ ପରିଦର୍ଶକ ଗିରୀଶ ଚନ୍ଦ୍ର ନାୟକ,ଆର ଆଇ ବୁଲବୁଲି ସିଂ ପ୍ରମୁଖ ଉପସ୍ଥିତ ରହି ବୁଲଡୋଜର ଲଗାଇ ଇଟାଭାଟାକୁ ଭାଙ୍ଗି ଦିଆଯାଇଛି ।ଧାମନଗର ତହସିଲ ଅନ୍ତର୍ଗତ ଦେହୁରିଆନନ୍ଦପୁର ପଂଚାୟତର ପାହାଡ଼ପୁର ଗ୍ରାମରେ ବେଆଇନ ଭାବେ ପରିଚାଳିତ ହେଉଥିବା ୩ଟି ନାଲି ଇଟା ଭାଟିକୁ ଉଚ୍ଛେଦ କରାଯାଇଛି । ପରିବେଶ ପ୍ରଦୂଷଣ ଏବଂ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେଉଥିବା ଅଭିଯୋଗ ଆଧାରରେ ଏହି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଗ୍ରାମର ସୁଧାଂଶୁ ଶେଖର ଦାଶ, ଜ୍ୟୋତିରଞ୍ଜନ ପୋଥାଳ ଏବଂ ରଞ୍ଜନ ପୃଷ୍ଟିଙ୍କ ଦ୍ୱାରା ଉକ୍ତ ଇଟା ଭାଟି ଗୁଡ଼ିକ ପରିଚାଳନା କରାଯାଉଥିଲା । ଏନେଇ ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ପୂର୍ବରୁ ନୋଟିସ ଜାରି କରାଯାଇଥିଲା । ତେବେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଭାଟି ହଟାଯାଇ ନଥିବାରୁ ବୁଧବାର ବୁଲଡୋଜର ସହାୟତାରେ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା ।ଧାମନଗରର ଅତିରିକ୍ତ ତହସିଲଦାର ପଲ୍ଲୀ ଭାରତୀ ମହାଳିକ, କନିଷ୍ଠ ଖଣି ଅଧିକାରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀ, ସୁପରଭାଇଜର ଗିରିଶ ଚନ୍ଦ୍ର ନାୟକ, ରାଜସ୍ୱ ନିରୀକ୍ଷକ ବୁଲବୁଲ ସିଂ ଏବଂ ପୋଲିସ ବାହିନୀଙ୍କ ଉପସ୍ଥିତିରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଏହି ଉଚ୍ଛେଦ ଅଭିଯାନ ସମ୍ପନ୍ନ ହୋଇଥିଲା ।ପ୍ରଶାସନ ସୂତ୍ରରୁ ପ୍ରକାଶ ଯେ, ବେଆଇନ ଖଣିଜ କାରବାର ଓ ପରିବେଶ ପ୍ରଦୂଷଣକାରୀ କାର୍ଯ୍ୟକଳାପ ବିରୋଧରେ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉ ଏବଂ ଉଚ୍ଛେଦ ଅଭିଯାନ ଜାରି ରହିବ । ଏହି କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଅଂଚଳରେ ସ୍ୱାଗତ କରାଯାଉଥିବା ବେଳେ ପରିବେଶ ସୁରକ୍ଷା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ ପ୍ରକାଶ ପାଉଛି ।

ପ୍ରତ୍ନତତ୍ୱ ବିଭାଗର କାର୍ଯ୍ୟରେ ଚରମ ଅବେହେଳା

ନିମାପଡା, ୧୭/୦୬ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ତୁଳସୀପୁର ଗ୍ରାମପଂଚାୟତ ଅଧୀନ ଭାଣପୁର ଓ ସାନହୁଲି ଗ୍ରାମର ପ୍ରାରମ୍ଭରେ ପୁଣ୍ୟତୋୟା ପ୍ରାଚୀ ନଦୀ ଅବବାହିକାରେ ବହୁ ପ୍ରାଚୀନ ପୁରାତନ କୀର୍ତ୍ତି ପୀଠ ସଭାମଣ୍ଡପଟି ଅବସ୍ଥିତ ଅଟେ । କିମ୍ବଦନ୍ତୀ କହେ ବହୁ ପ୍ରାଚୀନ ଯୁଗରେ ରାଜା ମହାରାଜା ମାନେ ପ୍ରଭୁ ହରିହର ଭେଟ ମହୋତ୍ସବ ପରେ ଉକ୍ତ ମଣ୍ଡପରେ ଆସୀନ ହୋଇ ସଭା କରୁଥିବାରୁ ଏହି ମଣ୍ଡପ ସଭାମଣ୍ଡପ ନାମରେ ନାମିତ କରିଥିଲେ । ଏହା କାଳକ୍ରମେ ଏହି ମଣ୍ଡପଟି ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଯାଇଥିବାରୁ କିଛି ବର୍ଷ ପୂର୍ବେ ପ୍ରତ୍ନତତ୍ୱ ବିଭାଗ ଏହାକୁ ନିଜ ଅଧୀନକୁ ନେଇ କିଛି ମରାମତି କାର୍ଯ୍ୟ ସମ୍ପାଦନା କରିଥିଲା । ପୁଣି ଏହି ବିଭାଗର ରକ୍ଷଣାବେକ୍ଷଣ ଅଭାବରୁ ଏହା ପୁଣି ଜରାଜୀର୍ଣ୍ଣ ଅବସ୍ଥାକୁ ଯିବାକୁ ବସିଲାଣି । ଦୀର୍ଘ ପ୍ରାୟ ଏକ ମାସ ତଳେ ପ୍ରତ୍ନତତ୍ୱ ବିଭାଗ ସର୍ବସାଧାରଣ ମଧ୍ୟରେ ପ୍ରଚାର ପ୍ରସାର ନିମନ୍ତେ ବିଭାଗ ଦ୍ୱାରା ଏକ ନାମଫଳକ ମଣ୍ଡପ ପରିସରରେ ଲଗାଯାଇଥିଲା । ଉକ୍ତ ଫଳକକୁ ଏମିତି ନିମ୍ନ ମାନର କାର୍ଯ୍ୟ କରାଯାଇଥିଲା ଏହା ପନ୍ଦର ଦିନ ଭିତରେ ସାମାନ୍ୟ ବର୍ଷା ପବନରେ ଉକ୍ତ ଫଳକ ବି ଉପୁଡି ପଡିଯାଇଥିଲା । ଏଥିରୁ ଅନୁମାନ କରାଯାଏ କି ଏହି ବିଭାଗ ଭବିଷ୍ୟତରେ ଉକ୍ତ ପ୍ରାଚୀନ କୀର୍ତ୍ତିରାଜୀ ସଭାମଣ୍ଡପର ସୁରକ୍ଷା ଦେଇପାରିବ ବା ଏହାର କାର୍ଯ୍ୟ କେତେଦୂର ଦୀର୍ଘସ୍ଥାୟୀ ହେବ ତାହା ସମୟ କହିବ । ଫଳକର ଏହି ଅବସ୍ଥା ଦେଖି ଜନସାଧାରଣ ଭିତରେ ଅସନ୍ତୋଷ ଦେଖାଯାଉଅଛି । ବର୍ତ୍ତମାନ ସରକାର ବିଭିନ୍ନ ମଠ ମନ୍ଦିର ଓ ପ୍ରାଚୀନ କୀର୍ତିରାଜୀ ର ପୁନଃଉଦ୍ଧାର ନିମନ୍ତେ ପ୍ରୟାସ କରୁଅଛନ୍ତି । କିନ୍ତୁ ପ୍ରାଚୀନ ସଭାମଣ୍ଡପ ପରିସରରେ ରହିବଟ ମଠ ଓ ଶ୍ରୀ ବିଷ୍ଣୁ ମନ୍ଦିରଟି ଜରାଜୀର୍ଣ୍ଣ ଅବସ୍ଥାରେ ଲୁକାୟିତ ଭାବେ ଥାଇ ସରକାରଙ୍କ ଦୃଷ୍ଟିଗୋଚର ହେଉନାହିଁ । ଏଣୁ ତୁରନ୍ତ ଉକ୍ତ ପିଠଟିକୁ ପୁନଃଉଦ୍ଧାର କରିବା ନିମନ୍ତେ ଉକ୍ତ ଅଂଚଳ ର ବୁଦ୍ଧିଜୀବୀ ତଥା ଜନସାଧାରଣ ମାନେ ଦାବି କରିଛନ୍ତି ।

ସାମ୍ବାଦିକ ଓ ସାମାଜିକ ଗଣ ମାଧ୍ୟମ ପ୍ରବାହକ ସମ୍ମିଳନୀ ଅନୁଷ୍ଠିତ

ଖୋର୍ଦ୍ଧା, ୧୭/୦୬ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଶାର ମାନ୍ୟବର ସମବାୟ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ତଥା ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦୀପ ବଳ ସାମନ୍ତ 'ବିକାଶର ଧାରା,ଓଡ଼ିଶା ସାରା' ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତି ଉପଲକ୍ଷେ ସରକାରୀ ଜନସଂପର୍କ ଏବଂ ନାଗରିକ ସହଭାଗିତା ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଦୁଇବର୍ଷରେ ସଫଳତା, ଖୋର୍ଦ୍ଧା ଜିଲ୍ଲାରେ ବିଭିନ୍ନ ବିକାଶ ମୁଖୀ କାର୍ଯ୍ୟକ୍ରମ ଓ ଅଗ୍ରଣୀ ଯୋଜନା ସମ୍ବନ୍ଧରେ ଆଲୋଚନା କରି ସାମ୍ବାଦିକ ମାନେ ସରକାରଙ୍କ ଦୁଇ ବର୍ଷର ସଫଳତା ହିତାଧିକାରୀ ଯୋଜନାର ପ୍ରଚାର ପ୍ରସାର ଦିଗରେ କଲମ ଚାଳନା କରି ଜନ ଭାଗିଦାରୀ କାର୍ଯ୍ୟକ୍ରମରେ ପ୍ରକୃତ ହିତାଧିକାରୀ ଯେପରି ଅଧିକରୁ ଅଧିକ ଫାଇଦା ପାଇ ପାରିବେ ସେ ସମ୍ବନ୍ଧରେ ଗଣମାଧ୍ୟମକୁ ସମ୍ବୋଧନ କରିଛନ୍ତି । ସୁଭଦ୍ରା ଯୋଜନା, ଲକ୍ଷ ପତି ଦିଦି, ମୁଖ୍ୟ ମନ୍ତ୍ରୀ କନ୍ୟା ବିବାହ ଯୋଜନା, ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା, ସାମାଜିକ ଭତା ଯୋଜନା, ମଧୁବାବୁ ପେନସନ ଯୋଜନା, ଜାତୀୟ ସାମାଜିକ ସହାୟତା ଯୋଜନା, ବର୍ଦ୍ଧିତ ଭତା, ଜାତୀୟ ପରିବାର ସହାୟତା ଯୋଜନା, ବିବାହ ପ୍ରୋତ୍ସାହନ ରାଶି,ଇ ରିକ୍ସା, ସ୍କୁଟି, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା,ସୁ ମଙ୍ଗଳ ଯୋଜନା, ବିକଶିତ ଗାଁ, ବିକଶିତ ଓଡ଼ିଶା,ପ୍ରଧାନ ମନ୍ତ୍ରୀ ଆବାସ, ଅନ୍ତୋଦ୍ୟ ଗୃହ ଯୋଜନା, ମୁଖ୍ୟ ମନ୍ତ୍ରୀ କାମଧେନୁ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନ ପୂର୍ଣ୍ଣା ଯୋଜନା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଓ ପି ଏମ ଶ୍ରୀ ସ୍କୁଲ ଆଦି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରାଜ୍ୟରେ ଓ ଖୋର୍ଦ୍ଧା ଜିଲ୍ଲାରେ ଦ୍ୱିତୀୟ ବର୍ଷରେ ଉଲ୍ଲେଖନୀୟ ସଫଳତା ଉପରେ ସମସ୍ତ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଥିଲେ । ସେହି ପରି ଗଣ ମାଧ୍ୟମ ପ୍ରତିନିଧି ମାନଙ୍କ ବିଭିନ୍ନ ଗଠନ ମୂଳକ ପ୍ରଶ୍ନର ଉତର ଦେଇ ଖୋର୍ଦ୍ଧା ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି କଳ୍ପେ ଦ୍ରୁତ ଗତିରେ ବିକାଶ ଧାରାକୁ ଆଗେଇ ନେବାକୁ ଏବଂ ବିକଶିତ ଓଡ଼ିଶା ଅ୨୦୨୩୬ ଓ ବିକଶିତ ଭାରତ ଅ୨୦୪୭ ଗଠନ ଦିଗରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ । ସେହିପରି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ମାନ୍ୟବର ବିଧାୟକ, ଖୋର୍ଦ୍ଧା ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଜିଲ୍ଲାର ବିଭିନ୍ନ ଅଗ୍ରଣୀ ଯୋଜନା କାର୍ଯ୍ୟ କାରିତା ଉପରେ ଗଣ ମାଧ୍ୟମକୁ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସ୍ୱାଗତ ଭାଷଣ ଓ ଧନ୍ୟବାଦ ପ୍ରଦାନ କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ଭାଜପା ଜିଲ୍ଲା ସଭାପତି ବିଶ୍ୱ ରଞ୍ଜନ ବଡ଼ଜେନା, ଭାଜପା କର୍ମକର୍ତା ନିକୁଞ୍ଜ ପଟ୍ଟନାୟକ, ଦିଲ୍ଲୀପ ହୋତାଙ୍କ ସମେତ ତ୍ରିସ୍ତରୀୟ ପଂଚାୟତିରାଜ ଜନ ପ୍ରତିନିଧି, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ମାନେ ଯୋଗ ଦେଇଥିଲେ ।

'ଆକାଂକ୍ଷା' ମହିଳା ସଂଗଠନ ପକ୍ଷରୁ ରଜ ଉତ୍ସବ ମହାଆଡମ୍ବରରେ ପାଳିତ

ପାରଳାଖେମୁଣ୍ଡି, ୧୭/୦୬ (ଆ.ପ୍ର) : ଗଜପତି ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ 'ଆକାଂକ୍ଷା' ମହିଳା ସଂଗଠନ ପକ୍ଷରୁ ଅନୁଷ୍ଠାନର ସଭାପତି ଶ୍ରୀମତୀ ଆଶାଲତା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମହାରାଜାଙ୍କ ଉଚ୍ଚ ବାଳକ ବିଦ୍ୟାଳୟର ସଭାଗୃହରେ ମହାଆଡମ୍ବରରେ ରଜ ଉତ୍ସବ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଧାକାନ୍ତ ଭୂୟାଁ, ସମ୍ମାନିତ ଅତିଥି ଭାବେ ରାୟଗଡ଼ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଶ୍ରୀମତୀ ବି କୋମଳାଙ୍ଗୀ, ମୁଖ୍ୟ ବକ୍ତା ଭାବେ ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପିକା ଡ଼ଃ କଲ୍ୟାଣୀ ମିଶ୍ର ଓ ଅନୁଷ୍ଠାନର ସମ୍ପାଦିକା ଡ଼ଃ ମିନା କୁମାରୀ ଟହଲ ପ୍ରମୁଖ ଯୋଗ ଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ଅତିଥି ମାନେ ରଜ ଉତ୍ସବ ପାଳନ ବିଷୟରେ ନିଜ ନିଜର ମତାମତ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସବିତା ପାଣିଗ୍ରାହୀ ଅତିଥି ଆବାହନ କରିଥିବା ବେଳେ ପ୍ରେମାଞ୍ଜଳି ପଣ୍ଡା ଦୀପ ମନ୍ତ୍ର ପାଠ କରିଥିଲେ । ପ୍ରାରମ୍ଭରେ ଜ୍ୟୋତିର୍ମୟୀ ପଣ୍ଡା ଏକ ଶ୍ରୁତି ମଧୁର ଜଗନ୍ନାଥ ଭଜନ ପରିବେଷଣ କରିଥିଲେ । ଇତିଶ୍ରୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦିକା ଡ଼ଃ ମିନା କୁମାରୀ ଟହଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଗଜପତି ଜିଲ୍ଲାର ଜଣାଶୁଣା କଣ୍ଠଶିଳ୍ପୀ ଷ୍ଟିଫେନ ରଉତଙ୍କ ବିୟୋଗରେ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ଆକାଂକ୍ଷା ମହିଳା ସଂଗଠନର ବାର୍ଷିକ ପତ୍ରିକା ' ଆକାଂକ୍ଷା' ଉନ୍ମୋଚନ ଅବସରରେ ବିଶିଷ୍ଟ ଅତିଥି ଭାବେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର , ଅଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିସିଡିର ସମ୍ପାଦକ ଆଡାଲା ଜଗନ୍ନାଥ ରାଜୁ ପ୍ରମୁଖ ଯୋଗ ଦେଇଥିଲେ । ପାରଳାଖେମୁଣ୍ଡିର ଦୁଇ ଜଣ ସମ୍ମାନନୀୟ ବ୍ୟକ୍ତି ତଥା ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଡ଼ଃ ନରସିଂହ ଗୌଡ ଏବଂ ମହିଳା ଓ ସମନ୍ୱିତ ଶିଶୁ ବିଭାଗରେ କାର୍ଯ୍ୟରତ ମହିଳା ସୁରକ୍ଷା ଅଧିକାରୀ ସରଳା ପାତ୍ରଙ୍କୁ ସମାଜ ସେବା ଦିଗରେ ସେମାନଙ୍କର ବିଶେଷ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସ୍ନିଗ୍ଧା ମିଶ୍ର ଓ ସୁଜାତା ନନ୍ଦ ପ୍ରଶସ୍ତି ପତ୍ର ପାଠ କରିଥିଲେ । ପରେ ପରେ ଆଧ୍ୟାତ୍ମିକ ଓ ସାଧାରଣ ଜ୍ଞାନ ଉପରେ ଏକ ପ୍ରଶ୍ନୋତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ କୁମାର ପଣ୍ଡା ଓ ଶିକ୍ଷୟିତ୍ରୀ ବବିତା ପୁରୋହିତ ପରିଚାଳନା କରିଥିଲେ । ପ୍ରଶ୍ନୋତର କାର୍ଯ୍ୟକ୍ରମରେ ସଫଳତାର ସହ ଉତର ପ୍ରଦାନ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ସଂଗୀତା ପାତ୍ର ସମସ୍ତ ଅତିଥି ବୃନ୍ଦ, ଉପସ୍ଥିତ ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ରାଜେନ୍ଦ୍ର କୁମାର ରଥ ପରିଚାଳନା ଓ ସଂଯୋଜନା କରିଥିଲେ । ସମସ୍ତ ଅତିଥି ଓ ଉପସ୍ଥିତ ଜନସାଧାରଣଙ୍କୁ ଆକାଂକ୍ଷା ପତ୍ରିକା ଓ ରଜ ଉପଲକ୍ଷେ ବିଭିନ୍ନ ମିଷ୍ଟାନ୍ନ ଓ ପିଠା ବଂଟନରେ ଅନୁଶ୍ରୀ ପଟ୍ଟନାୟକ ଓ ଅଧ୍ୟାପିକା ଅଞ୍ଜନା ପଟ୍ଟନାୟକ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ଓ ବାଳିକାମାନେ ରଜ ଦୋଳିର ମଜା ଉଠାଇଥିଲେ ।

ବାଲୁଗାଁ ଥାନା ପକ୍ଷରୁ ଜୁଆଖେଳ ଉପରେ ଚଢାଉ

ଚିଲିକା/ବାଣପୁର, ୧୭/୦୬ (ଆ.ପ୍ର) : ଓଡ଼ିଶାର ଗଣପର୍ବ ରଜପର୍ବ ଅବସରରେ ଅବସର ବିନୋଦନପାଇଁ ଗାଁ ଗହଳିରେ ତାସ ଖେଳର ଆସର ଜମିଯାଇଥାଏ ।କିନ୍ତୁ ଏହାର ସୁଯୋଗ ନେଇ କିଛି ବ୍ୟକ୍ତି ଏହାକୁ ଜୁଆଖେଳରେ ପରିଣତ କରି ଟଙ୍କାର ବାଜି ପକାନ୍ତି । ଏହାକୁ ପ୍ରତିହତ କରିବାକୁ ଯାଇ ଏସ୍‌ପି ପରମାର ସ୍ମିତ ପୁରୁଷୋତମଦାସ, ଆଇପିଏସ୍, ଖୋର୍ଦ୍ଧା, ସଞ୍ଜୟ କୁମାର ପଟ୍ଟନାୟକ, ଓପିଏସ୍, ଏସଡିପିଓ, ବାଲୁଗାଁଙ୍କ ନିର୍ଦ୍ଦେଶ ଅନୁଯାୟୀ ଏବଂ ଇନ୍ସପେକ୍ଟର ଶ୍ରଦ୍ଧା ନାୟକ, ଆଇଆଇସି, ବାଲୁଗାଁ ପିଏସ୍‌ଙ୍କ ନେତୃତ୍ୱରେ ଏଏସଆଇ ଏସ.କେ. ପଟ୍ଟନାୟକ, ହାବିଲଦାର ରାମଦାସ ମାଝୀ, ଆର.ମୋହନ ରେଡ୍ଡି, ସୁନୀଲ କୁମାର ପ୍ରଧାନଙ୍କ ସହିତ ବାଲୁଗାଁ ଡ୍ରାଇଭର ରାବୁଦ୍ଦିନ ଖାନ ବାଲୁଗାଁ ନିକଟସ୍ଥ ଗବପଦର ଗ୍ରାମରେ ଶିବ ମନ୍ଦିର ପରିସରରେ ଏକ ଜୁଆ ଖେଳ ଆଡ୍ଡା ଉପରେ ଚଢ଼ାଉ କରି ଛଅ ଜଣ ବ୍ୟକ୍ତି ତାସ ଖେଳୁଥିବା ଅବସ୍ଥାରେ ଏବଂ ଟଙ୍କା ବାଜି ଲଗାଇ ଖେଳୁଥିବା ବେଳେ ସେମାନେ ୦୪ ଜଣଙ୍କୁ ଧରିପାରିଲେ । ଅନ୍ୟମାନେ ପୋଲିସଙ୍କୁ ଦେଖି ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ । ଏଏସଆଇ ଏସକେ ପଟ୍ଟନାୟକ ସେମାନଙ୍କ ପରିଚୟ ପଚାରିବାରୁ ସେମାନେ ସେମାନଙ୍କର ନାମ ସନ୍ତୋଷ ରାୟଗୁରୁ (୪୭), ସ୍ୱର୍ଗତ ମାଧବ ରାୟଗୁରୁଙ୍କ ପୁଅ, ୨. ଶ୍ରୀପତି ମହାପାତ୍ର (୩୯), ସ୍ୱର୍ଗତ କୈଳାସ ମହାପାତ୍ରଙ୍କ ପୁଅ, ୩. ଅକ୍ଷୟ ମହାପାତ୍ର (୪୫), ସ୍ୱର୍ଗତ ହରି ମହାପାତ୍ରଙ୍କ ପୁଅ ଏବଂ ୪. ସନ୍ତୋଷ ପଣ୍ଡା (୨୭), ଅନିରୁଦ୍ଧ ପଣ୍ଡାଙ୍କ ପୁଅ ସମସ୍ତେ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁର ଇଞ୍ଜନପୁର ଗ୍ରାମର ବୋଲି ପ୍ରକାଶ କରିଥିଲେ ଏବଂ ସେଠାରେ କିଛି ତାସ ଏବଂ ୯୦୬୨/- ଟଙ୍କା ପଡ଼ିଥିବାର ଦେଖିଲେ ଓ ଜବତ କଲେ । ପଚରାଯିବାରୁ ସେମାନେ ସ୍ୱୀକାର କରିଛନ୍ତି ଯେ ସେମାନେ ଟଙ୍କା ବାଜି ଲଗାଇ ଖେଳୁଥିଲେ । ଜବତ ସାମଗ୍ରୀ ଏବଂ ଅଭିଯୁକ୍ତମାନଙ୍କ ସହିତ ପୋଲିସ ଥାନାକୁ ଫେରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଇ ଆଇ ସିଙ୍କ ନିକଟରେ ରିପୋର୍ଟ କରିଥିଲେ । ୟୁ/ଏସ୍-୦୩ ଓପିଜି ଆକ୍ଟ ଅନୁଯାୟୀ ବାଲୁଗାଁ ପିଏସ୍ କେଶ୍ ନଂ. ୨୭୧/ ୧୭.୦୬.୨୦୨୬ ରେ ମାମଲା ରୁଜୁ କରାଯାଇଥିବା ବାଲୁଗାଁ ପୋଲିସ୍ ପକ୍ଷରୁ ପ୍ରକାଶ । ସେହିଭଳି ଇଞ୍ଜନପୁର ଗ୍ରାମ କୋଠଘର ଠାରେ ଜୁଆ ଖେଳର ଖବର ପାଇ ଯେତେବେଳେ ସେମାନେ ଘଟଣାସ୍ଥଳ ନିକଟରେ ପହଂଚିଲେ, ସେତେବେଳେ ପ୍ରାୟ ୦୮ ଜଣ ବ୍ୟକ୍ତି ତାସ୍ ଖେଳୁଥିଲେ ଏବଂ ଟଙ୍କା ବାଜି ଲଗାଇ ଖେଳୁଥିଲେ । ସେମାନେ ତୁରନ୍ତ ଘଟଣାସ୍ଥଳରେ ଚଢାଉ କରିଥିଲେ, କିନ୍ତୁ ପୋଲିସଙ୍କୁ ଦେଖି ଜୁଆଡ଼ିମାନେ ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ । ସେମାନେ ୦୬ ଜଣଙ୍କୁ ଧରିପାରିଲେ । ସେମାନଙ୍କ ପରିଚୟ ପଚାରିବାରୁ ସେମାନେ ସେମାନଙ୍କର ନାମ ଏବଂ ଠିକଣା ୧. ସର୍ବେଶ୍ୱର ଜାଲ୍ଲୀ (୪୫), ଗବପଦର ଗ୍ରାମର ସ୍ୱର୍ଗତ ମେଘନାଦ ଜାଲ୍ଲୀଙ୍କ ପୁଅ, ୨.ନୀଳମଣି ବେହେରା (୩୮), ଗବପଦର ଗ୍ରାମର ଦନେଇ ବେହେରାଙ୍କ ପୁଅ, ୩. ଟୁନା ବେହେରା (୩୧), ଗବପଦର ଗ୍ରାମର ପଂଚାନନ ବେହେରାଙ୍କ ପୁଅ, ୪. ପବିତ୍ର ଦାସ (୪୭), ଗବପଦର ଗ୍ରାମର ବାଉରୀବନ୍ଧୁ ଦାସଙ୍କ ପୁଅ, ୫. ରଞ୍ଜନ ବିଶୋଇ (୨୪), ଡୋଟାପଦ୍ମ ଗ୍ରାମର ପଙ୍କଜ ବିଶୋଇଙ୍କ ପୁଅ ଏବଂ ୬. ସୀମାଂଚଳ ସାହୁ (୩୪), ସୁବୁଦ୍ଧିପାଟଣା ଗ୍ରାମର ବୃଜ ସାହୁଙ୍କ ପୁଅ ସମସ୍ତେ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଥାନା ଅଂଚଳର । ପଚାରାଉଚରା କରିବାରୁ ସେମାନେ ସ୍ୱୀକାର କରିଥିଲେ ଯେ ସେମାନେ ଟଙ୍କା ବାଜି ଲଗାଇ ଖେଳୁଥିଲେ । ଉକ୍ତ ଜୁଆ କାର୍ଯ୍ୟକଳାପ ସମାଜ ଉପରେ କ୍ଷତିକାରକ ପ୍ରଭାବ ପକାଇଥାଏ, ଅଂଶଗ୍ରହଣକାରୀଙ୍କ ପରିବାର ସଦସ୍ୟଙ୍କ ଆର୍ଥିକ ଏବଂ ସାମାଜିକ କ୍ଷତି କରିଥାଏ ଏବଂ ସେମାନଙ୍କ ଭବିଷ୍ୟତ ଏବଂ ଜୀବିକା ନଷ୍ଟ କରିଥାଏ । ଉକ୍ତ ଅଭିଯୁକ୍ତମାନଙ୍କ ଠାରୁ ଘଟଣାସ୍ଥଳରୁ ୧୦୪ ଟି କାର୍ଡ ନମ୍ବର, ବିଭିନ୍ନ ମୂଲ୍ୟର ୧୦୨୭୪ /- ଟଙ୍କା ଜବତ କରିଥିଲେ । ବାଲୁଗାଁ ପି.ଏସ୍. କେଶ୍ ନଂ. ୨୭୨/ ୧୭.୦୬.୨୦୨୬ ୟୁ/ଏସ୍-୦୩ ଓପିଜି ଆକ୍ଟରେ ଗିରଫ କରାଯାଇଥିବାର ବାଲୁଗାଁ ଆଇ ଆଇ ସି ଶ୍ରଦ୍ଧା ନାୟକଙ୍କ ଠାରୁ ପ୍ରକାଶ ।

ସମୟ ଆରମ୍ଭ

SEITHO ARAMBHA

ଗୁରୁବାର, ୧୮ ଜୁନ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ସିନାପାଲି ମଣ୍ଡିରେ ଧାନ କ୍ରୟ ବନ୍ଦ: ରାସ୍ତା ଅବରୋଧ ଚେତାବନୀ ଦେଲେ ଚାଷୀ

ସିନାପାଲି, ୧୭/୦୬ (ଆ.ପ୍ର) : ସିନାପାଲି ବୁଲ ସବର ଧାନ ମଣ୍ଡିରେ ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ କରାଯାଇନଥିବାରୁ ଚାଷୀମାନେ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଟୋକନ ଅନୁସାରେ ଧାନ ମଣ୍ଡିରେ ଉଖି ଦୀର୍ଘଦିନ ଧରି ଅପେକ୍ଷା କରୁଥିବା ସତ୍ତ୍ୱେ ଏଯାଏଁ କୌଣସି ମଧ୍ୟ ଚାଷୀଙ୍କ ଧାନ କ୍ରୟ କରାଯାଇନଥିବା ଅଭିଯୋଗ ହୋଇଛି । ମଣ୍ଡି ପରିଚାଳନାରେ ଅବ୍ୟବସ୍ଥା ସାମ୍ନାକୁ ଆସିବା ଯୋଗୁଁ ଚାଷୀମାନେ ନାଜା ସାମ୍ବାଦିକ ସମ୍ମିଳନୀ ଡେକଥିବା କହିଛନ୍ତି । ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ଧାନ ଗଡା ହୋଇ ରହିଥିଲେ ମଧ୍ୟ ରୁୟ ପ୍ରକ୍ରିୟା ଆରମ୍ଭ କରାଯାଇନାହିଁ । ପାସେଲ ଅଧିକାରୀ ଓ ଯୋଗାଣ ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସଦ୍ଗତ୍ମକ ପଦକ୍ଷେପ ନିଆଯାଇନଥିଲି । ଟୋକନର ଅବଧି ଶେଷ ହେଉଛୁ ବସିଥିବାରୁ ବର୍ଷଛର ପରିଶ୍ରମ ଜଳଳି ଯାଇଥିବା ଆଶଙ୍କାରେ ଚାଷୀମାନେ ଚିନ୍ତିତ ଅଛନ୍ତି । ଏହି ପରିସ୍ଥିତିରେ ସିନାପାଲି ଅଂଚଳର ଚାଷୀମାନେ ଏକତ୍ରିତ ହୋଇ ତତ୍ସମ୍ବନ୍ଧରେ ସ୍ଥାନୀୟ ପ୍ରଶାସନକୁ ଅବଗତ କରିଥିଲେ । ଚାଷୀଙ୍କ ଅଭିଯୋଗ ଶୁଣିବା ପରେ ତହସିଲଦାର ଶୁଭ୍ର ଶାଶ୍ୱତ ମିଶ୍ରମାନଙ୍କ ସହ ଆଲୋଚନା କରି ମଣ୍ଡିରୁ ଧାନ ଉଠାଇବା ପାଇଁ ଅତ୍ୟଶୀଘ୍ର ବ୍ୟବସ୍ଥା ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପଟେ ଚାଷୀ ନେତା ପ୍ରମୋଦ କୁମାର ପ୍ରଧାନ ଯୋଶୀ ଓ ଗାଡେନ ମେହେର ପ୍ରମୁଖ ଚେତାବନୀ ଦେଇଛନ୍ତି ଯେ, ଆସନ୍ତାକାଲି ମଧ୍ୟରେ ଧାନ ଉଠାଣ ବ୍ୟବସ୍ଥା ନହେଲେ ଚାଷୀମାନେ ମଣ୍ଡି ସମ୍ମୁଖରେ ରାଜପଥ ଅବରୋଧ କରି ବ୍ୟାପକ ଆନ୍ଦୋଳନ କରିବେ । ଆନ୍ଦୋଳନ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ସେଥିପାଇଁ ପ୍ରଶାସନ ଓ ଯୋଗାଣ ବିଭାଗ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି ।

ବିକାଶର ଧାରା ଓଡ଼ିଶା ସାରାର ଦୁଇ ବର୍ଷ ପୂର୍ତି ଉପଲକ୍ଷେ ବ୍ଲକ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ

ଦଶପଲ୍ଲା, ୧୭/୦୬ (ଆ.ପ୍ର) : ରାଜ୍ୟ ସରକାରଙ୍କ ଆଭିମୁଖ୍ୟ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ସଫଳ ଦୁଇ ବର୍ଷ ପୂର୍ତି ଅବସରରେ ଆଜି ଦଶପଲ୍ଲା ବ୍ଲକ ପରିସରରେ ଦଶପଲ୍ଲା ବ୍ଲକ ର ଏକିଟିଫେଲୋ ସଂଜୀବନୀ ମାଝୀଙ୍କ ତତ୍ୱାବଧାନ ରେ ଏକ ସ୍ମରଣ ସଂଗ୍ରାମ ସମିତି ସ୍ତରୀୟ ସମ୍ମିଳନୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଆକାଂକ୍ଷୀ ବ୍ଲକ ଯୋଜନାର ଅଂଶବିଶେଷ ଭାବେ ଆୟୋଜିତ ଏହି ସମ୍ମିଳନୀରେ ସ୍ଥାନୀୟ ଅଂଚଳର ବିକାଶ ଓ ଆଗାମୀ ରୂପରେଖ ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଛି । ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ୍ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗୁଛିତ ଗାଉଡ଼, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ୍ ର ଯୁଗ୍ମ ନିର୍ଦ୍ଦେଶକ ବିଦ୍ୟାଧର ନାୟକ, ସଂପତ୍ତକ ପ୍ରତିନିଧି ଭାବେ ଜିଲ୍ଲୋର ଚନ୍ଦ୍ର ଦଳବଡେହେରା, ଏଡିଡିଓ ଗୋବିନ୍ଦ ଚନ୍ଦ୍ର ଦାସ, ବ୍ଲକ ଏଞ୍ଜନ ସଂଗଠନ ଲୋକ, ଜେପିଡି ଜଳ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପୂର୍ଣ୍ଣମାସୀ ଦେବୀ ପ୍ରମୁଖ ଅତିଥି ଗ୍ରୁପେ ଯୋଗଦେଇ ଥିଲେ । ଉଦ୍ଘାଟନରେ ମଂଚାସୀନ ଅତିଥି ମାନେ ଦଶପଲ୍ଲା ବ୍ଲକ ଅଂଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ମୌଳିକ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଗତ ଦୁଇ ବର୍ଷ ମଧ୍ୟରେ ହୋଇଥିବା ଅଗ୍ରଗତି ସମ୍ବନ୍ଧରେ ସବିସ୍ତାର ତଥ୍ୟ ପ୍ରଦାନ କରାଯାଇଥିଲା । ଏଥି ସହିତ ପ୍ରୋଜେକ୍ଟର ମାଧ୍ୟମରେ ମଧ୍ୟ ବିଭିନ୍ନ ସଫଳତାର ଚିତ୍ର ଓ ତଥ୍ୟ ପ୍ରଦର୍ଶନ କରାଯାଇଥିଲା ।

ପୁରୀ ପାନ୍ଥନିବାସରେ ରଜପର୍ବ ପାଳିତ

ପୁରୀ, ୧୭/୦୬ (ଆ.ପ୍ର) : ପୁରୀ ପାନ୍ଥନିବାସରେ ତତ୍ରିବାର ତିନ ପୂର୍ତ୍ତାନ୍ତରେ ରଜପର୍ବ ପାଳିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସକ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିକଳାଧକ ଲୋକ, ଶ୍ରୀମନ୍ଦିର ନିତୀ ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି, ଉପ ପ୍ରଶାସକ ରଞ୍ଜନ କୁମାର ବେହେରା, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ପାନ୍ଥନିବାସ ପରିଚାଳକ ଚନ୍ଦ୍ର କାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶାର ଗଣପର୍ବ ରଜ ସମ୍ପର୍କରେ ପର୍ଯ୍ୟଟକ ମାନଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ପୋଟପିଠା ସହ ଅନ୍ୟାନ୍ୟ ପିଠା ଓ ଖାଦ୍ୟ ଯାନ ଇତ୍ୟାଦି ପ୍ରଦର୍ଶନ ଓ ପ୍ରଦାନ କରାଯାଇଥିଲା । ଦୋଳିର ବ୍ୟବସ୍ଥା କରାଯାଇଥିଲା ଯାହା ପିଲା ଓ ମହିଳା ମାନଙ୍କୁ ବିଶେଷ ଆକୃଷ୍ଟ କରିଥିଲା । ପାନ୍ଥନିବାସର କର୍ମଚାରୀ ମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।ଅତ୍ରେ ।

ପହଞ୍ଚା ଉଚ୍ଚ ବିଦ୍ୟାଳୟର ୨୦୦୭ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ

ନିଆଳୀ, ୧୭/୦୬ (ଆ.ପ୍ର) : ଜଟକ ଜିଲ୍ଲା ନିଆଳୀ ବ୍ଲକ ଅନ୍ତର୍ଗତ ପହଞ୍ଚା ଉଚ୍ଚବିଦ୍ୟାଳୟର ୨୦୦୭ ମସିହା ବ୍ୟାଚ୍‌ର ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ଉଦ୍ୟମରେ ବିଦ୍ୟାଳୟ ପରିସରରେ ଏକ ଆତ୍ମୀୟପୂର୍ଣ୍ଣ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୧୯ ବର୍ଷ ପରେ ସହପାଠୀମାନଙ୍କର ଏହି ମିଳନ ଉତ୍ସବ ସମସ୍ତଙ୍କ ମଧ୍ୟରେ ଏକପ୍ରକାର ସୃତି, ଭାବନା ଓ ଆନନ୍ଦର ଏକ ଅନନ୍ୟ ପରିବେଶ ସୃଷ୍ଟି ହୋଇଥିଲା । ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଚନ୍ଦନ, ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ଜରି ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଉପସ୍ଥିତ ଥିବା ଶିକ୍ଷକମାନେ ନିଜ ଅନୁଭୂତି ବ୍ୟକ୍ତ କରି ପୂର୍ବତନ ଛାତ୍ରଛାତ୍ରୀମାନଙ୍କ ସଫଳତାରେ ସନ୍ତୋଷ ପ୍ରକାଶ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବନ୍ଧୁ ମାନେ ଅନେକ ଦିନ ପରେ ପରସ୍ପରକୁ ଏକାଠି ପାଇ ସୁଖଦୁଃଖର ଆଦାନ ପ୍ରଦାନ କରିଥିଲେ । ଜୀବନରେ ସାଙ୍ଗକୁ କେତେ ଭୁଲି ହୁଏ ନାହିଁ । ସାଙ୍ଗ ଗରିବ ହୋଇଥାଉ କିମ୍ବା ଦେଶର ସର୍ବୋଚ୍ଚ ଶ୍ରମତାରେ ଥାଉ, ସାଙ୍ଗ ଟି ସାଙ୍ଗ । ଏମିତି ବି ସମୟ ଆସେ ଯାହା ସାଙ୍ଗ ସାଙ୍ଗ ମଧ୍ୟରେ ଦୂରତା ସୃଷ୍ଟି କରିଥାଏ । ସାଙ୍ଗ କଥା ମନେଥାଏ ହେଲେ କର୍ମକ୍ଷେତ୍ରରେ କାର୍ଯ୍ୟ ବ୍ୟସ୍ତତା ହେତୁ କିମ୍ବା କୌଣସି କାରଣ ବଶତଃ ହେଉ ସାକ୍ଷାତରେ ପୂରତ୍ୱ ସୃଷ୍ଟି ହୋଇଥାଏ । ପୁଣି ଦିନ ଆସେ ଏକତ୍ର ମିଳନ ହେବାପାଇଁ । ଛାତ୍ର ଛାତ୍ରୀ ମାନେ ପରସ୍ପର ମଧ୍ୟରେ ଜିଗାର ଦିନର ଘଟଣାଚକ୍ରକୁ ଉପସ୍ଥାପନ କରିଥିଲେ । ପୁରାତନ ଛାତ୍ରଛାତ୍ରୀ ମାନେ ମିଶି ଏକ ଅଦ୍ଭୁତ ବନ୍ଧନ ସୃଷ୍ଟି କରିବା ସହିତ ଜିଲ୍ଲଟି ଭାଙ୍ଗରେ ସ୍ମରଣ ପରିବେଶ ସୃଷ୍ଟି କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନେ ନିଜକୁ ସମାଜ ସେବାରେ ନିୟୋଜିତ କରିବା ସହିତ ବିଦ୍ୟାଳୟର ଜିଇଁ ଉନ୍ନତି ହୋଇପାରିବ ସେନେଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ । ପହଞ୍ଚା ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରି ପୁରାତନ ପିଲାମାନଙ୍କ ମଧ୍ୟରୁ ବହୁତ ଛାତ୍ରଛାତ୍ରୀ ଉଚ୍ଚ ଆସନରେ ପହଂଚି ପାରିଥିବା ପିଲାମାନେ ବଂଚୁ କରିଛନ୍ତି । ଶିକ୍ଷକମାନଙ୍କ ଆର୍ଶୀବାଦ ସେମାନଙ୍କୁ ବଡ ମଣିଷ କରିପାରିଛି ବୋଲି ମାନରେ ଆମ୍ ସନ୍ତୋଷ ଲାଭ କରିଛନ୍ତି ବୋଲି ଛାତ୍ରଛାତ୍ରୀ ମତ ପ୍ରକାଶ କରିଛନ୍ତି ।ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଶ୍ୱ ପାଣିପାଗ ପରିବର୍ତ୍ତନ, ବୃକ୍ଷରୋପଣ ଉପରେ ସବିଶେଷ ଆଲୋଚନା କରାଯାଇଥିଲା । ସମସ୍ତ ଛାତ୍ରଛାତ୍ରୀମାନେ ବୃକ୍ଷ ରୋପଣ କରିବାକୁ ନିଷ୍ପତ୍ତି କରିଥିଲେ । ଏହି ବନ୍ଧୁ ମିଳନ ଉତ୍ସବକୁ ପରିଚାଳନା କରିଥିବା ବିପ୍ଳି ରାଜନ ଛାତ୍ରଛାତ୍ରୀ ମାନ ପ୍ରକାଶ କରିଛନ୍ତି ।ଛାତ୍ରଛାତ୍ରୀମାନଙ୍କ ଉଦ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଦିଆଯାଇଥିବା ଆର୍ଥିକ ସହାୟତା ରାଶିରେ ଏକ ଅସହାୟ ଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଅବସରରେ ପୁରାତନ ପିଲାମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଏକ ଫଳଦାୟୀ ବୃକ୍ଷ ରୋପଣ କରାଯାଇଥିଲା । ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟର ଉନ୍ନତି ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟର ଉନ୍ନତି ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟର ଉନ୍ନତି ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ, ଜଣେ ଗୁରୁତର

ପାନ୍ଥପୁର, ୧୭/୦୬ (ଆ.ପ୍ର) : ବ୍ରହ୍ମପୁର ପୋଲିସ ଜିଲ୍ଲା ଜରଡା ଥାନା ଅନ୍ତର୍ଗତ ନଈଗାଁ ଗ୍ରାମରେ ପୂର୍ବ ଶତ୍ରୁତାକୁ ଲେଖି ଜରି ବୁଧବାର ଏକ ମରଣାନ୍ତକ ଆକ୍ରମଣ ପଟିଥିବା ଜଣାପଡ଼ିଛି । ଏହି ଆକ୍ରମଣରେ ଶାନ୍ତି ବେହେରା ନାମକ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ଚିକିତ୍ସା ପାଇଁ ଚିକିତ୍ସା ହସ୍ପିଟାଲରେ ଭର୍ତି କରାଯାଇଛି । ପୋଲିସ ପକ୍ଷରୁ ସୂଚନା ଅନୁଯାୟୀ ଦାର୍ଘ ଦିନ ଧରି ଆକ୍ରମଣକାରୀ ବିପିନ ବେହେରା ଓ ଶାନ୍ତି ବେହେରାଙ୍କ ମଧ୍ୟରେ ଚାଲିଆସୁଥିବା ଏକ ବିବାଦକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ବୁଧବାର ସାମାନ୍ୟ କଡାରା ଆରମ୍ଭ ହୋଇଥିଲା । ପରେ ଏହା ଉଗ୍ର ରୂପ ଧାରଣ କରିଥିଲା । ବିପିନ ବେହେରା ଏକ ଧାରୁଆ ଅସ୍ତ୍ରରେ ଶାନ୍ତି ବେହେରାଙ୍କ ଉପରେ ଆକ୍ରମଣ କରିଥିବା ଜଣାପଡ଼ିଛି । ଫଳରେ ଶାନ୍ତି ବେହେରା ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଶାନ୍ତି ବେହେରାଙ୍କୁ ତୁରନ୍ତ ଚିକିତ୍ସା ମେଡ଼ିକାଲକୁ ସ୍ଥାନାନ୍ତର କରିଥିବା ବେଳେ ସେଠାରୁ ଡାକ୍ତର ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି । ଶାନ୍ତି ବେହେରାଙ୍କ ଉପରେ ଆକ୍ରମଣ ପରେ ଆକ୍ରମଣକାରୀ ବିପିନ ବେହେରା ଜେ ନୁଆଗାଁ ଥାନାରେ ପହଂଚି ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି । ଖବର ପାଇ ଜରଡା ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବାବେଳେ ଘଟଣାର ପ୍ରକୃତ କାରଣ ଏବଂ ଆକ୍ରମଣର ପୃଷ୍ଠଭୂମି ସମ୍ପର୍କରେ ଅଧିକ ଖୋଜତାଡ଼ ଚାଲିଛି ବୋଲି ଜରଡା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଘଟଣା ପରେ ନଈଗାଁ ଓ ଆଖପାଖ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି ।

ଜଗତସିଂହପୁର ଜିଲ୍ଲା, ବାଣିକ୍ଷେତ୍ର ନାଟ୍ୟ ପରିଷଦକୁ ସମ୍ବର୍ଦ୍ଧନା

ଜଗତସିଂହପୁର, ୧୭/୦୬ (ଆ.ପ୍ର) : ସଂସ୍କାର ଭାରତୀ ପୂର୍ବ ଆଞ୍ଚଳିକରେ ଏବଂ ଓଡ଼ିଶା ଭାଷାସାହିତ୍ୟ ଓ ସଂସ୍କୃତି ବିଭାଗ ସଂସ୍ଥାନୀୟକ ଏକାଡେମୀ ତରଫରୁ ,ଜଗତସିଂହପୁର ସଂସ୍କୃତି ଭବନ ରେ ସମ୍ବାର୍ଦ୍ଧିତ କରାଯାଇଥିଲା,ଜିଲ୍ଲାର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଗାଣୀ କ୍ଷେତ୍ର ନାଟ୍ୟ ପରିଷଦ । ପରିବେଷଣ କରିଥିବା ନାଟକ - ଜାହାଣ୍ଡାର, ଏଙ୍ଗାର ଉତରା କରିଥିବେ ଅଧ୍ୟକ୍ଷ ଶରତ ଚନ୍ଦ୍ର ମଜାରାଣା । ନିର୍ଦ୍ଦେଶନା -ଦେଇଥିଲେ - ଶୁଶାନ୍ତ କୁମାର ଦାସ,- ଅଜନିର୍ଦ୍ଦେଶନସ୍ତ - ଭବ୍ଲନ ଚଂଚଳ ମଜାରି, ଗାଣିକ୍ଷେତ୍ର ନାଟ୍ୟ ପରିଷଦର ଉପଦେଷ୍ଟା ମଣ୍ଡଳୀ ଦେମନ୍ତ ଉଥ, ଶିଶିର ମିଶ୍ର, ପ୍ରଦୀପ୍ତ ଚୌଧୁରୀ,ନୂତନ ଉପଦେଷ୍ଟା ମଧୁସୂଦନ ସାହୁ, ସମ୍ପାଦକ ବିପିନି କୁମାର ସେଠୀ, ନାଟ୍ୟକର ଅଜିନୟ କରିଥିବା କଳାକାରମନେ ଶାନ୍ତି ପ୍ରିୟା ସ୍ୱାଇଁ, ଦର୍ଶା ପଟ୍ଟନାୟକ, ବିଦ୍ୟା ଦାସ, ତରୁଣ ଭାଉରାରା, ଅଶ୍ରୁୟ ଦାସ, ବିପିନି ସେଠୀ, ରବିକାନ୍ତ ସାହୁ,ସୁରେଶ ପ୍ରଧାନ,ସୋମ୍ୟ, ପ୍ରଯୋଧନ ଭାଉର, ଆପୁରା ସହଯୋଗୀତାରେ ରାଣିକ୍ଷେତ୍ର ପରିଷଦ ।

ଉଦଳାରୁ ଅନୁଗୁଳ ସଂଯୋଗ କରିବ ଯୋଗମାୟା

ଛାତଡିହି, ୧୭/୦୬ (ଆ.ପ୍ର) : ଛାତଡିହି ଏପରି ଏକ ଖବର ସୂଚନାରୁ ପାଇବା ପରେ ଅଂଚଳ ବାସୀ ବେଶ ଖୁସି ହୋଇଛନ୍ତି । ଯାହାଙ୍କି ଅନେକ ଲୋକ ଉଦଳାରୁ ଢେଙ୍କାନାଳ ଦେଇ ଅନୁଗୁଳ ଯିବା ଏବେ ସହଜ କରିବ ଘରୋଇ ବସ୍ ଯୋଗମାୟା । ସେଉଁ ଲୋକମାନେ ଜପିଳସ, ଯୋରଦା ଯିବାକୁ ଆସୁର ପ୍ରକାଶ କରୁଥିଲେ ସେ ଏହି ବସ ମାଧ୍ୟମରେ ସେବା ପାର ପାରିବେ । ଏହା ଦ୍ୱାରା । ଲୋକ ମାନଙ୍କରେ ଯାଜପୁର ଜିଲ୍ଲାର କଳିଙ୍ଗନଗର ଓ ଜେନ୍ତୁରେ ଜିଲ୍ଲାର ବାଲେଶ୍ୱର ଜିଲ୍ଲାକୁ ସଂଯୋଗ କରିଥିବାରୁ ଲୋକମାନଙ୍କ ପାଇଁ ବେଶ୍ ଯାତାୟାତର ସୁବିଧା ହେବ ବୋଲି ବସ ମାଲିକ ସମିତି ସଭାପତି କୁମାର ନାୟକ କହିଥିଲେ । ଏହି ବସଟି ବୁଧବାର ଦିନ ସଜ୍ଜାଘରକ ମା ସତ୍ୟବତୀ ନାୟକ ଝେନାପତି ଚାରିଣୀ ମନ୍ଦିର ନିକଟରୁ ଉଦଘାଟନ କରିଥିଲେ । ଏହି ଶୁଭାରମ୍ଭ ସମୟରେ ବଟଂଚା ସଂଚାୟତ ସୁଧାକର ଗାଉତଙ୍କ ସହ ଅନ୍ୟ ସହଯୋଗୀ ମାନେ ରହିଥିଲେ ।

ଭଦ୍ରକରେ ପିଆଇବି ପକ୍ଷରୁ ଆଂଚଳିକ ଗଣମାଧ୍ୟମ କର୍ମଶାଳା ଅନୁଷ୍ଠିତ

ଭଦ୍ରକ, ୧୭/୦୬ (ଆ.ପ୍ର) : ରାଜ୍ୟ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଅଧୀନସ୍ଥ ପ୍ରେସ ଇନଫରମେସନ ବ୍ୟୁରୋ (ବାଲେ), ଭୁବନେଶ୍ୱର ପକ୍ଷରୁ ଆଜି ଭଦ୍ରକରେ ଏକ ଆଂଚଳିକ ଗଣମାଧ୍ୟମ କର୍ମଶାଳା (ଜଳ-ଶସଙ୍କଭଲବଷ ଗରଯସବଦ ଚତ୍ରବଳନଷଖଦ୍ରକ୍ରତ୍ରୁ) ଆୟୋଜିତ ହୋଇଥିଲା । 'ବିକଶିତ ଭାରତ ୨୩୦୪୨' ଅଭିଯାନକୁ ଲେନ୍ଦ୍ର କରି ଆୟୋଜିତ ଏହି କର୍ମଶାଳାରେ ଗଣମାଧ୍ୟମର ଦାୟିତ୍ୱ, ସରକାରୀ ଯୋଜନାର ସଠିକ୍ ପ୍ରଚାର ଏବଂ ଲ୍ଲାଷ୍ଟ ତଥ୍ୟର ମୁକାବିଲା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ଭଦ୍ରକ ଲୋକସଭା ସାଂସଦ ଅରିନମ୍ୟ ସେଠୀ, ଭଦ୍ରକ ବିଧାୟକ ତଥା ଓଡ଼ିଶା ଯୋଜନା ବୋର୍ଡର ଅଧକ୍ଷ ଶିଂଶୁ ଷେଖ ମଜାହାତୁ, ଭଦ୍ରକ ଜିଲ୍ଲାପାଳ ବିମାପା ଗାଉତରାୟ, ଜିଲ୍ଲା ପରିଷଦ ପିଡି ସୁଲେଟ୍ଟ ସାମଲ, ପିଆଇ ବି ଡାଇରେକ୍ଟର ଅଞ୍ଜଳ କୁମାର ମିଶ୍ର, ବରିଷ୍ଠ ଡାଇରେକ୍ଟର ପ୍ରତାପ କୁମାର ଚୌଧୁରୀ, ସାହିତ୍ୟିକ, କଳାକର ପଦ୍ମିତ୍ର ପାଣିଗ୍ରାହୀ ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥି ମାନେ ଯୋଗଦେଇଥିଲେ । ଅତିଥିମାନେ ଗଣମାଧ୍ୟମକୁ ଉଣ୍ଡରତ୍ତର ତତ୍ୱପୂର୍ଣ୍ଣ ଓ୍ଚତ୍ର ଦେଇ ଅଭିନିବ ଜରି ସାମାଜିକମାନଙ୍କ ନିଶା, ନିରାପେକ୍ଷତା ଓ ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ । ବକ୍ତାମାନେ କହିଥିଲେ ଯେ, ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସଠିକ୍ ସୂଚନା ସାଧାରଣ ଲୋକଙ୍କ ପାଖରେ ପହଂଚାଇବାରେ ଗଣମାଧ୍ୟମର ଭୂମିକା ଅତିଗୁରୁତ୍ୱପୂର୍ଣ୍ଣ । ଡିଜିଟାଲ ଯୁଗରେ ସୋସ୍ୟାଲ ମିଡ଼ିଆ ଏବଂ ଭ୍ରାମ୍ୟମାଣ ପ୍ରଚାରକୁ ଗୋଳିକା ପାଇଁ ତଥ୍ୟ ଯାଂଚ (ବକମଷ ଭଶ୍ଚଜମଜ) ଏବଂ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତା ଅତ୍ୟନ୍ତ ଜରୁରୀ ବୋଲି ସେମାନେ ମତ ପ୍ରକାଶ କରିଥିଲେ । କର୍ମଶାଳାରେ ଜିଲ୍ଲାର ବିଭିନ୍ନ ପ୍ରିଂଟ, ଇଲେକ୍ଟ୍ରୋନିକ ଏବଂ ଡିଜିଟାଲ ମିଡିଆର ସାମ୍ବାଦିକମାନେ ଯୋଗଦେଇଥିଲେ । ଶେଷରେ ପ୍ରଶ୍ନୋତର ପର୍ବ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା ।

ବସୁମତି ସ୍ନାନରେ ମା' ଭଗବତୀଙ୍କ ରାଜରାଜେଶ୍ୱରୀ ବେଶ ସୁନାରୂପାର ଅଳଙ୍କାରରେ ଝଲସିଲେ ମା' ସାଆନ୍ତାଣି

ଚିରିଲା/ ବାଶପୁର, ୧୭/୦୬ (ଆ.ପ୍ର) : ଓଡ଼ିଶାର ଉତ୍ତରପର୍ବ ରଜ । ଶେଷ ତଥୁର୍ଥ ଦିନଟି ବସୁମତି ସ୍ନାନ ବା ପାଲୁଣାଣୀ ବୁଢ଼ ରାତରେ ପବନ କରାଯାଏ । ପ୍ରାଚୀନ କାଳରୁ ପ୍ରଚଳିତ ଓଡ଼ିଆ ଘରର ପରମ୍ପରାନୁସାରେ ରଜତତା ନାରୀମାନେ ତିନିଦିନ ଅଖାଏଁ ଏକ ବସ୍ତ୍ର ପିନ୍ଧି ସଂପୂର୍ଣ୍ଣ ଅଲଗା ରହି ଚତୁର୍ଥଦିନରେ ପ୍ରତ୍ୟୁଷରୁ ତେଲ ହଳଦୀ ଲଗାଇ ମହାସ୍ନାନ କରି ନୂତନ ବସ୍ତ୍ର ପରିଧାନ ପରେ ଗୃହକାର୍ଯ୍ୟରେ ଯୋଗ ଦିଅନ୍ତି । ମାନବୀୟ ଲାବଣ୍ୟ ଆଜ ଏକ ବିଶ୍ୱାସ ଅନୁସାରେ ମା'ଭଗବତୀଙ୍କୁ ମଧ୍ୟ ଏହି ପାଠରେ ଜଣେ ଓଡ଼ି

ସେଇଠୁ
ଆରମ୍ଭ
SEITHO ARAMBHA

ଗୁରୁବାର, ୧୮ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ମେସିଙ୍କ ହ୍ୟାଟ୍ରିକ୍ ଗୋଲ୍‌ରେ ଆର୍ଜେଂଟିନାର ବିଜୟ ଅଭିଯାନ

ନୂଆଦିଲ୍ଲୀ, ୧୭/୬(ନ୍ୟୁ.ଏ): ଫିଫା ବିଶ୍ୱକପ୍ ୨୦୨୬ରେ ଆର୍ଜେଂଟିନା ଧମାକାଦାର ଆରମ୍ଭ କରିଛି । ଗ୍ରୁପ ଷ୍ଟେଜରେ ଆଲଜେରିଆକୁ ୩-୦ ଗୋଲରେ ପରାସ୍ତ କରି ଏକ ଚମତ୍କାର ଆରମ୍ଭ କରିଛି । ଏହି ମ୍ୟାଚରେ ବିଜୟର ନାୟକ ଥିଲେ ଲିଓନେଲ୍ ମେସି । ଯିଏକି ତାଙ୍କର ୨୦୦ତମ୍ ଅନ୍ତର୍ଜାତୀୟ ମ୍ୟାଚରେ ହ୍ୟାଟ୍ରିକ୍ ଗୋଲ୍ ସ୍କୋର କରି ଇତିହାସ ରଚିଛନ୍ତି । ବିଶ୍ୱକପରେ ମେସି ସର୍ବାଧିକ ଗୋଲ୍ ଦେବାରେ ଜର୍ମାନୀର ମିରୋସ୍ଲାଭ୍ କ୍ଲୋସେଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି । ତାଙ୍କ ଗୋଲ ସଂଖ୍ୟା ୧୬ରେ ପହଂଚିଥିଲା । ଏହି ମେସିଙ୍କର ପ୍ରଥମ ବିଶ୍ୱକପ ହ୍ୟାଟ୍ରିକ୍ ଥିଲା । ଆର୍ଜେଂଟିନା ପ୍ରଥମ ଥର ଡିଫେଣ୍ଡିଂ ଚାମ୍ପିଅନ୍ ଭାବରେ ପ୍ରଥମ ବିଶ୍ୱକପ ମ୍ୟାଚ୍ ଜିତିଛି । ୩୮ ବର୍ଷୀୟ ଷ୍ଟାର ପ୍ଲେୟାର ଲିଓନେଲ୍ ମେସି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଗୋଲ୍, ଗୋଲ୍, ଗୋଲ୍... କ୍ୟାରିଅରର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳୁଥିବା ଲିଓନେଲ୍ ମେସି ହ୍ୟାଟ୍ରିକ୍ ଗୋଲ୍ କରି ଆର୍ଜେଂଟିନାକୁ ୩-୦ରେ ଜବରଦସ୍ତ ବିଜୟୀ କରାଇଛନ୍ତି । ଏହା ସହିତ ବିଶ୍ୱକପ ଇତିହାସରେ ଗୋଲର ବଡ଼ ରେକର୍ଡ ନିଜ ନାମରେ କରିଛନ୍ତି । କାନସାସ ସିଟିର ଆରୋହେଡ୍ ଷ୍ଟାଡିୟମରେ ଜିଇଏଚଏ ଫିଲ୍ଡରେ ୬୯,୦୪୫ ଦର୍ଶକଙ୍କ ସମ୍ମୁଖରେ, ମେସି ଏକ ଚମତ୍କାର ହ୍ୟାଟ୍ରିକ୍ ସ୍କୋର କରି ଆର୍ଜେଂଟିନାକୁ ବିଜୟୀ କରାଇଛନ୍ତି । ଏହା ସହିତ ତାଙ୍କର ବିଶ୍ୱକପ ଗୋଲ ସଂଖ୍ୟା ୧୬ରେ ପହଂଚିଛି । ଯାହା ଜର୍ମାନୀର କିମ୍ବଦନ୍ତୀ ଷ୍ଟ୍ରାଇକରେ ମିରୋସ୍ଲାଭ କ୍ଲୋସେଙ୍କ ସର୍ବକାଳୀନ ରେକର୍ଡର ସମକକ୍ଷ । ଏହା ମେସିଙ୍କ ବିଶ୍ୱକପ କ୍ୟାରିୟରର ପ୍ରଥମ ହ୍ୟାଟ୍ରିକ ଥିଲା । ସେ ଟୁର୍ଣ୍ଣାମେଂଟ ଇତିହାସରେ ହ୍ୟାଟ୍ରିକ୍ ସ୍କୋର କରିବାରେ ସବୁଠାରୁ ବୟସ୍କ ଖେଳାଳି ହୋଇ କ୍ରିଷ୍ଟିଆନୋ ରୋନାଲଡ୍ରୋଙ୍କ ରେକର୍ଡ ଭାଙ୍ଗିଛନ୍ତି । ଆର୍ଜେଂଟିନା ପାଇଁ ମ୍ୟାଚ୍ ସୁରୁଖୁରୁରେ ଆରମ୍ଭ ହୋଇନଥିଲା । ୫ମ ମିନିଟରେ ମେସି ବଲ୍ ନେଟରେ ପକାଇଥିଲେ । କିନ୍ତୁ ବିଲ୍ଡ-ଅପରେ ଅଫସାଇଡ୍ ଯୋଗୁଁ ଗୋଲଟି ଅଗ୍ରାହ୍ୟ ହୋଇଯାଇଥିଲା । ଫାରେସ୍ ଚାବି ଗୋଲ କରିବା ପରେ ଆଲଜେରିଆ ମଧ୍ୟ କିଛି ମୁହୂର୍ତ୍ତ ପରେ ଉତ୍ସବ ପାଳନ କରିଥିଲା । କିନ୍ତୁ ଭିଏଆର ତାଙ୍କୁ ଅଫସାଇଡ୍ ଘୋଷଣା କରିଥିଲେ । ପ୍ରଥମ ୧୫ ମିନିଟ୍ ପାଇଁ, ଆଲଜେରିଆ ବିଶ୍ୱ ବିଜେତାଙ୍କୁ ଖୋଲାଖୋଲି ଚ୍ୟାଲେଞ୍ଜ କରିଥିଲା । ବଲ୍ ଉପରେ ନିୟନ୍ତ୍ରଣ ବଜାୟ ରଖିଥିଲା । କିନ୍ତୁ ପରେ ମେସି ତାଙ୍କ କ୍ଲାସ୍ ଦେଖାଇଥିଲେ । ୧୭ତମ ମିନିଟରେ ରୋଡ୍ରିଗୋ ଡି ପାଉଲ୍ ଏକ ଚମତ୍କାର ଥ୍ରୁ ବଲ୍ ଖେଳିଥିଲେ । ଡିଫେଣ୍ଡରମାନଙ୍କ ଚାପ ସତ୍ତ୍ୱେ ମେସି ଚମତ୍କାର ଭାବରେ ବଲକୁ ଉପର କର୍ଣ୍ଣରରେ ପକାଇଥିଲେ । ଆଲେଜଆନ୍ ଗୋଲକିପର ଲୁକା ଜିଦାନଙ୍କ ପାଖରେ ଆଉ ଉତ୍ତର ନଥିଲା । ଏହି ମ୍ୟାଚ୍ ମେସିଙ୍କ ପାଇଁ ଆଉ ଏକ ଐତିହାସିକ ମାଇଲଖୁଂଟ ଥିଲା । ସେ ବିଶ୍ୱକପ୍ ଇତିହାସରେ ୬ଟି ସଂସ୍କରଣରେ ଖେଳିଥିବା ପ୍ରଥମ ଖେଳାଳି ହୋଇଥିଲେ । ସେ ପ୍ରଥମ ଦକ୍ଷିଣ ଆମେରିକୀୟ ପୁରୁଷ ଫୁଟବଲ୍ ଖେଳାଳି ଏବଂ ବିଶ୍ୱର ତୃତୀୟ ପୁରୁଷ ଖେଳାଳି ଭାବରେ ୨୦୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ । ହ୍ୟାଟ୍ରିକ୍ ସହିତ ମେସି ତାଙ୍କ ନାମରେ ଆହୁରି ଅନେକ ରେକର୍ଡ କରିଛନ୍ତି । ତାଙ୍କର ଏବେ ୧୬ ଗୋଲ ଏବଂ ୮ ଆସିଷ୍ଟ ଅଛି ଯାହା ବିଶ୍ୱକପରେ ମୋଟ୍ ୨୪ ଗୋଲ୍ ଅଟେ । ବ୍ରାଜିଲିୟ କିମ୍ବଦନ୍ତୀ ପେଲେଙ୍କ ୨୧ ଗୋଲ୍ ରେକର୍ଡକୁ ଅତିକ୍ରମ କରିଛନ୍ତି । ସେ ଲଗାତାର ୫ଟି ବିଶ୍ୱକପ ମ୍ୟାଚରେ ସ୍କୋର କରିଥିବା ଖେଳାଳିଙ୍କ ତାଲିକାରେ ସାମିଲ ହୋଇଛନ୍ତି । ବିଶ୍ୱକପରେ ପେନାଲ୍ଟି ବକ୍ସ ବାହାରେ ଗୋଲ୍ ସଂଖ୍ୟା ୫ରେ ପହଂଚିଛି ।

ବଡ଼ ବିଜୟ ସହ ତ୍ରି-ପାକ୍ଷିକ ସିରିଜ ଫାଇନାଲରେ ଭାରତ ଏ

ନୂଆଦିଲ୍ଲୀ, ୧୭/୬(ନ୍ୟୁ.ଏ): ପ୍ରଥମେ ବର୍ଷା ଓ ତା’ ପରେ ସୁପର ଓଭର ବିବାଦ ଯୋଗୁ ଝୁଂଟି ଥିବା ଭାରତୀୟ ଏ ଟିମ ଆଜି କମାଲ କରିଛି । ଦଳ ଆଜି ଆଫଗାନିସ୍ତାନ ଏ ଟିମକୁ ବିଶାଳ ୧୦୧ ରନରେ ହରାଇ ତ୍ରିପାକ୍ଷିକ ସିରିଜର ଫାଇନାଲ ଟିକେଟ ହାସଲ କରିଛି । ଦିନକ ପୂର୍ବରୁ ଦଳ ଶ୍ରୀଲଙ୍କା ଏ ଠାରୁ ବେଶ ବିବାଦୀୟ ଢଙ୍ଗରେ ହାରିଥିଲା । ଏହାପରେ ଦଳର ଫାଇନାଲ ପ୍ରବେଶ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । କିନ୍ତୁ ତଳିକ ବର୍ମାଙ୍କ ଭାରତୀୟ ଏ ଟିମ ଆଜି ଚମତ୍କାର ପ୍ରଦର୍ଶନ ସହ ଫାଇନାଲ ଟିକେଟ ହାତେଇଛି । ଭାରତ ଏ ୪ ପଏଂଟ ଓ ଯୁକ୍ତ ୦.୭୯୭ ରନରେଟ ସହ ତାଲିକାର ୧ ନଂ ସ୍ଥାନରେ ପହଂଚି ଯାଇଛି । ପୂର୍ବରୁ ୧ ନମ୍ବରେ ଥିବା ଶ୍ରୀଲଙ୍କା ଏ ଦ୍ୱିତୀୟକୁ ଖସି ଯାଇଛି । ଆଫଗାନିସ୍ତାନ ଏ ପୂର୍ବଭଳି ୩ ନମ୍ବରରେ ରହିଛି । ଗ୍ରୁପ ପର୍ଯ୍ୟାୟର ଶେଷ ମ୍ୟାଚ୍ ଶୁକ୍ରବାର ଆଫଗାନିସ୍ତାନ ଏ ଓ ଶ୍ରୀଲଙ୍କା ଏ ମଧ୍ୟରେ ଖେଳାଯିବ । ଆଫଗାନିସ୍ତାନ ଏ କେବଳ ମ୍ୟାଚ୍ ଜିତିଲେ ମଧ୍ୟ ଫାଇନାଲକୁ ଯାଇ ପାରିବ ନାହିଁ । ଦଳର ରନ ରେଟ ଏବେ ମାଇନସରେ ରହିଛି । ତେଣୁ ଦଳକୁ ବଡ଼ ବିଜୟ ଦରକାର । ଘରୋଇ ଶ୍ରୀଲଙ୍କା ଏ କିନ୍ତୁ ଭଲ ସ୍ଥିତିରେ ରହିଛି । ଦଳ ମ୍ୟାଚ୍ ହାରିଲେ ମଧ୍ୟ ଫାଇନାଲ ଖେଳିବାକୁ ସକ୍ଷମ ହେବ । ଏବେ ଶ୍ରୀଲଙ୍କା ଏ ୪ ପଏଂଟ ପାଇଥିବା ବେଳେ ଦଳର ରନ ରେଟ୍ ୦.୪୯୪ ରହିଛି । ଆଫଗାନିସ୍ତାନର ରନ ରେଟ୍ -୧.୯୮୩ । ତେଣୁ ରବିବାର ଭାରତ ଏ ଓ ଶ୍ରୀଲଙ୍କା ଏ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବାର ସମ୍ଭାବନା ଅଧିକ । ଏପରି ହେଲେ ଭାରତ ଏ ଟିମ ସୁପର ଓଭର ପରାଜୟର ପ୍ରତିଶୋଧ ନେବାକୁ ମଧ୍ୟ ସୁଯୋଗ ପାଇବ । ଆଜିର ମ୍ୟାଚ୍ କଥା ବିଚାରକୁ ନେଲେ ଡମ୍ବୁଲାରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ଏକୁ ଦୁଇ ଓପନର ବୈଭବ ସୂର୍ଯ୍ୟବଂଶୀ ଓ ପ୍ରିୟାଂଶ ଆର୍ଯ୍ୟ ଦମଦାର ଷ୍ଟାର୍ଟ ଦେଇଥିଲେ । ସୂର୍ଯ୍ୟବଂଶୀ ବଡ଼ ଶଟ ଖେଳି ୨୮ ବଲରେ ୩୮ ରନ କରିଥିଲେ । କିନ୍ତୁ ଏହାକୁ ଆଗକୁ ନେଇ ପାରି ନଥିଲେ । ତାଙ୍କ ୱିକେଟ ଫରିଦୁନ ଡାଉଡଜାଇ ନେଇଥିଲେ । କିନ୍ତୁ ପ୍ରିୟାଂଶ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ । ପ୍ରିୟାଂଶଙ୍କ ୫୮, ଅଧିନାୟକ ତିଳକ ବର୍ମାଙ୍କ ୫୯, ତ୍ରିପାକ୍ଷିକ ସିରିଜରେ ପ୍ରଥମ ମ୍ୟାଚ୍ ଖେଳୁଥିବା କୁମାର କୁଶଗ୍ରାଙ୍କ ୫୮, ଋତୁରାଜ ଗାଏକ୍ୱାଡଙ୍କ ୩୦, ଶେଷ ଭାଗରେ ବିପରଜ ନିଗମଙ୍କ ଦ୍ରୁତ ୩୦ ଓ ନିଶାନ୍ତ ସିନ୍ଧୁଙ୍କ ୨୧ ରନ ବଳରେ ଭାରତ ଏ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୩୧୯ ରନ କରିଥିଲା । ୩୨୦ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଆଫଗାନିସ୍ତାନ ଏ ପାଇଁ ପ୍ରଥମ ଅଧିନାୟକ ଇମରାନ ମୀର ୩୨ ରନ ଯୋଡ଼ିଥିଲେ । ଏହାପରେ ମଧ୍ୟକ୍ରମରେ ଫୈଜଲ ଶିନୋଜାଦା ୪୬ ଓ ବହିର ଶାହ ୫୭ ରନ କରିଥିଲେ । କିନ୍ତୁ ବହିର ଆଉଟ ହେବା କ୍ଷଣି ଆଫଗାନିସ୍ତାନ ଏର ବ୍ୟାଟିଂ ଲାଇନ ଅପକୁ ନିଶାନ୍ତ ସିନ୍ଧୁ ତା’ସର ଘର ଭଳି ଭୁଷୁଡ଼ାଇ ଦେଇଥିଲେ । ସେ ଏକାକୀ ୪ ୱିକେଟ ନେବାରୁ ଆଫଗାନିସ୍ତାନ ଏ ୩୬.୫ ଓଭରରେ ୨୧୮ ରନ କରିବାକୁ ସକ୍ଷମ ହୋଇଥିଲା । ଭାରତ ଏ ପାଇଁ ସିନ୍ଧୁଙ୍କ ବ୍ୟତୀତ ଯଶ ଠାକୁର ୨ଟି, ଅଂଶୁଲ କମ୍ବୋଜ, ବିପରଜ ନିଗମ, ସୂର୍ଯ୍ୟାଂଶୁ ଶେଡଗେ ଓ ଅନୁକୂଳ ରୟ ଗୋଟିଏ ଲେଖାଏଁ ୱିକେଟ ପାଇଛନ୍ତି ।

ଟ୍ରମ୍ପଙ୍କୁ ଜୀବନରେ ମାରିବାର ପ୍ଲାନ ଫେଲ୍, ୫ ଗିରଫ

ୱାଶିଂଟନ୍, ୧୭/୬(ନ୍ୟୁ.ଏ): ଆମେରିକାର ଗୁଇନ୍ଦା ଏଜେନ୍ସି ଏଫ୍‌ବିଆଇ ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ହତ୍ୟା କରିବା ନେଇ ଷଡଯନ୍ତ୍ରର କରିଛି ପର୍ଦ୍ଦାଫାଶ । ଗତ ୧୪ ତାରିଖରେ ଟ୍ରମ୍ପଙ୍କ ୮୦ ତମ ଜନ୍ମଦିନ ଅବସରରେ ହ୍ୱାଇଟ ହାଉସରେ ଆୟୋଜିତ ୟୁଏଫ୍‌ସି କେଜ-ଫାଇଟିଂ ଶୋ’ ବେଳେ ଏକ ବଡ ଆତଙ୍କୀ ହମଲାର ଷଡଯନ୍ତ୍ର କରାଯାଇଥିଲା, ଯାହାକୁ ଏଫ୍‌ବିଆଇ ବିଫଳ କରିଛି । ସନ୍ଦିଗ୍ଧଙ୍କ ପ୍ଲାନ୍ ଥିଲା ହ୍ୱାଇଟହାଉସ୍ ଉପରେ ବାରୁଦରେ ଲଦା ଡ୍ରୋନ୍ ଆକ୍ରମଣ କରିବା । ଏହା ପରେ ଜୀବନ ବଂଚାଇବାକୁ ପଳାଇବା ବେଳେ ଲୋକଙ୍କ ଉପରେ ସ୍ନିପରମାନେ କରିଥାନ୍ତେ ଅନ୍ଧାଧୁନ୍ଦ ଗୁଳିମାଡ । ଏହି ମାମଲାରେ ପୋଲିସ ଅଲଗା ଅଲଗା ରାଜ୍ୟରୁ ୫ ସନ୍ଦିଗ୍ଧଙ୍କୁ ଗିରଫ କରିଛି । କୋର୍ଟରେ ଦାଖଲ କରାଯାଇଥିବା ଦସ୍ତାବିଜ ଅନୁସାରେ, ସନ୍ଦିଗ୍ଧ ଖୁବ୍ ବିପଦଜନକ ଷଡଯନ୍ତ୍ର କରିଥିଲା । ପ୍ଲାନ୍ ଅନୁସାରେ, ହ୍ୱାଇଟ ହାଉସର ଉତ୍ତର ଭାଗରେ ବିସ୍ଫୋରକ ଭର୍ତ୍ତି ଡ୍ରୋନ୍‌ରୁ ହମଲା ହୋଇଥାନ୍ତା । ଫଳରେ ସେଠାରେ ଥିବା ରାଜନେତା ଓ ସାଧାରଣ ଲୋକ ଜୀବନ ବଂଚାଇ ବାହାରକୁ ପଳାଇବାକୁ ଚେଷ୍ଟା କରିବା ବେଳେ ପୂର୍ବରୁ ଲୁଚି ରହିଥିବା ସ୍ନାଇପର ମୁଖ୍ୟ ଗେଟ୍‌ରେ ଅନ୍ଧାଧୁନ୍ଦ ଗୁଳିମାଡ କରିଥାନ୍ତେ । ତଦନ୍ତ ଅଧିକାରୀ ସନ୍ଦିଗ୍ଧଙ୍କ ପାଖରୁ ଅତ୍ୟାଧୁନିକ ଓ ଭାରି ମାତ୍ରାରେ ହତିଆର ଜବତ କରିଛି । ଏହାଛଡା ପ୍ରାୟ ୨୦ ଜଣ ଲୋକଙ୍କ ଭିତରେ ହୋଇଥିବା ଏନକ୍ରିପଟେଡ୍ ଚାଟ୍ ମେସେଜ୍ ମିଳିଛି, ଯେଉଁଥିରେ ହ୍ୱାଇଟ ହାଉସର ନକ୍ସା, ଫଟୋ, ଆକ୍ରମଣ ପରେ ଲୁଚିବା ପାଇଁ ‘ସେଫ୍ ହାଉସ’ ଓ ପଳାଇବାର ରାସ୍ତା ନେଇ ଚର୍ଚ୍ଚା ହୋଇଥିଲା । ତଦନ୍ତ ବେଳେ ଜଣାପଡିଛି ଯେ, ଏମାନଙ୍କ ଟାର୍ଗେଟରେ କେବଳ ଟ୍ରମ୍ପ ନୁହେଁ, ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଓ ଟେସଲାର ସିଇଓ ଏଲନ୍ ମସ୍କଙ୍କ ନାଁ ମଧ୍ୟ ଥିଲା । ଏହାଛଡା ଇସ୍ରାଏଲର ସମର୍ଥନ କରୁଥିବା ବହୁ ଆମେରିକୀୟ ସାଂସଦ ଓ ନିର୍ବାଚିତ ଅଧିକାରୀ ମଧ୍ୟ ତାଙ୍କ ଟାର୍ଗେଟରେ ଥିଲେ । ମିଳିଥିବା ସୂଚନା ଅନୁସାରେ, ଏହି ଗ୍ରୁପ୍ ଆମେରିକା ସରକାରରେ ଭ୍ରଷ୍ଟାଚାର, ଡାଟା ସେଂଟର ଓ ସେକ୍ସ କ୍ରିମିନାଲ ଜେଫ୍ରି ଏପଷ୍ଟିନ୍ ମାମଲାକୁ ଚପାଇବାକୁ ନେଇ ଅସନ୍ତୋଷ ଥିଲେ । ତାଙ୍କ ମତରେ ଜ ଏପଷ୍ଟିନ୍ ସହ ଜଡିତ ଲୋକ ଦେଶକୁ ଚଳାଇବାର କୌଣସି ଅଧିକାର ନାହିଁ ।

୨ ବିଏସ୍‌ଏଫ୍ ଯବାନଙ୍କୁ ୪୨ ବର୍ଷ ଜେଲ୍ ଦଣ୍ଡାଦେଶ

ଆଇଜଲ, ୧୭/୬(ନ୍ୟୁ.ଏ): ମିଜୋରାମର ଏକ ଜିଲ୍ଲାର କୋର୍ଟ ୯ ବର୍ଷ ପୁରୁଣା ଏକ ଗଣଦୁଷ୍କର୍ମମାମଲାରେ ଐତିହାସିକ ରାୟ ପ୍ରଦାନ କରିଛନ୍ତି । କୋର୍ଟ ୨୦୧୭ ମସିହାରେ ଜଣେ ସ୍ଥାନୀୟ ମହିଳାଙ୍କ ସହିତ ଗଣଦୁଷ୍କର୍ମ ମାମଲାରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଦୁଇ ଜଣ ଯବାନଙ୍କୁ କଠୋର ଜେଲ ଦଣ୍ଡାଦେଶ ଦେଇଛନ୍ତି । ଆଇଜଲର ଅତିରିକ୍ତ ଜିଲ୍ଲା ଓ ସେସନ୍ ଜଜ ସିଲ୍ଭି ଜୋମୁଆନପୁଇ ରାଲତେ ଦୁଇଜଣ ଯବାନଙ୍କୁ ଗଣଦୁଷ୍କର୍ମ ମାମଲାରେ ଦୋଷୀ ବୋଲି ରାୟ ଦେଇଛନ୍ତି । ସୂଚନାଯୋଗ୍ୟ, ୯ ବର୍ଷ ତଳେ ୨୦୧୭ ମସିହା ଜୁଲାଇରେ ଜଣେ ପୀଡ଼ିତା ନିଜ ବନ୍ଧୁ ସହିତ ବାଂଲାଦେଶ ସୀମା ସ୍ଥିତ ମମିତା ଜିଲ୍ଲାରେ ଗାସ୍କାଚା ନଦୀର ଘଂଚ ଜଙ୍ଗଲକୁ ଜଙ୍ଗଲି ପନିପରିବା ଆଣିବାକୁ ଯାଇଥିଲେ । ସେହି ସମୟରେ ସ୍ଥାନୀୟ ସୀମା ଶିବିରରେ ମୁତୟନ ଯବାନ ନୀଳାଞ୍ଜନ ଦାସ ଓ ଦିନେଶ କୁମାର ଦୁଇ ମହିଳାଙ୍କୁ ଘେରି ଯାଇଥିଲେ । ଯବାନମାନେ ଜଣେ ମହିଳାଙ୍କ ସହିତ ଦୁଷ୍କର୍ମ କରିଥିଲେ । ଏହାପରେ ସେମାନେ ନିଜ ପରିଚୟ ଲୁଚେଇବାକୁ ପୀଡ଼ିତାଙ୍କ ଦୃଷ୍ଟିଶକ୍ତି ନଷ୍ଟ କରିବାକୁ ତାଙ୍କ ମୁହଁ ଉପରେ ଏସିଡ ପକାଇ ଦେଇଥିଲେ । ଏହି ଭୟଙ୍କର ଘଟଣା ପରେ ପୀଡ଼ିତା ବଂଚି ଯାଇଥିଲେ ମଧ୍ୟ ତାଙ୍କ ଦେହେହାସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଓ ସେ ସବୁ ଦିନ ପାଇଁ ଦୃଷ୍ଟିଶକ୍ତି ହରାଇଥିଲେ । ଏହି ଗଣଦୁଷ୍କର୍ମ ସମୟରେ ତାଙ୍କ ବନ୍ଧୁ ରହସ୍ୟମୟ ଭାବେ ନିଖୋଜ ହୋଇଯାଇଥିଲେ । ୧୧ ଦିନ ପରେ ଗ୍ରାମ୍ୟ ପ୍ରତିରକ୍ଷା ପାର୍ଟି ଓ ରାଜ୍ୟ ପୁଲିସ ବହୁ ଖୋଜାଖୋଜି କରିବା ପରେ ପୀଡ଼ିତାଙ୍କ ବନ୍ଧୁର ଗଳିତ ଶବ ଜଙ୍ଗଲରୁ ଉଦ୍ଧାର କରିଥିଲେ । ଯବାନମାନେ ଉକ୍ତ ମହିଳାଙ୍କୁ ହତ୍ୟା କରିଥିବା ପ୍ରମାଣ କରିବାକୁ ବହୁ ଚେଷ୍ଟା କରାଯାଇଥିଲା । କିନ୍ତୁ ପ୍ରମାଣ ଅଭାବରୁ କୋର୍ଟ ଯବାନଙ୍କୁ ହତ୍ୟା ମାମଲାରେ ଦୋଷମୁକ୍ତ କରିଦେଇଥିଲେ । ଏହି ମାମଲାରେ ଯବାନଙ୍କୁ ଧରିବା ରାଜ୍ୟ ପୁଲିସ ପାଇଁ ଖୁବ୍ କଠିନ ଥିଲା । ତେବେ ତଦନ୍ତ ରିପୋର୍ଟ, ୧୮ ସାକ୍ଷୀ ତଥା ମେଡିକାଲ ରିପୋର୍ଟ ଆଧାରରେ ଦୁଇ ଯବାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । କୋର୍ଟ ଆଇପିସିର ବିଭିନ୍ନ ଧାରାରେ ମୋଟ ୪୨ ବର୍ଷ କଠୋର କାରାଦଣ୍ଡାଦେଶ ଓ ୬୦ ହଜାର ଟଙ୍କା ଲେଖାଏଁ ଜରିମାନା ବିଆଯାଇଛି ।

ଆଫଗାନିସ୍ତାନକୁ ୧୭୦ ରନ୍‌ରେ ପରାସ୍ତ କଲା ଭାରତ

ଲକ୍ଷ୍ନୌ, ୧୭/୬(ନ୍ୟୁ.ଏ): ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମୁକାବିଲାରେ ଆଫଗାନିସ୍ତାନକୁ ଭାରତ ୧୭୦ ରନ୍‌ରେ ପରାସ୍ତ କରିଛି । ଲକ୍ଷ୍ନୌର ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଇକାନା କ୍ରିକେଟ୍ ଷ୍ଟାଡିୟମରେ ଆଫଗାନିସ୍ତାନ ୪୦୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା । ଦଳ ୪୪.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୨୩୨ର ରନ୍ ସଂଗ୍ରହ କରିଛି । ଆଫଗାନିସ୍ତାନ ପାଇଁ ରହମତ ଶାହ ସର୍ବାଧିକ ୭୯ ରନ୍ ସଂଗ୍ରହ କରିଥିଲେ । ସିଦ୍ଦିକୁଲ୍ଲା ଅଟଳ ୪୨ ରନ୍, ରହମାନୁଲ୍ଲା ଗୁରବାଜ ୪୧ ରନ୍ ଏବଂ ଇବ୍ରାହିମ ଜର୍ଦାନ ୨୧ ରନ୍ ସଂଗ୍ରହ କରିଥିଲେ । ରସିଦ ଖାନ ୧୨ ରନ୍ ସଂଗ୍ରହ କରିଥିବା ବେଳେ ଅନ୍ୟ ବ୍ୟାଟରଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା । ଭାରତ ପକ୍ଷରୁ ଅର୍ଶଦୀପ ସିଂହ ଏବଂ ଗୁରନୂର ବ୍ରାର ୩-୩ ୱିକେଟ୍ ଅକ୍ତିଆର କରିଥିଲେ । ପ୍ରାନ୍ସ ଯାଦବ ୨ଟି ଏବଂ ୱାସିଂଟନ ସୁନ୍ଦର ଗୋଟିଏ ୱିକେଟ ନେଇଥିଲେ । ଏହି ମୁକାବିଲାରେ ଅତିଥି ଦଳ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଅଧିନାୟକ ଶୁଭମନ ଗିଲ୍‌ଙ୍କ ୧୫୪ ରନ୍ ଏବଂ ଈଶାନ କିଶନଙ୍କ ୧୨୫ ରନ୍ ବଳରେ ଭାରତୀୟ ଟିମ୍ ୪୯.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୪୦୨ ରନ୍ ସଂଗ୍ରହ କରିଥିଲା । ଭାରତର ଇନିଂସ ଆରମ୍ଭ କରିଥିଲେ ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଏବଂ ରୋହିତ ଶର୍ମା । ତେବେ ଘରୋଇ ଦଳକୁ ଆରମ୍ଭରୁ ଝଟକା ଲାଗିଥିଲା । ଦଳ ମାତ୍ର ୯ ରନ୍‌ରେ ଜୟସ୍ୱାଲ (୪ରନ୍)କୁ ହରାଇଥିଲା । ମାତ୍ର ଦ୍ୱିତୀୟ ୱିକେଟରେ ରୋହିତ ଶର୍ମା ଏବଂ ଅଧିନାୟକ ଶୁଭମନ ଗିଲ ୮୭ ରନ୍‌ର ଭାଗିଦାରୀ କରିଥିଲେ । ରୋହିତ ଶର୍ମା ବ୍ୟକ୍ତିଗତ ଭାବେ ୪୮ ରନ୍ ସଂଗ୍ରହ କରିଥିଲେ । ସେ ୩୯ଟି ବଲ୍ ଖେଳି ୬ଟି ଚୌକା ଏବଂ ୨ଟି ଛକା ମାରିଥିଲେ । ତେବେ ଦ୍ୱିତୀୟ ୱିକେଟ୍ ନେବା ପାଇଁ ଆଫଗାନିସ୍ତାନ ବ୍ୟାକୁଳ ହୋଇ ଉଠିଥିଲା । ଶୁଭମନ ଗିଲ ଏବଂ ଈଶାନ କିଶନଙ୍କ ଯୋଡ଼ି ଭାଙ୍ଗିବା ପାଇଁ ଆଫଗାନିସ୍ତାନ ବୋଲରମାନେ ବହୁ ଉଦ୍ୟମ କରୁଥିଲେ । କିନ୍ତୁ ଏହି ଯୋଡ଼ି ଭାଙ୍ଗିଲା ବେଳକୁ ଭାରତର ସ୍କୋର ୩୨୦ ରନ୍‌ରେ ପହଂଚି ସାରିଥିଲା । ଈଶାନ କିଶନ ୧୨୫ ରନ୍ ସଂଗ୍ରହ କରିଥିଲେ । ସେ ୭୯ଟି ବଲ୍ ଖେଳି ୧୪ଟି ଚୌକା ଏବଂ ୭ଟି ଛକା ମାରିଥିଲେ । ଗିଲ ଆଉଟ୍ ହେବା ପୂର୍ବରୁ ୧୫୪ ରନ୍ କରିଥିଲେ । ସେ ୧୧୦ଟି ବଲ୍ ଖେଳି ୨୨ଟି ଚୌକା ଏବଂ ୨ଟି ଛକା ମାରିଥିଲେ । ଯୁବ ବ୍ୟାଟର ଶ୍ରେୟସ ଆୟର ୨୬ ରନ୍, ୱାଶିଂଟନ ସୁନ୍ଦର ୧୯ ରନ୍ କରିଥିବା ବେଳେ ପ୍ରସନ୍ନ ଯାଦବ ୫ ରନ୍ ସଂଗ୍ରହ କରିଥିଲେ । ସେହିପରି ଗୁରନୂର ବ୍ରାର, ଅର୍ଶଦୀପ ସିଂହ ଏବଂ କୁଲଦୀପ ଯାଦବ ୩ ରନ୍ ଲେଖାଏଁ କରିଥିଲେ । ଆଫଗାନିସ୍ତାନ ପକ୍ଷରୁ ନାନଗେୟାଲ୍ତି ଖାରୋଟି ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ । ରସିଦ ଖାନ ୩ଟି ୱିକେଟ୍ ଅକ୍ତିଆର କରିଥିଲା ବେଳେ ଏଏମ୍ ଗଜନଫର ଏବଂ ମହମ୍ମଦ ସଲିମ ସଫିଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା ।

ଶିବସେନାର ୬ ବିଦ୍ରୋହୀ ସାଂସଦ ସିନ୍ଦେଙ୍କୁ ନେତା ମାନି ଲୋକସଭା ବାଚସ୍ପତିଙ୍କୁ ଦେଲେ ଚିଠି

ନୂଆଦିଲ୍ଲୀ, ୧୭/୬(ନ୍ୟୁ.ଏ): ମମତା ବାନାର୍ଜୀଙ୍କ ଟିଏମସି ପରେ ଉଦ୍ଧବ ଠାକରେଙ୍କ ଶିବସେନା(ୟୁବିଟି) ମଧ୍ୟରେ ବିଭାଜନ ନିଶ୍ଚିତ ହୋଇଯାଇଛି । ମହାରାଷ୍ଟ୍ରରେ ଉଦ୍ଧବ ଠାକରେଙ୍କୁ ପୁଣି ଥରେ ବଡ଼ ରାଜନୈତିକ ଝଟକା ଲାଗିଛି । ଶିବସେନା (ୟୁବିଟି)ର ନଅ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ଛଅ ଜଣ ଠାକରେଙ୍କୁ ଛାଡି ନିଜସ୍ୱ ଗୋଷ୍ଠୀଗଠନ କରିବାକୁ ନିଷ୍ପତି ନେଇଛନ୍ତି । ଶିବସେନା (ୟୁବିଟି)ର ଛଅ ଜଣ ସାଂସଦ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଏକ ଚିଠି ଲେଖି ଅନୁରୋଧ କରିଛନ୍ତି ଯେ ସେମାନଙ୍କୁ ଏକ ପୃଥକ ଗୋଷ୍ଠୀ ଭାବରେ ବିବେଚନା କରାଯାଉ । ବାଚସ୍ପତିଙ୍କୁ ଚିଠି ଲେଖିଥିବା ଶିବସେନା (ୟୁବିଟି) ସାଂସଦମାନଙ୍କ ମଧ୍ୟରେ ସଞ୍ଜୟ ଯାଧବ, ସଞ୍ଜୟ ଦେଶମୁଖ, ନାଗେଶ ପାଟିଲ ଅଷ୍ଟିକାର, ଓମରାଜେ ନିମ୍ବାଲକର, ଭାଉସାହେବ ୱାକଚୌରେ ଓ ସଞ୍ଜୟ ଦିନା ପାଟିଲ ଅଛନ୍ତି । ଶିବସେନା (ୟୁବିଟି) ଟିକେଟରେ ଜିତିଥିବା ନଅ ଜଣ ସାଂସଦଙ୍କ ମଧ୍ୟରୁ ଛଅ ଜଣ ଏକନାଥ ସିନ୍ଦେଙ୍କୁ ସମର୍ଥନ କରିଥିବାବେଳେ ତିନି ଜଣଉଦ୍ଧବ ଠାକରେଙ୍କ ସହିତ ରହିଛନ୍ତି । ୫୦ କୋଟି ଟଙ୍କାରେ ସାଂସଦଙ୍କୁ କିଣାଯାଇଥିବା ଏହାପୂର୍ବରୁ ଶିବସେନା (ୟୁବିଟି) ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ ଅଭିଯୋଗ କରିଥିଲେ ।



Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das